୬ ଭାରତ ଆସିବ ପାକିସ୍ତାନ ଟିମ୍ : ମିଳିଲା ମଞ୍ଜୁରୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

[ ମୂଲ୍ୟ : ୨.୦୦ ଟଙ୍କା ] 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୫୬ ● ୪ ଜୁଲାଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-156 ●4th July 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଭୁବନେଶ୍ୱରରେ ଶବରୀ ସାଂସ୍କୃତିକ ପରିଷଦର 'ଶବରୀ ଭବନ' ଉଦ୍‌ଘାଟିତ

# ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ

ଭୁବନେଶ୍ୱର, ୩।୭

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଶବରୀ ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଭୁବନେଶ୍ୱର ସ୍ଥିତ କୋରାପୁଟ, ରାୟଗଡା, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ନିମନ୍ତେ ଶବରୀ ସାଂସ୍କୃତିକ ଭବନ ଉଦ୍‌ଘାଟନ କରିବା ସହିତ ଏହି ସ୍ୱଳ୍ପ ରହଣି ସ୍ଥାନର ଉନ୍ନତିକରଣ ପାଇଁ ୨ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ଏଥିସହିତ ଏହି ଶବରୀ ଭବନର ସମସ୍ତ ଆବଶ୍ୟକୀୟ ନିର୍ମାଣ ପାଇଁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।




ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶବରୀ ଭବନ କେବଳ ଏକ ଆଶ୍ରୟସ୍ଥଳ ନୁହେଁ – ଏହା ଆଦିବାସୀ ଯୁବ ଓ ନେତୃତ୍ୱର ଉଦୟ ପାଇଁ ଏକ ମଞ୍ଚ ହେବ ବୋଲି କହିବା ସହିତ ଆଦିବାସୀ ଭାଇ ଓ ଭଉଣୀମାନଙ୍କ ପାଇଁ ସ୍ୱଳ୍ପକାଳୀନ ରହଣି ସହିତ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟ ପାଇଁ ଏକ କେନ୍ଦ୍ର ଭାବେ କାର୍ଯ୍ୟ କରିବ ବୋଲି କହିଥିଲେ।

ଏହି ଶବରୀ ଭବନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଠାରେ ସମ୍ମିଳନୀ, ପ୍ରଶିକ୍ଷଣ ଶିବିର, କଳା ପ୍ରଦର୍ଶନୀ ଓ ଗବେଷଣା କାର୍ଯ୍ୟକ୍ରମ ହେବା ଦ୍ୱାରା ଏକ ସାଂସ୍କୃତିକ ଜୀବନତା ପାଇଁ ଅନୁପ୍ରେରଣା ହେବ। ଆଦିବାସୀ ଭାଇ ଓ ଭଉଣୀମାନେ ଯେତେବେଳେ ଏଠାକୁ (ପୃଷ୍ଠା ୭ରେ)

## ବିଚାର ବିଭାଗୀୟ

# ହାଜତକୁ ଗଲେ ଜଗନ୍ନାଥ

ଭୁବନେଶ୍ୱର, ୩।୭ : ନ୍ୟୁଜ୍ ବ୍ୟୁରୋ

ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ଗୁରୁବାର ରାତିରେ ଗିରଫ ହୋଇଛନ୍ତି । ଡିସିପି କାର୍ଯ୍ୟାଳୟରେ ଆତ୍ମସମର୍ପଣ କଲା ପରେ ପୁଲିସ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରି ଏସ୍‌ଡିଜେଏମ୍ କୋର୍ଟକୁ ପଠାଇ ଦେଇଥିଲେ। ତେବେ କୋର୍ଟ ଶ୍ରୀ ପ୍ରଧାନଙ୍କ ବିରୁଦ୍ଧରେ ୯ଟି ଦଫା ଲାଗିଥିବାରୁ ତାଙ୍କର ଜାମିନ ଆବେଦନକୁ ଖାରଜ କରି ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଡିସିପି କାର୍ଯ୍ୟାଳୟରେ ଗୁରୁବାର ରାତି ୯ଟା ୪୦ରେ ପହଞ୍ଚି ଜଗନ୍ନାଥ ପ୍ରଧାନ କହିଥିଲେ, ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଆକ୍ରମଣ ଘଟଣାକୁ ମୁଁ ସବୁବେଳେ ନିନ୍ଦା କରିଆସୁଛି। ଏହି ଆକ୍ରମଣ ଘଟଣାରେ ମୋର କୌଣସି ସଂପୃକ୍ତି ନାହିଁ । ଓଏଏସ୍ ସଂଘ ମୋର ଗିରଫ ଦାବି ନେଇ ଆନ୍ଦୋଳନ ଜାରି ରଖିଥିଲେ। ଶେଷରେ ଏହି ଆନ୍ଦୋଳନରୁ ଓଏଏସ୍ ସଂଘ ଓହରି ଥିବା ସଂଘର ସଭାପତି ଜ୍ୟୋତି ରଞ୍ଜନ ମିଶ୍ର ସାମ୍ବାଦିକ ମାନଙ୍କୁ କହିଛନ୍ତି। ଏହା ପୂର୍ବରୁ ଶ୍ରୀ ପ୍ରଧାନ କହିଥିଲେ ଯେ, ଆନ୍ଦୋଳନ କାରଣରୁ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ରଥଯାତ୍ରା ଓ ବନ୍ୟା ସମୟରେ ପ୍ରଶାସନିକ ବ୍ୟବସ୍ଥା ପ୍ରଭାବିତ ହୋଇପାରେ। ମୋହନ ଚରଣ ମାଝୀ ସରକାର ବଦନାମ ନହୁଅନ୍ତୁ ଏହା ମୁଁ ଚାହେଁ। କିନ୍ତୁ ସରକାରଙ୍କ ସମ୍ମାନ, ବୃହତ୍ତର ସ୍ୱାର୍ଥ ପାଇଁ ସହଯୋଗ କରିବି ବୋଲି ଶ୍ରୀ ପ୍ରଧାନ କହିଥିଲେ।

## ଓଏଏସ୍ ସଂଘ ଆନ୍ଦୋଳନରୁ ଓହରିଲା



ଜଗନ୍ନାଥ ପ୍ରଧାନ ଡିସିପି କାର୍ଯ୍ୟାଳୟରେ ପହଞ୍ଚିବା ନେଇ ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଡିସିପିଙ୍କ ଡାକରା କ୍ରମେ ଜଗନ୍ନାଥ ପ୍ରଧାନ ଡିସିପି କାର୍ଯ୍ୟାଳୟକୁ ଆସିଛନ୍ତି। ଜଗନ୍ନାଥ ପ୍ରଧାନ ବୁଧବାର ଗଣମାଧ୍ୟମର ପ୍ରତିନିଧିଙ୍କୁ କହିଥିଲେ, ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ମୋତେ ଡାକିଥିଲେ । ସେଥି ପାଇଁ ବିଜେପି ମୁଖ୍ୟ କାର୍ଯ୍ୟାଳୟକୁ ଆସିଥିଲି। ରାଜ୍ୟ ସଭାପତିଙ୍କ ସହିତ କଥା ହେଲି । ତାଙ୍କ ସହିତ ମୋର ଆଲୋଚନା ହୋଇଛି । ଯେମିତି ଗୋଟେ ପରିବାରରେ ଆଲୋଚନା ହୁଏ, ସେହିଭଳି ଆଲୋଚନା ହୋଇଛି।

ତେବେ ଶ୍ରୀ ପ୍ରଧାନ ଦଳୀୟ ନେତୃତ୍ୱଙ୍କ ସହିତ କ'ଣ କଥା ହେଲେ ସେନେଇ ମୁହଁ ଖୋଲି ନଥିଲେ। ଶ୍ରୀ ସାମଲ କେବଳ କହିଥିଲେ, ବିଏମ୍‌ସି କାର୍ଯ୍ୟାଳୟରେ ଆକ୍ରମଣ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ରାଜ୍ୟ ସରକାର ସେ ବିଷୟରେ ଚିନ୍ତା କରୁଛନ୍ତି। ଆମେ ଜଗନ୍ନାଥ ପ୍ରଧାନଙ୍କୁ ଆଲୋଚନା ପାଇଁ ଡାକିଥିଲୁ। ଦଳର ଆଭ୍ୟନ୍ତରୀଣ କଥା ଗଣମାଧ୍ୟମ ଆଗରେ କହିବା ଠିକ୍ ହେବ ନାହିଁ । ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ କହିଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ ଓ ଜଗନ୍ନାଥ ପ୍ରଧାନ କଥା ହୋଇଛନ୍ତି । ଆମେ ବାହାରେ ବସିଥିଲୁ । ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ମରାଯିବା ଘଟାକୁ ଆମେ ନିନ୍ଦା କରୁଛୁ ।

ସୂଚନାଯୋଗ୍ୟ, ଗତ ସୋମବାର ଦିନ ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା ନେଇ ଜଗନ୍ନାଥ ପ୍ରଧାନ ବିବାଦରେ ଫସିଛନ୍ତି । ଏହି ଘଟଣା ପରେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ସଂଘ ଜଗନ୍ନାଥ ପ୍ରଧାନଙ୍କ ଗିରଫ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛି। ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲାରେ ଓଏଏସ୍ ଅଧିକାରୀମାନେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି।

## ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ: ଗଜପତି



ପୁରୀ, ୩।୭ : ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟର ତଦାରଖ କରିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ। ମରାମତି କାର୍ଯ୍ୟର ତଦାରଖ ପରେ ଗଜପତି ମହାରାଜା ରତ୍ନଭଣ୍ଡାର (ପୃଷ୍ଠା ୭ରେ)

## ୬ରେ ହୀରାକୁଦରୁ ଛଡ଼ାଯିବ ପ୍ରଥମ ବନ୍ୟାଜଳ

ବୁର୍ଲା, ୩।୭

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୬ ତାରିଖରେ ହୀରାକୁଦ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯିବ। ମୁଖ୍ୟବନ୍ଧ ବିଭାଗର ଭାରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁଶୀଲ ବେହେରା ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ଉପର ମୁଣ୍ଡରେ ଗତ କିଛି ଦିନ ହେବ



ପ୍ରବଳ ବର୍ଷା ଏବଂ ମୌସୁମୀ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳପତ୍ତନ ବୃଦ୍ଧି ପାଇ ଗୁରୁବାର ୬୦୩.୨୫ ଫୁଟରେ ପହଞ୍ଚିଛି। ହୀରାକୁଦ ଜଳ ଭଣ୍ଡାରକୁ ସନ୍ଧ୍ୟା ୬ଟା ସମୟରେ ହାରାହାରି ୧ ଲକ୍ଷ ୧ ହଜାର ୩୪୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ବରଗଡ଼, ସମ୍ବଲପୁର ଏବଂ ଶାସନ କେନାଲ, ପାୱାର କେନାଲ ଏବଂ ଶିଳ୍ପ ପାଇଁ ୩୪ ହଜାର ୨୫୪ କ୍ୟୁସେକ ଜଳ ନିଷ୍କାସନ କରାଯାଉଛି । ଗୁରୁବାର ସକାଳ ସୁଦ୍ଧା ପୂର୍ବ ୨୪ ଘଣ୍ଟାରେ ହୀରାକୁଦ (ପୃଷ୍ଠା ୭ରେ)

## ଆଜି ସନ୍ଧ୍ୟା ୬ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ

ଭୁବନେଶ୍ୱର, ୩।୭ : ନ୍ୟୁଜ୍ ବ୍ୟୁରୋ

ଶୁକ୍ରବାର ସନ୍ଧ୍ୟା ୬ଟାରୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ସର୍ବସାଧାରଣ ପ୍ରବେଶ ବନ୍ଦ ରହିବ। ମହାପ୍ରଭୁଙ୍କ ପବିତ୍ର ବାହୁଡା ଯାତ୍ରାର (ପୃଷ୍ଠା ୭ରେ)

## ପ୍ରକୃତ ଗଣତନ୍ତ୍ର ଆଲୋଚନା ଏବଂ ବିତର୍କକୁ ପ୍ରୋତ୍ସାହିତ କରେ



ନୂଆଦିଲ୍ଲୀ, ୩।୭

ପଞ୍ଚଦେଶୀୟ ଗସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘାନା ଗସ୍ତ କରିଛନ୍ତି । ଗୁରୁବାର ଅପରାହ୍ନରେ ଘାନାର ସଂସଦକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଗଣତନ୍ତ୍ର, ମର୍ଯ୍ୟାଦା ଏବଂ ସ୍ଥିରତାର ଭୂମି । ଘାନାକୁ ଆସିବା ସୌଭାଗ୍ୟର ବିଷୟ। ଘାନାବାସୀଙ୍କୁ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାରତର ୧୪୦ କୋଟି ନାଗରିକଙ୍କ ପ୍ରତିନିଧି ଭାବେ ଅଭିବାଦନ ଜଣାଇଛନ୍ତି ଶ୍ରୀ ମୋଦୀ।

ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ପ୍ରକୃତ ଗଣତନ୍ତ୍ର ଆଲୋଚନା ଏବଂ ବିତର୍କକୁ ପ୍ରୋତ୍ସାହିତ କରେ। ଏହା ଲୋକଙ୍କୁ ଏକତ୍ର କରେ । ଏହା ମର୍ଯ୍ୟାଦାକୁ ସମର୍ଥନ କରେ ଏବଂ ମାନବାଧିକାରକୁ ପ୍ରୋତ୍ସାହିତ କରେ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ଲୋକତନ୍ତ୍ର ଏକ ବ୍ୟବସ୍ଥା ନୁହେଁ, ଏହା ସଂସ୍କାର। ହଜାର ବର୍ଷରୁ ଲୋକତନ୍ତ୍ରର ଭାବନା ଭାରତୀୟ ସମାଜକୁ ନିରନ୍ତର ଗତି ପ୍ରଦାନ କରୁଛି।

ଶ୍ରୀ ମୋଦୀ କହିଛନ୍ତି, ଭାରତ ଏବଂ ଘାନାର ଇତିହାସ ଉପନିବେଶବାଦୀ ଶାସନର କ୍ଷତ ବହନ କରେ। କିନ୍ତୁ ଆମର ଆତ୍ମା ସର୍ବଦା ମୁକ୍ତ ଏବଂ ନିର୍ଭୀକ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସରକାର ଏବେ ହନ୍ତସନ୍ତ ଭାରି
ଅଚଳ ଯେ ପ୍ରଶାସନ
ଦୋଷୀ ଦଣ୍ଡ ନପାଇବା ଯାଏ
ମୁଣ୍ଡ ପୂରା ଟେନ୍‌ସନ୍
କ'ଣ କରିବା ଧନ
ବାବୁଙ୍କ କଥାଟା ପୁରାପୁରି ଠିକ୍
ସେ ପାଇଁ ଯେ ଅଭିମାନ।

## କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ ୱେଦର ସର୍ଭିସେସ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର, ୩।୭ : ନ୍ୟୁଜ୍ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ ସ୍କାଇମେଟ ୱେଦର ସର୍ଭିସେସ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭାରତ ସରକାର ପାଣିପାଗ ସୂଚନା ନେଟୱାର୍କ ଡାଟା ସିଷ୍ଟମ ଆରମ୍ଭ କରିଛନ୍ତି।


ଏହି ପଦକ୍ଷେପ କୃଷି, ବୀମା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ପାଣିପାଗ ତଥ୍ୟର ସୁଗମ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କରିବା (ପୃଷ୍ଠା ୭ରେ)

## ନବୀନଙ୍କ ଭିଜନକୁ ପୁଣି କେନ୍ଦ୍ରର ସାର୍ଟିଫିକେଟ : ୫-ଟି ସ୍କୁଲ ସାଉଁଟିଲା ପ୍ରଶଂସା



ଭୁବନେଶ୍ୱର, ୩।୭ : ନ୍ୟୁଜ୍ ବ୍ୟୁରୋ

ନବୀନଙ୍କ ଭିଜନକୁ ପୁଣି କେନ୍ଦ୍ରର ସାର୍ଟିଫିକେଟ । ୫-ଟି ସ୍କୁଲ ପରଫର୍ମାନ୍ସକୁ ପ୍ରଶଂସା । ୨୦୧୯-୨୦ ଶିକ୍ଷା ବର୍ଷରେ ପ୍ରଦର୍ଶନରେ ୧୪ ତମ ସ୍ଥାନ ଓ ୨୦୨୩-୨୪ରେ ବଡ଼ ଡିଆଁ ମାରି ପଞ୍ଚମ ପୋଜିସନ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ସ୍କୁଲ ରୂପାନ୍ତରଣ ପ୍ରକ୍ରିୟାକୁ ମିଳିଛି ଜାତୀୟ ମାନ୍ୟତା। ରାଜ୍ୟର ପ୍ରାୟ ୭ହଜାର ସ୍କୁଲର ରୂପାନ୍ତରଣ କରିଥିଲେ ନବୀନ ସରକାର, ଯାହାର ଫଳସ୍ୱରୁପ କେନ୍ଦ୍ର ସରକାରଙ୍କ ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସରେ ଓଡ଼ିଶା ଜାତୀୟ ସ୍ତରରେ ପଞ୍ଚମ ସ୍ଥାନ ଅଧିକାର କରିଛି। ପରଫର୍ମାନ୍ସ ଗ୍ରେଡିଂରେ ଓଡିଶା ଜାତୀୟ ସ୍ତରରେ ୫୯୫.୬ ସ୍କୋର କରି ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଚେଷ୍ଟା-୩ ଗ୍ରେଡ ହାସଲ କରିଛି । ପ୍ରଦର୍ଶନ, ପ୍ରଶାସନ ଓ ପରିଚାଳନା କ୍ଷେତ୍ରରେ ୭୩ଟି ମାନଦଣ୍ଡକୁ ଆଧାର କରି କେନ୍ଦ୍ର ସରକାର ପରଫର୍ମାନ୍ସ ଗ୍ରେଡେସନ କରିଥାନ୍ତି । ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଦକ୍ଷତା ବୃଦ୍ଧି ଜରିଆରେ ହିଁ ସଶକ୍ତ ଓଡ଼ିଶା ଗଠନ କରାଯାଇପାରିବ ବୋଲି ନବୀନ ସବୁବେଳେ କହି ଆସୁଥିଲେ। ସେଥିପାଇଁ ସେ ସ୍କୁଲ ଭିତ୍ତିଭୂମିକୁ ସୁଦୃଢ଼ କରିଥିଲେ। ସ୍କୁଲ ଶିକ୍ଷାରେ ଓଡ଼ିଶାକୁ ମିଳିଥିବା ଏହି ସଫଳତା ପାଇଁ ନବୀନ ସବୁ ଶିକ୍ଷାର୍ଥୀ, ଶିକ୍ଷକ, ଅଭିଭାବକ ଓ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ଥିବା ସବୁ ପ୍ରଶାସନିକ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଶାର ଏହି ସଫଳତାକୁ ନବୀନ ତାଙ୍କ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଜୁଲାଇ ୨୦୨୫ ଶୁକ୍ରବାର





# ଚାଷୀଙ୍କୁ ଲୁଟୁଛନ୍ତି ସାର ବେପାରୀ:କୃଷି ବିଭାଗର କାରଣ ଦର୍ଶାଅ ନୋଟିସ୍ ଜାରି

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ସାର ବେପାରୀ ମାନେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦାମ୍‌ରେ ସାର ବିକ୍ରି କରୁଥିବା ନେଇ ଖପ୍ରାଖୋଲ କୃଷି ବିଭାଗ ସାର ବେପାରୀ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଇଥିବା ଜଣାପଡ଼ିଛି । ପ୍ରକାଶଥାଉକି ରବି ଚାଷ ହେଉ ଅଥବା ଖରିଫ ଚାଷ ସମୟରେ ଚାଷୀମାନଙ୍କୁ ଉତ୍କୃଷ୍ଟ ଫସଲ ଅମଳ ପାଇଁ ସାର ଉପରେ ନିର୍ଭର କରିଥାନ୍ତି । ଏହାର ସୁଯୋଗ ନେଇ ସାର ବେପାରୀମାନେ ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦରରେ ସାର ବିକ୍ରି କରି ବେଶ୍ ମୁନାଫା ଉଠାଇ ଲାଭାନ୍ୱିତ ହେଉଥିବା ବେଳେ ବିଚରା ଚାଷୀ ଜଣକ ଧାର କରଜ କରି ଅବେଳାରେ ସାର ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧିକ ଦରରେ କିଣିବାକୁ ବାଧ୍ୟ ହୋଇଥାଏ । ସରକାର ଚାଷୀ କିପରି ଠିକ୍ ସମୟରେ ଚାଷ ପାଇଁ ବ୍ୟବହାର ଉପଯୋଗୀ ସାର ଉଚିତ୍ ମୂଲ୍ୟରେ ପାଇପାରିବ ସେଥିପାଇଁ ହୋଲ୍‌ସେଲ୍‌ର ଠାରୁ ପଞ୍ଜୀକୃତ ସାର ବେପାରୀ ମାନଙ୍କୁ ନୀତି ନିୟମ ଅନୁଯାୟୀ ସାର ବିକ୍ରି କରିବା ପାଇଁ କୁହାଯାଇଛି । ଯାହାକି ଚାଷୀମାନେ ଠିକ୍ ସମୟରେ ଏବଂ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ପାଇପାରିବେ । ଏନେଇ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଜଣେ ହୋଲ୍‌ସେଲର୍ ରହିଥିବା ବେଳେ ୫୨ଜଣ ସାର ବେପାରୀ ସାର ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ତେବେ ସରକାରୀ ସୂତ୍ରରେ ୟୁରିଆ ସାର ୨୬୬ ଟଙ୍କା ୬୬ ପଇସା ରହିଥିବା ବେଳେ ଏମ୍‌ଓପି ୧୫୦୦ ଟଙ୍କା ଡିଏପି ୧୩୫୦ ଟଙ୍କା ଏସ୍‌ଏସ୍‌ପି ୫୫୦ ରୁ ୫୭୫ ଟଙ୍କା ଓ



କରମଣ୍ଡଳ (୨୮.୨୮.୦) ୧୭୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । କିନ୍ତୁ ଏହି ଧାର୍ଯ୍ୟ ମୂଲ୍ୟ ଠାରୁ ସାର ବେପାରୀମାନେ ୨୦୦ ରୁ ୪୦୦ ଟଙ୍କା ଅଧିକ ମୂଲ୍ୟରେ ସାର ବିକ୍ରି କରୁଥିବା ନେଇ ଚାଷୀ ମହଲରୁ ଅଭିଯୋଗ ହେଉଥିବାରୁ ଖପ୍ରାଖୋଲ କୃଷି ବିଭାଗ ତରଫରୁ ସାରବେପାରୁ ମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଏନେଇ ଲାଠୋର, କରୁଆଁଝର, ଅଞ୍ଚଳର ଛଅ ଜଣ ସାର ବେପାରୀମାନଙ୍କୁ ନୋଟିସ୍ ଜାରି କରିଥିବା ଖପ୍ରାଖୋଲ କୃଷି ଅଧିକାରୀ କହିଥିବା ବେଳେ ସମସ୍ତ ସାର ବେପାରୀ ମାନଙ୍କୁ ଏ ନେଇ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ ବୋଲି କହିଛନ୍ତି । ଆହୁରି ମଧ ଯେ ପ୍ରତ୍ୟେକ ସାର ବେପାରୀ ନିଜ ନିଜର ଦୋକାନ ସମ୍ମୁଖରେ ସାରର ଏକ ରେଟ୍ ଚାର୍ଟ ଲେଖି ରଖିବା ପାଇଁ ତାଗିଦ କରାଯାଇଛି ଯାହାକି ଚାଷୀ ସାରର ନିର୍ଦ୍ଧାରିତ ମୂଲ୍ୟ ଜାଣିପାରିବେ । ଯଦି ଏହାର କେହି ଖିଲାପି କରେ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି । ତେବେ ଆଗାମୀ ଦିନରେ ଯେମିତି ଚାଷୀ ନିର୍ଦ୍ଧାରିତ ମୂଲ୍ୟରେ ସାର ପାଇପାରିବେ ଓ ପ୍ରଶାସନର ତାଗିଦ ସାର ବେପାରୀମାନେ କେତେ ମାନିବେ ଦେଖିବାକୁ ବାକି ରହିଲା ।



# କୃଷ୍ଣ ଓ ବଳରାମ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ଗୁଣ୍ଡିଚା ମନ୍ଦିର ଠାରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତଙ୍କୁ କୃଷ୍ଣ ଓ ବଳରାମ ବେଶରେ ଦର୍ଶନ ଦେଇଛନ୍ତି । କଥାରେ ଅଛି ଆଡପ ମଣ୍ଡପରେ ପ୍ରଭୁଙ୍କୁ ଦର୍ଶନ ମହାପୁଣ୍ୟ ଓ ଫଳ ପ୍ରାପ୍ତି ଅଟେ । ସେପଟେ ଦିନସାରା ଝିପଝିପି ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦିବ୍ୟ ଲୀଳାକୁ ଦେଖିବାକୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଭିଡ ଜମାଉଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ମାନବୀୟଲୀଳା ବିଷୟରେ ପ୍ରାୟତଃ ସମସ୍ତେ ଉଣା ଅଧିଖେ ଜାଣନ୍ତି । ଏହି ଲୀଳାରେ ଭଗବାନ ବିଷ୍ଣୁଙ୍କୁ ମାନବ ଭାବରେ ଦ୍ୱାପର ଯୁଗରେ ଅତ୍ୟାଚାରୀ କଂସ ମହାରାଜାଙ୍କ ନିଧନ ସକାଶେ ଧରାପୃଷ୍ଠକୁ ରୋହିଣୀ ଓ ବସୁଦେବଙ୍କ ପୁତ୍ର ସନ୍ତାନ ଶ୍ରୀକୃଷ୍ଣ ଭାବେ ଅବତରଣ କରିବାକୁ ପଡ଼ିଥିଲା । ସେହିଭଳି ଭାବେ ଅତ୍ୟାଚାରୀ କଂସ ମହାରାଜାଙ୍କ ନିଧନ ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କୁ ସହାୟତା ତଥା ଶିଶୁପାଳର ନିଧନ ପାଇଁ ଭଗବାନ ବିଷ୍ଣୁଙ୍କୁ ରୋହିଣୀ ଓ ନନ୍ଦରାଜାଙ୍କ ପୁତ୍ର ସନ୍ତାନ ବଳରାମ ଭାବରେ ଏହି ପୃଥିବୀ ପୃଷ୍ଠକୁ ଆସିବାକୁ ହୋଇଥିଲା । ଯାହାକି ବିସ୍ତୃତ ଭାବେ ଭଗବାନ ଶ୍ରୀକୃଷ୍ଣ ଓ ବଳରାମଙ୍କ ଲୀଳା ବିଷୟରେ ଭାଗବତରେ ବର୍ଣ୍ଣନା କରାଯାଇଛି ଓ ଏହି ଅବସରରେ ବଡ଼ବଜାର ଗୁଣ୍ଡିଚା ମନ୍ଦିର ଠାରେ ସନ୍ଧ୍ୟା ସମୟରୁ ରାତି ପର୍ଯ୍ୟନ୍ତ ପ୍ରତ୍ୟହ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ନୃତ୍ୟପ୍ରଭା ଡାନ୍ସ ଏକାଡେମୀ କାର୍ଯ୍ୟକ୍ରମକୁ ହଜାର ହଜାର ଲୋକ ଉପଭୋଗ କରିଥିଲେ । ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଓ ଘୋରୋଇ ବସ୍ ମାଲିକ ସଂଘର ସଭପତି ଦୀପକ ମହାପାତ୍ର ଏବଂ ସମ୍ପାଦକ ପିଣ୍ଟୁ ପଣ୍ଡା ସାଂସ୍କୃତିକ କାର୍ଯକ୍ରମରେ ଅତିଥି ଭାବରେ ଯୋଗଦେଇଥିଲେ । ସେହିପରି ବୃନ୍ଦାବନ ମନ୍ଦିରରେ ପ୍ରଭୁ ଜଗନ୍ନାଥ କାଳୀୟ ଦଳନ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ବଡ଼ଠାକୁର ପ୍ରଭୁ ଦଧିବାମନ ମଝିପଡା ଠାରେ କୃଷ୍ଣ ଓ ବଳରାମ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ଓ ଥନାପତି ପଡାରେ ମଧ ଶ୍ରଦ୍ଧାଳୁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଲୀଳା ଦର୍ଶନ କରୁଛନ୍ତି ।

# ଭିଜିଲାନ୍ସ ଜାଲରେ କୋଟିପତି ଅଫିସର:୮୪ ଏକର ଜମି ସହ ଅମାପ ସମ୍ପତ୍ତି ଠାବ



**କଟକ, ନ୍ୟୁଜ୍ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗ । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଚଢଉ କରି ଭିଜିଲାନ୍ସ ତାଙ୍କୁ ପିସି ଆକ୍ଟରେ ଗିରଫ କରିଛି । ପରେ କଳାହାଣ୍ଡି ଭବାନୀପାଟଣା ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି । ଖାନତଲାସି ବେଳେ ଏକର ଏକର ଜମି, କୋଠା, ଫ୍ଲାଟ୍, ଦୋକାନ, ଲକ୍ଷ ଲକ୍ଷ ଟଙ୍କା ଓ ସୁନା ଜବତ କରାଯାଇଛି । ଓଡ଼ିଶା ଭିଜିଲାନ୍ସ ବିଭାଗ ସୂଚନା ଅନୁସାରେ, ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ମୃତ୍ତିକା ସଂରକ୍ଷଣ ଏବଂ ଜଳଛାୟା ବିକାଶର ଯୁଗ୍ମ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ୮ଟି ସ୍ଥାନରେ ରେଡ କରାଯାଇଥିଲା । ଭିଜିଲାନ୍ସର ୧୦ ଜଣ ଡିଏସ୍‌ପି, ୮ ଜଣ ଇନ୍‌ସ୍ପେକ୍ଟର ଓ ୧୦ ଏଏସ୍‌ଆଇ ଦ୍ୱାରା ଚଢଉ କରାଯାଇଥିଲା । ଭୁବନେଶ୍ୱର, କଳାହାଣ୍ଡି ଓ ନବରଙ୍ଗପୁର ବିଭିନ୍ନ ସ୍ଥାନରେ ଖାନତଲାସି ବେଳେ ଅନେକ ସମ୍ପତି ଠାବ କରାଯାଇଥିଲା । ଏପରିକି ତାଙ୍କର ନିଜର ଘର କଳାହାଣ୍ଡିର ଜୁନାଗଡ଼ ଥାନା କୁପାଗାରେ ମଧ ରେଡ କରିଥିଲା ଭିଜିଲାନ୍ସ । ଏହା ସହିତ ଭୁବନେଶ୍ୱରରେ ଗୋଠପାଟଣାରେ ଥିବା ଆପାର୍ଟମେଣ୍ଟ, ଚନ୍ଦ୍ରଶେଖରପୁରର ହାଉସିଂ ବୋର୍ଡ କଲୋନୀରେ ଥିବା ଘର ସହ ନବରଙ୍ଗପୁରରେ ଥିବା ଶ୍ୱଶୁର ଘରେ ମଧ ଭିଜିଲାନ୍ସ ପକ୍ଷରୁ ଯାଞ୍ଚ ହୋଇଥିଲା । ଭିଜିଲାନ୍ସର ଖାନ୍‌ତଲାସି ବେଳେ ୨ଟି ସୁଉଚ୍ଚ କୋଠା, ଭୁବନେଶ୍ୱରରେ ଗୋଟିଏ ୩ BHK ଫ୍ଲାଟ୍, ୪୬ ଏକରର ୨ଟି ଫାର୍ମ ହାଉସ୍ ସହିତ ମୋଟ୍ ୮୪ ଏକର ଜମି, ୩୧୨ ଗ୍ରାମର ସୁନା ଗହଣା, ୫୮ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଓ ୫ଟି ଦୋକାନ ସହିତ ଏକ ସପିଂ କମ୍ପ୍ଲେକ୍ସ ଠାବ କରାଯାଇଛି । ତେବେ ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି, ଯେଉଁ ସବୁ ଜାଗା ଠାବ ହୋଇଛି ସେଠାରେ ଅନେକ ସ୍ଥାନରେ ଫାର୍ମହାଉସ ରହିଛି । ବିଶେଷ କରି ୪୮ ଏକର ଜାଗାରେ ଥିବା ଫାର୍ମ ହାଉସରେ ଜଳ ସଂରକ୍ଷଣ ଏକ ପ୍ରୋଜେକ୍ଟ ମଧ କରାଯାଇଛି । ଅଧିକାଂଶ ଆୟ ବର୍ହିଭୂତ ସମ୍ପତିକୁ ଜମିରେ ନିବେଶ କରିଥିଲେ । ଏନେଇ, କୋରାପୁଟ ଭିଜିଲାନ୍ସ ପିଏସ୍ ନଂ. ୨୪/୨୦୨୫ରେ ଦୟାନିଧି ବାଗଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ ହୋଇଛି । ଭିଜିଲାନ୍ସ ତାଙ୍କୁ ଗିରଫ କରିଛି ।



# ସୋନପୁରରେ ଭେଷଜ ମହାବିଦ୍ୟାଳୟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

[illegible]

# ନର୍ସିଂ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ଅଭିଭାବକ

**ସାଲେପୁର, ନ୍ୟୁଜ୍**

[illegible] ରହୁଛି । ଅନେକ ଅଭିଭାବକ ମାଳ ମାଳ ଅଭିଯୋଗ ଧରି ପ୍ରଶ୍ନ ଉଠାଇଛନ୍ତି । ଯଦ୍ୱାରା ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାର ଭିତରେ ଠେଲି ଦିଆନଯାଉ ବୋଲି କହିଛନ୍ତି ଅଭିଭାବକ ।

# ବ୍ରହ୍ମପୁର ସହରରେ ଗଛ ଲଗାଇବାକୁ ଜାଗା ନାହିଁ:ଇନ୍‌ଡୋର୍ ପ୍ଲାଣ୍ଟ ସହଜଲଭ୍ୟ ନୁହେଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆଜିଠାରୁ ଆରମ୍ଭ ହୋଇଛି ବନ ମହୋତ୍ସବ ସପ୍ତାହ । ୭ ତାରିଖ ପର୍ଯ୍ୟନ୍ତ ପରିବେଶ ସନ୍ତୁଳନ ପାଇଁ ବୃକ୍ଷ ରୋପଣ ବାର୍ତ୍ତା ଦେବ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ । ଏନେଇ ୩୦ ରୁ ଅଧିକ ପ୍ରଜାତିର ୧୧ ଲକ୍ଷ ଚାରା ପ୍ରସ୍ତୁତ ହୋଇଛି । ସମସ୍ତ ଚାରା ଜଙ୍ଗଲ ଜାତ ବୃକ୍ଷ । ସହରରେ ମଧ ଲୋକଙ୍କ ପାଇଁ ଏହି ଚାରା ପ୍ରଦାନ କରାଯାଉଛି । ତେବେ ସହରରେ ଚାରା ରୋପଣ ପାଇଁ ଏବେ ଜାଗାର ଘୋର ଅଭାବ । ସହରାଞ୍ଚଳ ଜନସଂଖ୍ୟାକୁ ଦେଖିଲେ କମ୍ ସ୍ଥାନରେ ଅଧିକ ଅମ୍ଳଜାନର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଇନ୍‌ଡୋର୍ ପ୍ଲାଣ୍ଟ ଓ ପଟ୍ ପ୍ଲାଣ୍ଟ ଲଗାଇବାକୁ [illegible] ଯାଉଛି । ସହରରେ କମ୍ ଜାଗାରେ ଆପାର୍ଟମେଣ୍ଟ ତିଆରି କରି ଅଧିକ ଲୋକ ରହୁଛନ୍ତି । ଏପରି ସ୍ଥିତିରେ ସହରାଞ୍ଚଳରେ ଅଧିକ ଅମ୍ଳଜାନର ଆବଶ୍ୟକତା ରହିଛି । ବର୍ତ୍ତମାନ ଜଙ୍ଗଲଜାତ ବୃକ୍ଷ ଲଗାଇବା ଓ ଏହାର ରକ୍ଷଣାବେକ୍ଷଣ ସହରାଞ୍ଚଳରେ କଷ୍ଟସାଧ । ବ୍ରହ୍ମପୁର ସବୁଜବାହିନୀ ସଭାପତି ଶିବରାମ ପାଣିଗ୍ରାହୀ କହିଛନ୍ତି, ବ୍ରହ୍ମପୁର ସହରରେ ନଗରବନ ପାଇଁ ସ୍ଥାନ ମିଳିନାହିଁ । [illegible] ଲୋକଙ୍କୁ ସଚେତନ କରିବାର ଆବଶ୍ୟକତା ରହିଛି । ବଜାରରେ ଇନ୍‌ଡୋର୍ [illegible] ଟଙ୍କାରୁ ଆରମ୍ଭ ହୋଇ ୩ [illegible] ରହୁଛି । ଫଳରେ ଲୋକ [illegible] ପଛଘୁଞ୍ଚା ଦେଉଛନ୍ତି । [illegible] ଜଙ୍ଗଲଜାତ ବୃକ୍ଷ ବଦଳରେ [illegible]

# ଦେବଭୂମି ଜିନ୍ଦଲ ନଗରରେ ହେରା ପଞ୍ଚମୀ ନୀତି ସମ୍ପନ୍ନ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଦେବଭୂମି ଜିନ୍ଦଲ ନଗର ପରିସରରେ ବେଶ୍ ଉତ୍ସାହ ଓ ଭକ୍ତିଭାବର ସହ ମଙ୍ଗଳବାର ହେରା ପଞ୍ଚମୀ ନୀତି ସମ୍ପନ୍ନ ହୋଇଛି । ଦେବଭୂମିର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନ୍‌ର ଅଧକ୍ଷା ଶାଲୁ ଜିନ୍ଦଲ ଶ୍ରଦ୍ଧା ଓ ସମର୍ପଣର ସହ ମୁଖ୍ୟ ପୂଜକ ଶ୍ରୀକାନ୍ତ ଜୀଙ୍କ ମାର୍ଗଦର୍ଶନରେ ସମସ୍ତ ନୀତି ତୁଲାଇ ଥିଲେ । ପରମ୍ପରାର ପ୍ରତୀକ ଭାବେ ଅନୁଷ୍ଠିତ ହୋଇଥିବା ମା’ ମହାଲକ୍ଷ୍ମୀଙ୍କ ପାଲିଙ୍କି ଯାତ୍ରାରେ ମଧ ସେ ଅଂଶଗ୍ରହଣ କରିଥିଲେ । ପୌରାଣିକ ରୀତି ଅନୁଯାଇ, ଭାଇ ଓ ଭଉଣୀଙ୍କୁ ନେଇ ଶ୍ରୀମନ୍ଦିରରୁ ଗୁଣ୍ଡିଚା ଘରକୁ ଯାଇଥିବା ମହାପ୍ରଭୁଙ୍କ ବିଷୟରେ ଅନୁସନ୍ଧାନ କରିବା ପାଇଁ ମା’ ଲକ୍ଷ୍ମୀ ଗୁଣ୍ଡିଚା ଘରକୁ ଯାଇଥାନ୍ତି । ହେରା ପଞ୍ଚମୀ ଦିନ ଏହି ପରମ୍ପରାକୁ ପ୍ରତୀକାତ୍ମକ ରୂପରେ ପାଳନ କରାଯାଏ । ବିଧି ଅନୁଯାୟୀ ସକାଳ ୫ଟାରେ ମନ୍ଦିର ଶୋଧ, ମଙ୍ଗଳ ଆରତୀ, ମଇଲମ, ଅବକାଶ ନୀତି ସହିତ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା । ପ୍ରାତଃକାଳୀନ ପୂଜାରେ ରୋଷ ହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଏବଂ ବେଶ ଆରତୀ ଆଦି ପ୍ରମୁଖ ନୀତି କରାଯାଇଥିଲା । ପୂଜା ପରମ୍ପରା ଦେଖିବା ସହ ପ୍ରାର୍ଥନା ଏବଂ ଆଶୀର୍ବାଦ ନେବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ଅପରାହ୍ନରେ ମଧାହ୍ନ ଧୂପ ଏବଂ ପହୁଡ଼ ନୀତି ସମ୍ପନ୍ନ



ହୋଇଥିବା ବେଳେ ସନ୍ଧ୍ୟାରେ ଆରତୀ, ୬ଟା୧୦ରେ ଶ୍ରୀଦେବୀଙ୍କ ବେଶ ଲାଗି ଏବଂ ୭ଟାରେ ପଟୁଆରରେ ଦିବ୍ୟ ବିମାନରେ ଯାଇ ଗୁଣ୍ଡିଚା ମନ୍ଦିରରେ ଆଜ୍ଞାମାଳ ବିଜେ ହୋଇଥିଲେ । ସେହିପରି ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ୮ଟା ୩୦ରେ ବଡ଼ ସିଂହାର ବେଶ ସହିତ ରୀତିନୀତି ଶେଷ ହୋଇଥିଲା । ବର୍ତ୍ତମାନ ଚତୁର୍ଦ୍ଧାମୂର୍ତ୍ତୀଙ୍କ ବାହୁଡ଼ା ଯାତ୍ରା ଦେଖିବା ପାଇଁ ସମସ୍ତ ଶ୍ରଦ୍ଧାଳୁ ଆସନ୍ତା ଶନିବାର ଦିନକୁ ଅପେକ୍ଷା କରି ରହିଛନ୍ତି ।



# ଅନାଥ ଶିଶୁମାନଙ୍କୁ ତୁରନ୍ତ ଚିହ୍ନଟ ଓ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ମଙ୍ଗଳବାର ଦିନ ଦରବାର ହଲ୍‌ଠାରେ ଆୟୋଜିତ ହୋଇଯାଇଛି । ଜିଲ୍ଲାରେ ଶିଶୁ ମାନଙ୍କ ବିକାଶ ଓ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ୪ଟି କମିଟି ଯଥା ଶିଶୁ ସୁରକ୍ଷା କମିଟି, କିଶୋର ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଓ ଚାଇଲଡ ହେଲ୍ପଲାଇନ୍ ପରାମର୍ଶଦାତା କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହିଦିନ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡିକରେ ଆଲୋଚନା କରାଯାଇଥିଲା । ପିତୃମାତୃ ହୀନ ଶିଶୁମାନଙ୍କୁ ସଠିକ୍ ଭାବେ ଚିହ୍ନଟ କରାଯାଇ ସେମାନଙ୍କୁ କିପରି ସହାୟତା ପ୍ରଦାନ କରାଯାଇପାରିବ ସେ ସମ୍ପର୍କିତ ଆଲୋଚନା କରାଯାଇଥିଲା । କିଶୋରୀ ଗର୍ଭଧାରଣା ରୋକିବା, ଶିଶୁ ଶ୍ରମ ମୁକ୍ତ କରିବା ଏବଂ ପ୍ରତ୍ୟେକ ବିଭାଗରେ ଥିବା ଶିଶୁମାନଙ୍କ ଲାଗି ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଉପରେ ଆଲୋଚନା କରାଯାଇଥିଲା । ବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ଓ ସମନ୍ୱୟ ରଖି ଜିଲ୍ଲାରେ ସମସ୍ତ ଶିଶୁ ମାନଙ୍କୁ ସୁରକ୍ଷା ଦେବା ପାଇଁ ବ୍ଲକ, ପଞ୍ଚାୟତ ଓ ଗ୍ରାମ ସ୍ତରରେ ସମସ୍ତେ ସହଯୋଗ କରିବେ ବୋଲି ଆଲୋଚନା କରାଯାଇଥିଲା । ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ବିଭୂତିଭୂଷଣ ଦାଶ, ସହକାରୀ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ବସନ୍ତ ପାତ୍ର, ଜିଲ୍ଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାଏକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସମାଜ କଲ୍ୟାଣ ଅଧିକାରୀ ଭାରତୀ ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରିୟଙ୍କା ମଲ୍ଲିକ, ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତି ଜେନା ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଶକ୍ତି ସଦନର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା ଶବବାହନ ସେବା ଶୁଭାରମ୍ଭ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ ମାଗଣା ଶବବାହନ ସେବା କେନ୍ଦୁଝର ଲୋକସେବା ସାଂସଦ ଅନନ୍ତ ନାୟକଙ୍କ କରକମଳରେ ଶୁଭାରମ୍ଭ ହୋଇଛି । ସାଂସଦ ବୁଧବାର ସନ୍ଧ୍ୟାରେ ପତକା ହଲାଇ ଦୁଇଟି ଶବବାହକ ଗାଡି (ମହାପ୍ରୟାଣ) ମାଗଣା ସେବା ଉଦ୍‌ଘାଟନ କରିଥିଲେ । ମାଗଣା ଶବ ବାହନ ସେବା ଦ୍ୱାରା ଦୁର୍ବଳବର୍ଗଙ୍କୁ ସହାୟକ ହେବ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ସେବା ମାଧମରେ ମୃତ ବ୍ୟକ୍ତିଙ୍କ ଶବକୁ ସମ୍ମାନର ସହିତ ତାଙ୍କ ଗୃହ କିମ୍ବା ଶ୍ମଶାନକୁ ପରିବହନ କରାଯାଇପାରିବ, ଯାହା ପରିବାରଗୁଡିକ ଉପରେ ଆର୍ଥିକ ଓ ମାନସିକ ବୋଝକୁ ହ୍ରାସ କରିପାରିବ । ଏହି ସେବା ସମ୍ପୂର୍ଣ୍ଣ ମାଗଣା ହେବ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ୨ଟି ମାଗଣା ଶବବାହକ ଗାଡି ଯୋଗାଇ ଦିଆଯାଇଛି । ଏହି ମାଗଣା ସେବା ଶବବାହନ ପାଇଁ ଆବଶ୍ୟକତା ଅନୁସାରେ ପହଞ୍ଚିବ ବୋଲି ସିଡିଏମ୍‌ଓ ଡାକ୍ତର ବିନୋଦ ବିହାରୀ ମିଶ୍ର କହିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସିଡିଏମ୍‌ଓ ଡାକ୍ତର ବିନୋଦ ବିହାରୀ ମିଶ୍ର, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ମେଡିକାଲ୍) ଡାକ୍ତର ପ୍ରଦୀପ କୁମାର ମିଶ୍ର,ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ(ଜନସ୍ୱାସ୍ଥ୍ୟ) ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ବସନ୍ତ କୁମାର ପାତ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ନିତ୍ୟରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ

# ଜଗତସିଂହପୁର ଜିଲ୍ଲାରେ ୧୮୨ ଶିଶୁ ଡାଇରିଆରେ ଆକ୍ରାନ୍ତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ଜେ ସୋନାଲଙ୍କ ଅଧକ୍ଷତାରେ ମ୍ୟାଲେରିଆ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲା ସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ବ୍ଲକ, ଗ୍ରାମ ଓ ପୌରାଞ୍ଚଳରେ ମ୍ୟାଲେରିଆ ଓ ଡାଇରିଆ ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ରାଜେନ୍ଦ୍ର କୁମାର ପାଣିଗ୍ରାହୀ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାର୍ଥନା ପୂର୍ବରୁ ଜଳ ବାହିତ ରୋଗ ଓ ଭେକ୍ଟର ବାହିତ ରୋଗ ବିଷୟରେ ଆଲୋଚନା କରାଯିବ । ପ୍ରତି ଆଦିବାସୀ ଆବାସିକ



ବିଦ୍ୟାଳୟରେ ଜୁଲାଇ ମାସରେ ମେଲେରିଆ ପାଇଁ ରକ୍ତ ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ । ଏତଦ୍ ବ୍ୟତୀତ ଆଶା ଓ ଅଙ୍ଗନବାଡି ଘରକୁ ଘର ବୁଲି ଓଆର୍‌ଏସ୍ ଓ ଜିଙ୍କ ବଣ୍ଟନ କରିବେ । ଡାଇରିଆ ନିରାକରଣ ଅଭିଯାନ ୧୬ ଜୁନ୍‌ରୁ ୩୧ ଜୁଲାଇ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସେ କହିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଶତ୍ରୁଘ୍ନ ଦାସ, ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ସରୋଜ ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ. ବାସନ୍ତୀ ପାଲ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ସୋନାଲୀ ପ୍ରିୟଦର୍ଶନୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଡିପିସି ମିଶନ ଶକ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ, ପୌରପରିଷଦର କର୍ମକର୍ତ୍ତା, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଗ୍ରାମ୍ୟ ଓ ପରିମଳ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ପ୍ରକାଶଥାଉ କି, ଜିଲ୍ଲାରେ ମୋଟ୍ ୨୫୧୮୨୮ ଘର ବୁଲି ୧୧୦୩୨୧ (୫ ବର୍ଷରୁ କମ୍) ପିଲାଙ୍କୁ ଓଆର୍‌ଏସ୍ ଓ ଜିଙ୍କ ବଣ୍ଟନ କରିବେ । ଏହି ପରିପେକ୍ଷୀରେ ସର୍ବମୋଟ୍ ୧୮୨ ଜଣ ପିଲା ଡାଇରିଆରେ ପୀଡିତ ଥିଲେ ବୋଲି ଘର ଭ୍ରମଣ ସମୟରେ ଚିହ୍ନଟ କରାଯାଇଛି । ଏହାଛଡା ସମସ୍ତ କୂଅ, ନଳକୂପ ବିଶୋଧନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ସର୍ବଶେଷରେ ମ୍ୟାଲେରିଆ ସର୍ବେକ୍ଷଣ କାର୍ଯ୍ୟ ପାଇଁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ପ୍ରଥମ), କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଦ୍ୱିତୀୟ), ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ତୃତୀୟ) ଓ ପାରଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧକ୍ଷଙ୍କୁ ପୁରସ୍କୃତ କରଯାଇଥିଲା । ଜୟପୁର (ରଘୁନାଥପୁର ବ୍ଲକ), ଉରାଳି (ମଣ୍ଡସାହି)ର ଆଶା କର୍ମୀ ମଧ ପୁରସ୍କୃତ ହୋଇଥିଲେ ।

# ଗୋପବନ୍ଧୁ ସେବା ସଦନକୁ ଏସ୍‌ବିଆଇର ବିଭିନ୍ନ ସାମଗ୍ରୀ ପ୍ରଦାନ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଗାଇସିଲାଟ-ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ତରଫରୁ ବରଗଡ ଜିଲ୍ଲା ଗାଇସିଲାଟ ବ୍ଲକ ତାଲପାଲି ଗ୍ରା.ପର ଜନକେଡା ସ୍ଥିତ ଗୋପବନ୍ଧୁ ସେବାସଦନରେ ସାମଗ୍ରୀ ପ୍ରଦାନ ପରାଯାଇଛି । ଏହାର ଟିମ୍‌ରେ ଆର.ବି.ଓ ବରଗଡର ରିଜିଓନାଲ ମ୍ୟାନେଜର ମଧୁସୂଦନ ରଥ, ତାଲପାଲି ଶାଖା ପରିଚାଳକ ଶାନ୍ତନୁ କୁମାର ମେହେର, ବରଗଡ ଆର.ବି.ଓର ଏଚ.ଆର. ମ୍ୟାନେଜର ପ୍ରିତିଶ ଶେଖର ସେଠୀ, ବରଗଡ ଆର.ବି.ଓର ସିନିୟର ଏସୋସିଏଟ୍ ଜିତେଶ କୁମାର ସ୍ୱାଇଁ, ତାଲପାଲି ଶାଖାର କଷ୍ଟମର ଏସୋସିଏଟ୍ ପ୍ରତ୍ୟୁସ କୁମାର ପଧାନ ଉପସ୍ଥିତ ଥିଲେ । ବ୍ୟାଙ୍କ ପକ୍ଷରୁ ୧୦ଟି ଷ୍ଟିଲ୍ ରେକ, ରାସନ ସାମଗ୍ରୀ, ସ୍କୁଲ୍ ବ୍ୟାଗ୍ ଓ ଶୈକ୍ଷିକ ଉପକରଣ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଗାଇସିଲାଟ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ, ପରିଚାଳନା କମିଟୀର ଚୈତନ୍ୟ ସାହୁ, ବିପିନ ବିହାରି ସାହୁ, ରାଜେନ୍ଦ୍ର ପଧାନ, ଭାଗିରଥି କନ୍ଧ ସମେତ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ପରିଚାଳନା କମିଟୀ ତରଫରୁ ପିଲାଙ୍କୁ ତାଲପାଲି ଉଚ୍ଚ ବିଦ୍ୟାଳୟକୁ ନେବା ଆଣିବା ନିମନ୍ତେ ଏକ ଚାରିଚକିଆ ଯାନ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା । ଗୋପବନ୍ଧୁ ସେବାସଦନ ବରଗଡ ଜିଲ୍ଲାର ଏକ ଅଗ୍ରଣି ସେବା ସଂସ୍ଥା । ଏହା ଦିବ୍ୟାଂଗ ଓ ଅନାଥ ପିଲାଙ୍କ ଆଶ୍ରୟସ୍ଥଳୀ ।

# ସଡ଼କ ସୁରକ୍ଷା ନେଇ ତୁରନ୍ତ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ସଂପର୍କରେ ମୁଖ୍ୟତଃ ବୈଠକ ପର୍ଯ୍ୟବେଶିତ ଥିଲା । ପ୍ରାରମ୍ଭରେ କେନ୍ଦ୍ରାଞ୍ଚଳ ପରିବହନ ଉପଆୟୁକ୍ତ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ବିରଞ୍ଚି ନାରାୟଣ ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସଂପୂର୍ଣ୍ଣ ଥିବା କାର୍ଯ୍ୟଗୁଡିକ ଉପରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଇତି ମଧ୍ୟରେ ମଙ୍ଗୁଳି ଠାରେ ରାସ୍ତା ପାର ହେବା ପାଇଁ ପାଦ ଚଲା ପୋଲ ଦୁଇଟିରୁ ଗୋଟିଏର ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଅନ୍ୟ ଗୋଟିଏ ଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ପ୍ରକାଶ କରିଥିଲେ । କଟକ-ନିଶ୍ଚିନ୍ତକୋଇଲି, ଟାଙ୍ଗୀ-ହରିପୁର ଆଦି ରାସ୍ତାର ସମସ୍ୟା ଓ ଏହାର ସମାଧାନ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ତୃତୀୟ ପକ୍ଷ ଅଡିଟ୍ ରିପୋର୍ଟ ତୁରନ୍ତ ଦାଖଲ କରିବା ପାଇଁ ବିଭିନ୍ନ ସଡକ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସାଲେପୁର-ଚାନ୍ଦବାଲି ରାସ୍ତାରେ ଆବଶ୍ୟକ ସ୍ଥଳେ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଉପରେ ହମ୍ପ ନିର୍ମାଣ କରି ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜାତୀୟ ରାଜପଥ ଉପରେ ବେଆଇନ୍ ଭାବେ ପାର୍କିଂ କରୁଥିବା ଭାରିଯାନର ଅପସାରଣ ନିମନ୍ତେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦିବାରାତ୍ର କାର୍ଯ୍ୟକରୁଥିବା ବେଳେ ଅମାନ୍ୟ କରୁଇଥିବା ଭାରିଯାନ ଗୁଡିକୁ ଜରିମାନା ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଏହାର ଫଟୋ ପ୍ରେରଣ ନିମନ୍ତେ କୁହାଯାଇଥିଲା । ବାରଙ୍ଗ ନିକଟବର୍ତ୍ତୀ ରାସ୍ତା ଉପରେ ବାଲି





ପରିବହନ ଯୋଗୁ ଜମିରହୁଥିବା ବାଲିକୁ ପର୍ଯ୍ୟାୟ କ୍ରମେ ନିର୍ଦ୍ଦିଷ୍ଟ କରାଯାଇଥିବା ଅଞ୍ଚଳ ସଫା କରିବା ନିମନ୍ତେ ଘାଟ ନିଲାମକାରୀ ମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ପଶୁପତି ଗଡା ନିକଟରେ ଉନ୍ନତମାନର କ୍ୟାମେରା ଲଗାଇବା ପାଇଁ ଜାତୀୟ ରାଜପଥର କର୍ତ୍ତୃପକ୍ଷ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କଟକ ମହାନଗରନିଗମ ତଥା ଏହାକୁ ସଂଯୋଗ କରୁଥିବା ରାସ୍ତା ଏବଂ ଛକ ଗୁଡିକର ଟ୍ରାଫିକ୍ ଲାଇଟ୍‌କୁ ପୂର୍ଣ୍ଣକ୍ଷମ ସୁନିଶ୍ଚିନ୍ତ କରିବା ନିମନ୍ତେ ସହକାରୀ ପୋଲିସ ଆୟୁକ୍ତ (ଟ୍ରାଫିକ)ଙ୍କୁ ଅନୁରୋଧ କରାଯିବା ସହ ହାଉଡ଼ାମୋଟର ଛକରୁ ପ୍ରମୋଦ ହୋଟେଲ ଏବଂ ରାମ ମନ୍ଦିର ରାସ୍ତା ଅଞ୍ଚଳରେ ରାସ୍ତା ଉପରେ ବେଆଇନ୍ ପାର୍କିଂ ହଟାଇବା ନିମନ୍ତେ ଉପଯୁକ୍ତ ପାର୍କିଂ ସ୍ଥାନ ଚିହ୍ନଟ କରି କମିଟିକୁ ଜଣାଇବା ନିମନ୍ତେ ଅନୁରୋଧ କରାଯାଇଥିଲା । ଗୋପାଳପୁର ନିକଟରେ ଦିଗନିର୍ଣ୍ଣୟ ଫଳକ ଗୁଡିକୁ ଅପେକ୍ଷାକୃତ ବଡ ଆକାରର ଲଗାଇବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା । ପେଟାନାଳ ନିକଟ ରାସ୍ତା ଉପରୁ ପରିବା ଓ ମାଛ ବିକ୍ରେତାଙ୍କୁ ଅପସାରଣ କରିବା ନିମନ୍ତେ ଆଗାମୀ ଦିନରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ରାସ୍ତାକଡ ବିଦ୍ୟାଳୟ ଗୁଡିକର ରାସ୍ତାପଟୁ ଥିବା ପ୍ରବେଶ ଦ୍ୱାରର ସ୍ଥାନ ପରିବର୍ତ୍ତନ କରାଯିବା ଉପରେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଗ୍ରାମାଞ୍ଚଳ ଆରକ୍ଷୀ ଅଧିକ୍ଷକ ପ୍ରତିକ ସିଂ ବେଆଇନ୍ ଭାବେ ମଦ ବିକ୍ରୟ କରୁଥିବା ରାସ୍ତାକଡ ହୋଟେଲ ଉପରେ ଚଢଉ କରାଯିବା ପାଇଁ ଭାରପ୍ରାପ୍ତ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମଦ୍ୟପାନ କରି ଗାଡି ଚଲାଉଥିବା ଚାଳକଙ୍କର ମଦ୍ୟପାନର ପ୍ରମାଣ ନିମନ୍ତେ ସ୍ୱାସ୍ଥ୍ୟକର ଦୃଷ୍ଟିରୁ ସମ୍ପର୍କ ବିହିନ ଯନ୍ତ୍ର ବ୍ୟବହାର ଉପର ଗୁରୁତ୍ୱ ଦେବା ସହ ରାସ୍ତା ଗୁଡିକର ମଧ ଏବଂ ପାର୍ଶ୍ୱବର୍ତ୍ତୀ ସ୍ଥାନକୁ ରଙ୍ଗ ଚିହ୍ନିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ବିଭିନ୍ନ କୋଚିଙ୍ଗ ତଥା ଅନ୍ୟ ଅନୁଷ୍ଠାନ ମାନଙ୍କରେ ନାବାଳକ ଗାଡି ଚାଳନା ନିଷେଧ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ କଟକ ଜିଲ୍ଲା ବସ୍ ମାଲିକ ସଂଘ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଭାଗ ନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ସୁଚିନ୍ତିତ ମତାମତ ରଖିଥିଲେ । ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧରେ ସମନ୍ୱୟ ରକ୍ଷାକରି ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଉପରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଗୁରୁତ୍ୱ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶିବ ଟପୋ, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।





## ଅଜ୍ଞାତ ଦୁର୍ବୃତ୍ତର ଭୁଜାଲି ଚୋଟରେ ଯୁବକ ଗୁରୁତର

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ୱଷ୍ଟ ଦିବାଲୋକରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଯୁବକଙ୍କୁ ପ୍ରଥମେ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଯିବା ପରେ ସ୍ଥିତି ସଙ୍କଟାପନ୍ନ ହେବାରୁ ଗୁରୁତର ଯୁବକଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ଏଭଳି ଏକ ରକ୍ତ ରଞ୍ଜିତ ଘଟଣା ଘଟିଛି ବାରିପଦା ଟାଉନ୍ ଥାନା ଅଧିନସ୍ଥ ଷ୍ଟେସନ୍ ବଜାର ହାଟ ନିକଟରେ । ଯୁବକ ଜଣକ ହେଉଛନ୍ତି ବିହାର ରାଜ୍ୟର ମୁନ୍ନା ଯାଦବ । ମୁନ୍ନା ଯାଦବ ଦୁଇମାସ ତଳେ ବାରିପଦା ଆସି ଷ୍ଟେସନ୍ ବଜାର ଅଞ୍ଚଳରେ ଥିବା ଏକ ମଦ କାଉଣ୍ଟରରେ କର୍ମଚାରୀ ଭାବେ କାମ କରିଆସୁଥିଲେ । ଘଟଣା ମୁତାବକ ଯୁବକ ଜଣକ ସକାଳ ସମୟରେ ଷ୍ଟେସନ୍ ବଜାର ପରିବା ମାର୍କେଟ୍‌ରୁ ପରିବା ନେଇ ନିଜ ବାଇକ୍‌ରେ ବସି ଯିବାକୁ ଉଦ୍ୟମ କରୁଥିବା ସମୟରେ ହଠାତ୍ ଜଣେ ଅଚିହ୍ନା ବ୍ୟକ୍ତି ଆସି ତାଙ୍କ ବେକରେ ଭୁଜାଲି ଲଗାଇଥିଲେ ଏବଂ ଯୁବକ ଜଣକ କିଛି ବୁଝିନପାରି ହାତରେ ଆଡେଇଦେବା କାରଣରୁ ଭୁଜାଲିଟି ବେକରେ ନବାଜି ବାମ ହାତରେ ବାଜିବାରୁ ଜୀବନ ସିନା ବଞ୍ଚିଯାଇଛି, ହେଲେ ଯୁବକଙ୍କ ବାମ ହାତଟି ସାଂଘାତିକ ଭାବେ କଟିଯାଇ ପ୍ରବଳ ରକ୍ତସ୍ରାବ ହେଉଛି । ଅନ୍ୟପଟେ ଦୁର୍ବୃତ୍ତ ଜଣଙ୍କ ଏଭଳି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି । ଏନେଇ ବାରିପଦା ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଘଟଣା ତଦନ୍ତ ଜାରି ରଖିଛି ପୋଲିସ । ତେବେ ଆକ୍ରମଣର ପ୍ରକୃତ କାରଣ ଜଣାପଡିନଥିଲେ ମଧ ପୋଲିସ ପିଡିତ ଯୁବକଙ୍କ ବୟାନ ଆଧାରରେ ତଦନ୍ତ ଜାରି ରଖିଛି ଏବଂ ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ତେବେ ଦିନକୁ ଦିନ ମୟୁରଭଞ୍ଜ ଜିଲ୍ଲା ତଥା ବାରିପଦା ସହରରେ ଗୁଳିକାଣ୍ଡ, ଲୁଟ୍, ଆକ୍ରମଣ ଆଦି ଅପରାଧିକ ଘଟଣା ବଢ଼ି ଚାଲିଥିବା ବେଳେ, ଜନସାଧାରଣରେ ଭୟ ଏବଂ ଆଶଙ୍କା ବୃଦ୍ଧିପାଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ରାଷ୍ଟ୍ରପତି



**କଟକ, ନ୍ୟୁଜ୍ ବ୍ୟୁରୋ**

ଜୁଲାଇ ୧୪ ତାରିଖରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଗସ୍ତର ପ୍ରଥମ ଦିନରେ ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଯୋଗଦେବେ । ସେହିପରି ୧୫ ତାରିଖରେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ରେଭେନ୍ସା ଗାର୍ଲସ୍ ହାଇସ୍କୁଲର କାର୍ଯ୍ୟକ୍ରମ ଏବଂ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ସାରଳା ସାହିତ୍ୟ ସଂସଦର ସମାରୋହରେ ରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତି ସର୍କିଟ ହାଉସରେ ମଧ୍ୟାହ୍ନ ଭୋଜନ କରିବେ । ରାଷ୍ଟ୍ରପତି କଟକ ଆସୁଥିବା ନେଇ ଚିଠି ଆସିବା ପରେ ତତ୍ପର ହୋଇଉଠିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ । ବିଶ୍ୱବିଦ୍ୟାଳୟର ପିଜି କାଉନସିଲ୍ ଅଧ୍ୟକ୍ଷା ପ୍ରଫେସର ଡ଼ଃ ଲୁନା ସାମନ୍ତଙ୍କ ସୂଚନା ଅନୁସାରେ, ସମାବର୍ତ୍ତନ ଉତ୍ସବ ଅବସରରେ ବିଶ୍ୱବିଦ୍ୟାଳୟ ୮୪ ଜଣ ଯୁକ୍ତି ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୬ ଜଣ ଛାତ୍ରଛାତ୍ରୀଙ୍କୁ ସର୍ବଶ୍ରେଷ୍ଠ ସ୍ନାତକ, ୭୬ ଜଣ ସ୍ନାତକୋତର ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ, ୧୪୪ ଜଣଙ୍କୁ ପିଏଚ୍‌ଡ଼ି, ଜଣେ ଡିଲିଟ୍, ଜଣେ ଡ଼ିଏସସି ପାଇବେ ଓ ୪ ଜଣଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ । କଟକ ସାଂସଦ ଭର୍ତ୍ତୃହରି ମହତାବ, ଭାବା ଆଣବିକ ଅଧ୍ୟୟନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଅଜିତ କୁମାର ମହାନ୍ତି, ପଦ୍ମଶ୍ରୀ ସାବରମତୀ ଏବଂ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ କାମ କରୁଥିବା ସ୍ୱେଚ୍ଛାସେବୀ ବିଜୟ କୁମାର ରଥଙ୍କୁ ସମ୍ମାନ ଜନକ ଡିଲିଟ ଉପାଧି ପ୍ରଦାନ କରାଯିବ । ୧୫ ତାରିଖ ଦିନ ୧୧ରୁ ୧୨ଟା ମଧ୍ୟରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏଥିସହ ୩ ବର୍ଷର କୃତି ଛାତ୍ରଛାତ୍ରୀଙ୍କୁ ଏହି ଉପାଧି ପ୍ରଦାନ କରାଯିବ । ପୂର୍ବରୁ ୩ ବର୍ଷ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବ ହୋଇପାରିନଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ ବୋଲି ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଡ଼ଃ ଲୁନା ସାମନ୍ତ କହିଛନ୍ତି ।

## ବୈତରଣୀରେ ବନ୍ୟା ବିତ୍ପାତ | ବୋଟ୍ ଅଚଳ ଓ ପାଣିରେ ବୁଡ଼ି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଏକ ସପ୍ତାହ ହେବ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ଚାଷଜମିରେ ବର୍ଷାଜଳ ଥିବାବେଳେ ଚାଷ କାର୍ଯ୍ୟ ହୋଇପାରିନଥିବା ବେଳେ ବୈତରଣୀ ନଦୀରେ ବନ୍ୟା ଆସିଛି । ପଧାନୀ ପଞ୍ଚାୟତର ସଇଲୋ ଠାରେ କୋଚିଲା ନଦୀ ବନ୍ଧ ଦୁର୍ବଳ ଥିବାରୁ ଜଳସେଚନ ବିଭାଗ ଏସ୍‌ଡିଓ କିଶୋର ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପୁହାଣ, ଅର୍ଜୁନପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଉମେଶ ମହାନ୍ତି ପ୍ରମୁଖ ଉପସ୍ଥିତିରେ ବନ୍ଧ କାର୍ଯ୍ୟ ମରାମତି ଚାଲିଚି । ତେବେ ବୈତରଣୀ ନଦୀର ଉପର ମୁଣ୍ଡରେ ବନ୍ୟା ଜଳ କମୁଥିବାରୁ ବିପଦ ନାହିଁ ବୋଲି ଏସ୍‌ଡିଓ ଶ୍ରୀ ଦାସ କହିଛନ୍ତି । ସେହିପରି ଧାମନଗର ବ୍ଲକ ଅଧିନ ସୋହଡ଼ା ପଞ୍ଚାୟତର କଣ୍ଟାପାରୀ ଓ ମିଶ୍ରପୁର



ଠାରେ ବୈତରଣୀ ନଦୀରେ ୧୦ଟି ବୋଟ୍ ରହିଥିବା ବେଳେ ସେଥିମଧ୍ୟରୁ ଦୁଇଟି ବୋଟ୍ ନଷ୍ଟ ହୋଇଯାଇଛି । ତେବେ ୮ଟି ବୋଟ୍ ପାଇଁ ୧୯ଜଣ ଡ୍ରାଇଭର ଥିବା ବେଳେ ସେମାନଙ୍କୁ ବିଡ଼ିଓ କିମ୍ବା ତହସିଲଦାର ଅନୁମତି ଦେଇନଥିବାରୁ ସେମାନେ ବୋଟ୍ ପାଖରେ ଉପସ୍ଥିତ ଥିବାବେଳେ ଜଣେ ଡ୍ରାଇଭର ବ୍ଲକରେ ପିଅନ କାର୍ଯ୍ୟ କରୁଥିବାବେଳେ ବୋଟ୍ କଥା ବୁଝୁନାହାଁନ୍ତି । ଏପଟେ କଣ୍ଟାପାରି ନିକଟରେ ଏକ ବୋଟ୍ ବୁଡିରହିଥିବା ବେଳେ ଅଚାନକ୍ ବନ୍ୟା ଆସିବାରୁ ସେ ବୋଟ୍‌ଟିକୁ ଉଠାଯାଇପାରିନାହିଁ । ସେପଟେ ମିଶ୍ରପୁର ଠାରେ ମଧ ଏକ ବୋଟ୍ ଅଚଳ ହୋଇପଡ଼ିଛି ହେଲେ ବନ୍ୟା ପାଇଁ ପ୍ରଶାସନ ପ୍ରସ୍ତୁତ ନଥିବା ଭଳି ମନେହେଉଛି । ଏପଟେ ଧାମନଗର ବିଡିଓ ବନ ବିହାରି ଦିନ୍ଧା ଓ ତହସିଲଦାର ଲୋକନାଥ ପ୍ରସାଦ ସେଠୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ପ୍ରଶାସନ ସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଥିବାରୁ ସେଦିଗରେ କିଛି କହିପାରିବେନାହିଁ । ସୂଚନା ଥାଉକି ଗତ ମାସ ଉକ୍ତ ବୋଟ୍ ମରାମତି ପାଇଁ ପାଖାପାଖି ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଅଚଳ ବୋଟ୍‌କୁ ମରାମତି କରାଯାଇଛି । ଏପଟେ ବୋଟ୍ ବୁଡ଼ି ରହିଛି । ଖୋଦ୍ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଶକ୍ତିଶାଳୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧାମନଗରରେ ବୋଟ୍ ମରାମତି ଦୁର୍ନୀତି ହୋଇଛି । ଏପଟେ ବନ୍ୟା ସମୟରେ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକୁ ସଧାରଣରେ ନାପସନ୍ଦ କରିଛନ୍ତି । ଏ ଦିଗରେ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି ।

### ବ୍ରହ୍ମପୁରରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

## ବିନା ପରିଚୟ ପତ୍ରରେ ଭଡ଼ାଟିଆଙ୍କୁ ନରଖିବାକୁ ପରାମର୍ଶ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ବଢ଼ିବାରେ ଲାଗିଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା । କିଏ କେଉଁ ଉପାୟରେ ବିଭିନ୍ନ ସହରକୁ ପ୍ରବେଶ କରି ପରବର୍ତ୍ତୀ ସମୟରେ ଫେରିବାଲା ଭାବେ ନିଜର ରୋଜଗାରର ପନ୍ଥାକୁ ଆଦରି ନେଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ଏଭଳି ବ୍ୟକ୍ତିଙ୍କ ମଧ୍ୟରୁ ଅନେକ ବିବାହିତ ହୋଇଥିଲେ ହେଁ ନିଜ ପରିବାରବର୍ଗଙ୍କୁ ସାଙ୍ଗରେ ନଆଣି ଏକୁଟିଆ ଆସି ଅନ୍ୟମାନଙ୍କ ସହିତ ଦଳଗତ ଭାବେ ବସବାସ କରୁଛନ୍ତି । ସହରରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ବର୍ଷାଧିକ କାଳ ଗୋଟିଏ ସ୍ଥାନରେ ମଧ ରହୁଥିବା ନଜିର ରହିଛି । ଏଭଳି କିଛି ଅଚିହ୍ନା ଲୋକଙ୍କ ଜରିଆରେ ସହରାଞ୍ଚଳରେ ଚୋରିହାରି ଘଟଣା ବଢାଉଥିବା ଆଶଙ୍କା ପ୍ରକାଶ କରାଯାଇଛି । ସେପଟେ ଦିନକୁ ଦିନ ଏଭଳି ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ନେଇ



ରାଜ୍ୟ ସରକାର ମଧ ଚିନ୍ତା ପ୍ରକଟ କରିଛନ୍ତି । ରାଜ୍ୟର ବିଭିନ୍ନ ସହରରେ ବସବାସ କରୁଥିବା ବାଂଲାଦେଶୀ ତଥା ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ଉଭୟ ଜିଲ୍ଲା ଓ ପୋଲିସ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ଏହି କ୍ରମରେ ବ୍ରହ୍ମପୁର ସହରରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି । ପ୍ରଥମ ଦିନରେ ବୈଦ୍ୟନାଥପୁର ଥାନା ପକ୍ଷରୁ ଗଜପତିନଗର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ତନାଘନା କରାଯାଇଥିଲା । ସାଧା ପୋଷାକରେ ପୋଲିସ ଅଧିକାରୀ ବିଭିନ୍ନ ସ୍ଥାନକୁ ଯାଇ ଫେରିବାଲାମାନେ ରହୁଥିବା ଘରଗୁଡ଼ିକର ଯାଞ୍ଚ କରିଥିଲେ । ଏପରିକି ସେଠାରେ ଉପସ୍ଥିତ ଥିବା ରାଜ୍ୟ ବାହାରର ଲୋକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ପରିଚୟପତ୍ର ମଗାଯାଇଥିଲା । ଅନେକଙ୍କ ମୋବାଇଲ୍‌ରେ ସେମାନଙ୍କର ଆଧାରକାର୍ଡ଼ ଥିବା ସେମାନେ କହିଥିବା ବେଳେ ଅନେକଙ୍କ ନିକଟରେ ଓରିଜିନାଲ୍ ପରିବର୍ତ୍ତେ ଜେରକ୍ସ ଥିବା କହିଥିଲେ । ଯାଞ୍ଚ ପାଇଁ ଯାଇଥିବା ପୋଲିସ ଅଧିକାରୀଙ୍କୁ ସେମାନେ ଦେଖାଇଥିବା ଜେରକ୍ସ କପି ନକଲି ଭଳି ଅନୁମାନ କରାଯାଇଛି । ଚିହ୍ନଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ପଶ୍ଚିମବଙ୍ଗର ମୁର୍ସିଦାବାଦ୍ ଓ ୨୪ ପ୍ରଗଣା ଅଞ୍ଚଳର ବୋଲି କରୁଥିବା ବେଳେ ସେମାନଙ୍କ ହାବଭାବ ଓ କଥାବାର୍ତ୍ତା ସମ୍ପୂର୍ଣ୍ଣ ଭିନ୍ନ ରହିଥିଲା । ତେବେ ସେମାନଙ୍କ ଠାରୁ ସମସ୍ତ ପ୍ରମାଣପତ୍ରକୁ ଜବତ କରି ଥାନାକୁ ଡକାଇ ତଥ୍ୟ ଓଗାଳିବାକୁ ଚେଷ୍ଟା କରିଥିଲା ପୋଲିସ । ସବୁଠାରୁ ବଡ଼କଥା ହେଲା ବିନା ପରିଚୟ ପତ୍ର ତଥା ରାଜ୍ୟ ବାହାରର ଅଚିହ୍ନା ଲୋକଙ୍କୁ ଗୃହମାଲିକମାନେ ଅର୍ଥ ଲୋଭରେ ଘର ଭଡ଼ା ଦେଉଥିବା ଆଉ ଏକ ଚିନ୍ତା ଓ ପରିତାପର ବିଷୟ । ଏହା ଜଣାପଡ଼ିବା ପରେ ଗୃହମାଲିକମାନଙ୍କୁ ଯେକୌଣସି ବ୍ୟକ୍ତିଙ୍କୁ ଘର ଭଡ଼ା ଦେବା ବେଳେ ସେମାନଙ୍କ ପରିଚୟପତ୍ର ଯାଞ୍ଚ କରିବା ସହିତ ସ୍ଥାନୀୟ ପୋଲିସ ଷ୍ଟେସନ୍‌ରେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା । ଆଗକୁ ବ୍ରହ୍ମପୁର ପୋଲିସ ଜିଲ୍ଲାର ସମସ୍ତ ଥାନା ଇଲାକାରେ ଏଭଳି ଅଭିଯାନକୁ ତ୍ୱରାନ୍ୱିତ କରାଯିବ ବୋଲି ଜଣାପଡ଼ିଛି ।

## ୫୦ କେଜି ଗଞ୍ଜେଇ ସହ ଆମ୍ବୁଲାନ୍ସ ଜବତ:୨ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଚୋରା ଗଞ୍ଜେଇ ଚାଲାଣ ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ ସହ ଏକ ଆମ୍ବୁଲାନ୍ସ ଗାଡି ଜବତ କରିଛି ସୁବର୍ଣ୍ଣପୁର ଅବକାରୀ ବିଭାଗ । ଅବକାରୀ ବିଭାଗ ମୋବାଇଲ୍ ୟୁନିଟ୍ ପକ୍ଷରୁ ସୁବର୍ଣ୍ଣପୁର ସହରର ବୁଢ଼ାରଜା ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଦିନ ପ୍ରାୟ ୧୧ ବେଳେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ପଟରୁ ଆସୁଥିବା ଆମ୍ବୁଲାନ୍ସ ଗାଡିଟି ନମ୍ବର ବିହୀନ ଗାଡି ଆସୁଥିବା ବେଳେ ତାକୁ ସନ୍ଦେହରେ ବୁଢ଼ାରଜା ଛକରେ ଅଟକ ରଖି ତନଖି ସମୟରେ ସେଥିରୁ ୫୦ କେଜି ଗଞ୍ଜେଇ ମିଳିଥିଲା ଏବଂ ଆମ୍ବୁଲାନ୍ସ ଗାଡିରେ ଥିବା ପଶ୍ଚିମବଙ୍ଗ ରାଜ୍ୟ ବରଡଧାମନ ଜିଲ୍ଲା ନନ୍ଦଘାଟ ଥାନାର ସଞ୍ଜିତ ଶର୍ମା (୪୦) ଓ ନଦିଆ ଜିଲ୍ଲା ଶାନ୍ତିପୁର ଥାନାର ବୁଦ୍ଧଦେବ ମେହେଟୋ (୪୦)ଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ଏହା ବୌଦ୍ଧ ଜିଲ୍ଲାରୁ ପଶ୍ଚିମବଙ୍ଗ ରାଜ୍ୟକୁ





ଚାଲାଣ କରୁଥିବା ସୂଚନା ଦେଇଛନ୍ତି । ଏନେଇ ସୁବର୍ଣ୍ଣପୁର ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ୫୭/୨୫/୨୬ ରୁଜୁ ହୋଇଛି । ବିଭାଗ ପକ୍ଷରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଆମ୍ବୁଲାନ୍ସ ଗାଡି ଓ ଗଞ୍ଜେଇ ଜବତ ସହ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢଉରେ ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲଙ୍କ ନିର୍ଦ୍ଦେଶ କ୍ରମେ ମୋବାଇଲ୍ ଇନ୍ସପେକ୍ଟର ପ୍ରକାଶ କୁମାର ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ଓଆଇସି ଶାନ୍ତନୁ ପଟ୍ଟନାୟକ, ଏଏସ୍‌ଆଇ ଲୋକନାଥ ବେହେରା, ଇଏସ୍‌ଆଇ ସନ୍ତୋଷ କୁମାର ସ୍ୱାଇଁ, ଇଏସ୍‌ଆଇ ଅଭିଲାଷ ବେହେରା ପ୍ରମୁଖ ସାମିଲ୍ ହୋଇଥିଲେ ।

### — ଗ୍ରାମବାସୀଙ୍କୁ ବନ କର୍ମଚାରୀଙ୍କ ମାଡ଼ ଘଟଣା —

## ଦୋଷୀ ବନ କର୍ମଚାରୀଙ୍କୁ ତୁରନ୍ତ ଗିରଫ କରାଯାଉ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲ ଜମିରେ ମକାଚାଷ ଓ ବୃକ୍ଷରୋପଣ ବିବାଦକୁ ନେଇ ରାଇଘର ଥାନା ଆଗରେ କୁସୁମପୁର ଗ୍ରାମବାସୀଙ୍କୁ ୩ ଦିନ ତଳେ ବନବିଭାଗ କର୍ମଚାରୀ ନିସ୍ତୁକ ମାଡ଼ ମାରିଥିଲେ । ଏନେଇ ସମ୍ପୃକ୍ତ ଗ୍ରାମବାସୀ ଜିଲ୍ଲାପାଳ, ଏସ୍‌ପି ଓ ଡିଏଫଓଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ଦୋଷୀ କର୍ମଚାରୀଙ୍କୁ ନିଲମ୍ବିତ କରିବା ସହ ତୁରନ୍ତ ଗିରଫ ଦାବି କରାଯାଇଛି । ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନହେଲେ ରାଇଘର ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲ୍ଲା ଆଦିବାସୀ ଅଧିକାର ମଞ୍ଚ ସମ୍ପାଦକ ରାଜେଶ, ଜାନୀ, ଓଡ଼ିଶା କୃଷକ ସଭାର ଦେବରାଜ ନାଗ, ଡିଓ୍ୱାଇଏଫଆଇ ଯୁବ ସଂଗଠକ ଦୟାନିଧି ସୁନା, ବାଲଚନ୍ଦ ଗଣ୍ଡ, ଈଶ୍ୱର ଗଣ୍ଡ, ଲକିଚନ୍ଦ୍ର ଗଣ୍ଡ, ଚମ୍ପା ଗଣ୍ଡ, ଲକ୍ଷ୍ମୀ ଗଣ୍ଡ, ସବିତାବାଇ ଗଣ୍ଡଙ୍କ ନେତୃତ୍ୱରେ କୁସୁମପୁର ଗାଁର ଶତାଧିକ ପୁରୁଷ ମହିଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, କୁସୁମପୁର ଗାଁ ଜଙ୍ଗଲରେ ସେମାନେ ମକା ଚାଷ କରିଥିଲେ । କୁନ୍ଦେଇ ଫରେଷ୍ଟର ଓ ଫରେଷ୍ଟଗାର୍ଡ ପହଞ୍ଚି ଗ୍ରାମବାସୀଙ୍କ ସହିତ ଗଣ୍ଡଗୋଳ କରିଥିଲେ । ଫରେଷ୍ଟର ମକାଚାଷକୁ ନଷ୍ଟ କରାଯିବ ବୋଲି ଧମକଚମକ ଦେବା ସହ ଥାନାରେ ଗ୍ରାମବାସୀଙ୍କ ନାଁରେ ଏତଲା ଦେଇଥିଲେ । ଏହା ଜାଣି ଗ୍ରାମବାସୀ ବୁଝାମଣା ପାଇଁ ଥାନାକୁ ଯାଇଥିଲେ । ସେତିକି ବେଳେ କର୍ମଚାରୀମାନେ ସଂଘବଦ୍ଧ ହୋଇ ଗ୍ରାମବାସୀଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ । ସେମାନଙ୍କ ଆକ୍ରମଣରେ ୭ଜଣ ଆଦିବାସୀ ଗୁରୁତର ଆହତ ହୋଇଥିଲେ । ଆକ୍ରମଣକାରୀ ଦୋଷୀ କର୍ମଚାରୀଙ୍କୁ ତୁରନ୍ତ ନିଲମ୍ବିତ କରିବା ସହ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ ରହିଛି । ବନବିଭାଗ ଓ ବନସୁରକ୍ଷା ସମିତିଗୁଡିକ ଜଙ୍ଗଲ ଗାଁରେ ବେଆଇନ୍ ଭାବେ ବୃକ୍ଷ ରୋପଣ କରୁଛନ୍ତି । ଏହାଦ୍ୱାରା ବନସୁରକ୍ଷା ସମିତି ଓ ଜଙ୍ଗଲଜମିରେ ପୁରୁଷ ପୁରଷ ଧରି ଚାଷବାସ କରି ବଞ୍ଚୁଥିବା ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ସୃଷ୍ଟି କରାଯାଉଛି । ତୁରନ୍ତ ଜଙ୍ଗଲ ଗାଁରୁ ବନସୁରକ୍ଷା ସମିତିକୁ ହଟାଇ ଜଙ୍ଗଲ ଅଧିକାର କମିଟିକୁ ଦାୟିତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଖଣି ଖନନ ବେଳେ ୩ ଜଣଙ୍କ ମୃତ୍ୟୁ ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ



**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଖଣି ଖନନ ବେଳେ ମାଟି ଅତଡ଼ା ଖସି ୩ ଜଣଙ୍କ ମୃତ୍ୟୁ ଘଟିବା ପରେ ବୁଧବାର ଅପରାହ୍ନ ପ୍ରାୟ ୪.୩୦ ମିନିଟ୍ ସମୟରେ କେନ୍ଦୁଝର ଡିଏଫ୍‌ଓ ଏଚ୍‌ଡି ଧନରାଜଙ୍କ ସହିତ ବନ ବିଭାଗର ଏକ ଉଚ୍ଚ ସ୍ତରୀୟ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି । ବୁଧବାର ଖଣିଜ ଖନନ ହେଉଥିବା ଅଞ୍ଚଳକୁ ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ଟିମ୍ ଯାଇ ଏହାର ତଦନ୍ତ କରି ବନ ବିଭାଗକୁ ଏ ସମ୍ପର୍କରେ ସୂଚନା ଦେଇଥିବା ଯୋଡା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି । ତେଣେ କେନ୍ଦୁଝର ଡିଏଫ୍‌ଓ ଏ ସମ୍ପର୍କରେ ଅଧିକ ସୂଚନା ଦେଇ କହିଛନ୍ତି ଯେ,ଏହି ଅଞ୍ଚଳ ଦୁଇ ଖଣି ମଧ୍ୟରେ ଥିବା ଏକ ପରିତ୍ୟକ୍ତ ବନାଞ୍ଚଳ । ଏହା ଏକ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବନ ବିଭାଗର ପାଟ୍ରୋଲିଂ ବେଳେ ନଜରକୁ ଆସିନାହିଁ । ଏହାର ତଦନ୍ତ ଚାଲିଛି । ତେବେ ଚୋରା କାର୍ଯ୍ୟ କରୁଥିଲା କିଏ, କେତେ ଦିନ ଧରି କାର୍ଯ୍ୟ ଚାଲିଥିଲା, ଚୋରା ମାଙ୍ଗାନିଜ କେଉଁଠିକୁ ପରିବହନ ହେଉଥିଲା, ଏହାର ତଥ୍ୟ ବନ ବିଭାଗ, ପୋଲିସ, ଖଣି ବିଭାଗ ସୂଚନା ଦେବାରେ ଅସମର୍ଥ ହୋଇଥିଲେ । ବନ ବିଭାଗର ଏତଲାକୁ ଭିତ୍ତି କରି ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା ୧୯/୨୦୨୫ ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିବା ବଡବିଲ୍ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗିଆ କହିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ପେସାଲ୍ ଟାସ୍କ ଫୋର୍ସ, ରାଜ୍ୟ ଭିଜିଲାନ୍ସ, ସୁନ୍ଦରଗଡ ଜିଲ୍ଲାର କୋଇଡା ଖଣି ମଣ୍ଡଳରେ ତନାଘନା ତଦନ୍ତ କରୁଥିବା ବେଳେ ଖଣି ଚୋର ମାନଙ୍କର ଲୋଲୁପ ଦୃଷ୍ଟି ଏବେ ସୁନ୍ଦରଗଡ-କେନ୍ଦୁଝର ଜିଲ୍ଲା ସୀମାନ୍ତ ବିଛାକୁଣ୍ଡୀ, ଚୋର ମାଲଦା, ପଳସା, ପିଢ଼ପୋଖରୀ, ଗଣୁଆ ପ୍ରଭୃତି ଅଞ୍ଚଳରେ ପଡ଼ିଛି । ବିଭାଗୀୟ ମିଳିତ କାର୍ଯ୍ୟାନୁଷ୍ଠାନରେ ଏକ ମାସ ମଧ୍ୟରେ ଯୋଡା ଖଣି ମଣ୍ଡଳରେ ପ୍ରାୟ ଏକ ଡର୍ଜନରୁ ଅଧିକ ଗାଡ଼ି ଜବତ ହୋଇଛି । ତେଣେ ଖଣି ବିଭାଗ ଏହି ସବୁ ଗାଡ଼ିରୁ ଅଳ୍ପ କିଛି ଜରିମାନା ନେଇ ଛାଡ଼ି ଦେଉଥିବା ମଧ ଅଭିଯୋଗ ହେଉଛି । ଫଳରେ ଚୋରିରେ ସଂପୃକ୍ତ ଗାଡ଼ି ଅନାୟାସରେ ଖସି ଯାଉଥିବା ଅଭିଯୋଗ ହେଉଛି ।

## ଟିପିସିଓଡିଏଲ୍‌କୁ ଇଣ୍ଡଷ୍ଟ୍ରି ଆୱାର୍ଡ଼ ପ୍ରଦାନ


**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଟାଟା ପାୱାର୍ ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) କଷ୍ଟ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ୧୯ ତମ ନ୍ୟାସନାଲ ଆୱାର୍ଡ଼ସ୍ ଫର୍ ଏକ୍ସଲେନ୍ସ ଇନ୍ କଷ୍ଟ ମ୍ୟାନେମେଣ୍ଟ-୨୦୨୪ ଏବଂ ୮ମ ସିଏମ୍‌ଏ ଆୱାର୍ଡ଼ସ୍- ୨୦୨୪ରେ ପୁରସ୍କୃତ ହୋଇଛି । ଟ୍ରାନ୍ସମିସନ୍ ଓ ଡିଷ୍ଟ୍ରିବ୍ୟୁସନ୍ ବର୍ଗରେ ଟିପିସିଓଡ଼ିଏଲ୍‌କୁ ଏହି ଇଣ୍ଡଷ୍ଟ୍ରି ଆୱାର୍ଡ଼ ମିଳିଛି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ କଷ୍ଟ ମ୍ୟାନେଜମେଣ୍ଟ ପ୍ରାକ୍ଟିସ୍ ଓ ଅପରେସନାଲ୍ ଏକ୍ସଲେନ୍ସ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ସଂସ୍ଥା ଗୁଡ଼ିକୁ ସମ୍ମାନିତ କରାଯାଇଛି । ଟିପିସିଓଡିଏଲ୍ ପକ୍ଷରୁ ସିଏଫ୍‌ଓ ହେମନ୍ତ ଗୋୟଲ, ସିଜିଏମ୍ (ଫାଇନାନ୍ସ) ଶିବ ପ୍ରସାଦ କର ଏବଂ ସିନିୟର ଜିଏମ୍ (ଫାଇନାନ୍ସ) ସୁଧାଂଶୁ କୁମାର ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ସ୍ୱୀକୃତି ଟିପିସିଓଡିଏଲ୍‌ର ଆର୍ଥିକ ଦକ୍ଷତା, ସ୍ୱଚ୍ଛତା ଏବଂ ଉପଭୋକ୍ତାଙ୍କୁ ଗୁଣାତ୍ମକ ସେବା ପ୍ରଦାନ ଦିଗରେ ନିରନ୍ତର ପ୍ରୟାସର ପ୍ରମାଣ ଅଟେ । ଟିପିସିଓଡିଏଲ୍ କେନ୍ଦ୍ର ଓଡ଼ିଶାର ଜନସାଧାରଣଙ୍କୁ ଭରସାଯୋଗ୍ୟ ଓ ଦକ୍ଷ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ସହ ବିଦ୍ୟୁତ୍ ଯୋଗାଣ କ୍ଷେତ୍ରରେ ନବସୃଜନ ଓ ନିରନ୍ତରତା ପାଇଁ ପ୍ରତିଶ୍ରୁତିବଦ୍ଧ ।





## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**


| | | |
|---|---|---|
| ୧୨ଶୁ / ଲଗ୍ନବୃ | ୧୧ | ଶ ୧୦ / ରା୯ |
| ୨ବୁ | ୧୪ / ୭ | ୮ |
| ୩କେମ / ୪ | ଚ୫ | ୭ / ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ


**ତା୪।୭।୨୦୨୫, ଆଷାଢ଼ ଦି୨୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୫।୧୨।୨୫** **ଚନ୍ଦ୍ରୋଦୟ- ଦିଘ ୧।୦୦।୨୩**


**ନବମୀ-** ଦିଘ ୪।୩୨ ପର୍ଯ୍ୟନ୍ତ । **ଚିତ୍ରା ନକ୍ଷତ୍ର-** ଦିଘ ୪।୫୦ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୪।୩୨ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୯ ଗତେ ଘ ୭।୦୧ ମଧ୍ୟେ, ଦିଘ ୧୨।୧୮ ଗତେ ଘ ୨।୫୫ ମଧ୍ୟେ । **ପର୍ବୋତ୍ସବ-** ଆଡ଼ପ ମଣ୍ଡପେ ଶ୍ରୀଜୀୟୁଙ୍କ ଶେଷ ସନ୍ଧ୍ୟା ଦର୍ଶନ ।




**ମେଷ:** ବ୍ୟବସାୟରେ ଲାଭବାନ୍ ହେବେ । ରୋଜଗାରରେ ଉନ୍ନତି ଦେଖାଦେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ । କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହେବ ।



**ବୃଷ:** ଶତ୍ରୁ ମାନଙ୍କ ପ୍ରତି ସତର୍କତ ଅବଲମ୍ବନୀୟ । ଅନେକ ଦିନରୁ ବାକିଥିବା ଅର୍ଥଟି ମିଳିପାରେ । ଘରେ ଆନନ୍ଦ ଦେଖାଦେବ । ଉତ୍ତମ ଭୋଜନ ମିଳିପାରେ । ମହିଳାମାନେ ସୁଖୀ ହେବେ ।



**ମିଥୁନ:** ଅନେକ ସ୍ତରରୁ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ । ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଲାଭ କରି ଉପକୃତ ହେବେ ।



**କର୍କଟ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ ।




**ସିଂହ:** ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବାର ସୂଚନା ।




**କନ୍ୟା:** ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବାର ସୂଚନା । ମନ ଅସ୍ଥିର ରହିବ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ବ୍ୟୟର ପରିମାଣ ବଢ଼ିବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।




**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।




**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକହେବ । କିଛି କଥାକୁ ନେଇ ଟେନ୍‌ସନ୍‌ର ମାତ୍ରା ବଢ଼ିପାରେ । ଘରେ କଳହ ଓ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ ।




**ଧନୁ:** ପ୍ରତ୍ୟେକ କାର୍ଯ୍ୟରେ କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ହେବ । ଶୁଭ କାର୍ଯ୍ୟରେ ଯୋଗଦାନ ଦେବେ । ମହିଳାମାନେ ସୁଖୀ ହେବେ ।



**ମକର:** ଯଶସ୍ୱୀ ହେବେ । ସାମାଜିକ ସ୍ତରରେ ମାନ ମର୍ଯ୍ୟାଦା ବୃଦ୍ଧି ପାଇବ । ଶତ୍ରୁ ନାଶ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଧର୍ମ କାର୍ଯ୍ୟ କରିବାର ସୁଯୋଗ ସୃଷ୍ଟି ହୋଇପାରେ ।



**କୁମ୍ଭ:** ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ଅସୁସ୍ଥ ହୋଇପାରେ । ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଦେଖାଦେଇପାରେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହୋଇପାରେ । ମନ ଅସ୍ଥିର ରହିବ ।



**ମୀନ:** ଲୋକପ୍ରିୟତା ବୃଦ୍ଧି ପାଇବ । କାର୍ଯ୍ୟ କ୍ଷେତ୍ରରେ ସଫଳତା ଦେଖାଦେବ । ଦେହ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ଆୟରେ ଉନ୍ନତି ଦେଖାଦେବ । ଦୂରଯାତ୍ରା କରିପାରନ୍ତି ।

## ସାନଭାଇକୁ ଆକ୍ରମଣ କରି ବଡ଼ଭାଇ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ଗୁପ୍ତେଶ୍ୱର ସାହିରେ ଏକ ପରିବାରରେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ବଡ଼ ଭାଇ ଆକ୍ରମଣରେ ସାନଭାଇ ଗୁରୁତର ହୋଇଥିବା ଜଣାପଡ଼ିଛି । ସାନ ଭାଇର ଅଭିଯୋଗ କ୍ରମେ ପୋଲିସ ବଡ଼ଭାଇ ଗୁପ୍ତେଶ୍ୱର ସାହିର ଲିଙ୍ଗରାଜ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶଯେ ଜମିବାଡ଼ି ଭାଗବଣ୍ଟାକୁ ନେଇ ଲିଙ୍ଗରାଜ ଓ ତାଙ୍କ ସାନଭାଇ ଜଗବନ୍ଧୁଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା । ଉତ୍ୟକ୍ତ ଲିଙ୍ଗରାଜ ଏକ କାଠ ଫାଳିଆରେ ଜଗବନ୍ଧୁଙ୍କ ମୁଣ୍ଡକୁ ପିଟି ଦେଇଥିଲେ । ଫଳରେ ଜଗବନ୍ଧୁଙ୍କ ମୁଣ୍ଡଫାଟି ସେ ଗୁରୁତର ହୋଇପଡ଼ିଥିଲେ । ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୭।୨୦୨୫, ଆଷାଢ଼ ଦି୨୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୧୨।୪୪** **ଚନ୍ଦ୍ରୋଦୟ- ଦିଘ ୧।୫୧।୦୬**

**ଦଶମୀ-** ସଂଘ ୬।୫୯ ପର୍ଯ୍ୟନ୍ତ । **ସ୍ୱାତୀ ନକ୍ଷତ୍ର-** ରାଘ ୭।୫୧ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ ୬।୫୯ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୩ ଗତେ ଘ ୧୨।୧୮ ମଧ୍ୟେ । ଦିଘ ୩।୦୯ ଗତେ ଘ ୩।୪୮ ମଧ୍ୟେ । **ପର୍ବୋତ୍ସବ-** ବାହୁଡ଼ା ଦଶମୀ, ବାହୁଡ଼ା ରଥ ଯାତ୍ରା ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପ୍ରଗତି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପରଫର୍ମାନ୍ସ ଗ୍ରେଡିଂ ଇନଡେକ୍ସ ତାଲିକାରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା । ମନ୍ତ୍ରଣାଳୟ ପକ୍ଷରୁ ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସର ୨୦୨୩-୨୪ର ତାଲିକା ଜାରି ହୋଇଛି । ଶ୍ରେଷ୍ଠ ୫ ତାଲିକାରେ ଓଡ଼ିଶା ସମେତ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ସ୍ଥାନ ପାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶା ୨୦୨୨-୨୩ ତୁଳନାରେ ୨୦୨୩- ୨୪ରେ ଦୁଇ ଗୁଣା ଉନ୍ନତି କରିଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୨-୨୩ର ପରଫର୍ମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ତାଲିକାରେ ଓଡ଼ିଶାର କୌଣସି ଜିଲ୍ଲା ଉତ୍ତମ-୩ ବର୍ଗରେ ନଥିଲା । ମାତ୍ର ୨୦୨୩- ୨୪ ତାଲିକାର ଉତ୍ତମ-୩ ବର୍ଗରେ ରାଜ୍ୟର କେବଳ ଝାରସୁଗୁଡ଼ା ଜିଲ୍ଲା ସ୍ଥାନ ପାଇଛି । ୬ ଶହ ନମ୍ବରରୁ ଝାରସୁଗୁଡ଼ା ୩୮୩ ସ୍କୋର କରିପାରିଛି । ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୨ ଜିଲ୍ଲା ପ୍ରଚେଷ୍ଟା-୧ ବର୍ଗରେ ଥିଲା । ୨୦୨୩-୨୪ ତାଲିକାରେ ଏହା ଦୁଇ ଗୁଣ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି । ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା, କଟକ, ନୂଆପଡ଼ା, ଜଗତସିଂହପୁର, ଅନୁଗୁଳ, କୋରାପୁଟ, ସୁନ୍ଦରଗଡ଼, ନୟାଗଡ଼, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ସୋନପୁର, ବରଗଡ଼, ମାଲକାନଗିରି, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲା ସ୍ଥାନ ପାଇଛି । ପ୍ରଚେଷ୍ଟା-୨ ବର୍ଗରେ ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୮ଟି ଜିଲ୍ଲା ରହିଥିଲା । ୨୦୨୩-୨୪ ବେଳକୁ ଏହି ତାଲିକାରେ କେବଳ ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ରହିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟଗୁଡ଼ିକର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଯାଞ୍ଚ କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପରଫର୍ମାନ୍ସ ଗ୍ରେଡିଂ ଇନଡେକ୍ସ ରିପୋର୍ଟ ପ୍ରକାଶ କରିଥାଏ । ଏଥିରେ ୬ ବର୍ଗର ୭୪ ସୂଚକାଙ୍କରେ ୬ଶହ ନମ୍ବରରୁ ମୂଲ୍ୟାୟନ କରାଯାଇଥାଏ । ଶିକ୍ଷକ ଉପଲବ୍ଧି ଓ ବୃତ୍ତିଗତ ଉନ୍ନତି, ଭିତ୍ତିଭୂମି, ସୁବିଧା ସୁଯୋଗ, ବିଦ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା, ଛାତ୍ର ସୁରକ୍ଷା, ଡିଜିଟାଲ୍ ଶିକ୍ଷା, ଉପସ୍ଥାନ, ନେତୃତ୍ୱ ବିକାଶ ପ୍ରମୁଖ ସୂଚକାଙ୍କୁ ବିଚାରକୁ ନିଆଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୭)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪



ଆଜି ସନ୍ଧ୍ୟାରେ ମୁଁ ଶ୍ରୀମନ୍ଦିର ଭିତରେ ଆଳତି ଚାଲୁଥିବା ସମୟରେ ଆନନ୍ଦର ସହ ପ୍ରବେଶ କରି ଠାକୁରଙ୍କୁ ଚାହିଁଲା ବେଳକୁ ମୋ ଶ୍ରୀରାମଙ୍କୁ ପାଇଲି ନାହିଁ । ଯେଉଁ ତିନୋଟି ପ୍ରତିମା ଦେଖିଲି । ଯାହାଙ୍କୁ ଜଗନ୍ନାଥ ଓ ବଳଭଦ୍ର ବୋଲି ଏଠିକାର ଲୋକେ କୁହନ୍ତି । ସେ କୁଆଡେ ଦୁଇଭାଇ ତାଙ୍କର ପୁଣି ହାତ ଖଣ୍ଡିଆ, ଗୋଡନାହିଁ । ଗୋଟିଏ ଭାଇର ରଙ୍ଗ ସଂପୂର୍ଣ୍ଣ କଳା, ଯେଉଁ ଆଖି ଦୁଇଟି ରହିଛି ସେ ଆଖି ଦୁଇଟି ମଧ୍ୟ ଚକ୍ରାକାର ଓ ବଡ ବଡ । ବଳଭଦ୍ର ବୋଲି ଯାହାକୁ କହୁଛନ୍ତି ତାଙ୍କର ରଙ୍ଗ ଧଳା, ହାତ ବି ପୂର୍ଣ୍ଣାଙ୍ଗ ନୁହେଁ । ଗୋଡ ବି ନାହିଁ । ଏ ଦୁଇଭାଇଙ୍କର ଅଲିଅଳି ଭଉଣୀ ସୁଭଦ୍ରା ବୋଲି ଯାହାକୁ କହୁଛନ୍ତି, ତାଙ୍କର ମୂଳରୁ ହାତ ନାହିଁ, ଗୋଡବି ନାହିଁ । ଏ ସବୁ ଦେଖି ଭାବିଲି ଏ ଗୁଡା ଖାଲି ମିଛ ଅଭିନୟ କରି ଏ ଠାକୁରମାନଙ୍କୁ ପୂଜା କରିଚାଲିଛନ୍ତି । ମୋ ଶ୍ରୀ ରାମ ତ ଏତେ ସୁନ୍ଦର ଯେ ଏ ସଂସାରର ସମସ୍ତ ସୌନ୍ଦର୍ଯ୍ୟକୁ ଏକତ୍ରୀକରଣ କରି ଯଦି ମୋ ପ୍ରଭୁ ଶ୍ରୀରାମଙ୍କ ସମ୍ମୁଖକୁ ଅଣାଯାଏ, ତେବେ ଏ ସଂସାରର ସମସ୍ତ ସୌନ୍ଦର୍ଯ୍ୟ ଫିକା ପଡିଯିବ । କୋଟି କୋଟି ଶୀତଳ ଚନ୍ଦ୍ରମାଙ୍କ ଠାରୁ ମୋ ପ୍ରଭୁଶ୍ରୀରାମଙ୍କ ଜ୍ୟୋତି ଏତେ ଉଜ୍ଜ୍ୱଳ ଯେ ତାଙ୍କ ସମ୍ମୁଖରେ ଚନ୍ଦ୍ରମା ବି ଘୋର ଲଜ୍ଜାରେ ମଥାନତ କରିବ । ଅନନ୍ତ କୋଟି ବ୍ରହ୍ମାଣ୍ଡର ସମସ୍ତ ସୌନ୍ଦର୍ଯ୍ୟକୁ ନିନ୍ଦା କଲାଭଳି ମୋ ପ୍ରଭୁ ଶ୍ରୀରାମଙ୍କ ସୌନ୍ଦର୍ଯ୍ୟ । ଏପରି ରୂପର ମୂର୍ତ୍ତିଟିଏ ସେ ତିନି ଠାକୁରଙ୍କ ଭିତରେ କାହାରି ନାହିଁ । ତେଣୁ ନିରାଶ ହୋଇ ଆସି ଏହିଠାରେ ବିଶ୍ରାମ ନେଇଛି ଭାଇ । ଗାଇ ଜଗାଳି ବାଳକଟି ଖୁବ୍ ଜୋର୍‌ରେ ହସି ହସି କହିଲା ଭାଇନା ! ଏହି ସାମାନ୍ୟ କଥାରେ ଏତେ ଦୁଃଖରେ ଏଠାରେ ଶୋଇଛୁ ? ଆଚ୍ଛା ! ଠିକ୍ ଅଛି, ମୁଁ ତୁମ ପାଇଁ କିଛି ଖାଦ୍ୟ ଆଣିଛି । ଖାଦ୍ୟ ଏତକ ଖାଇ ଦିଅ ତା'ପରେ କ'ଣ ହେବ ଦେଖିବା, ବାଳକଟି ଖାଦ୍ୟ ବାଢିଦେଲା ଗୋଟିଏ ପରିଷ୍କାର କଦଳି ପତ୍ରରେ । ତୁଳସୀ ଦାସ ଖାଇବାକୁ ଲାଗିଲେ । ଖାଦ୍ୟ ଶେଷ ହେବାକୁ ଅତ୍ୟନ୍ତ ସ୍ୱଳ୍ପ ସମୟ ରହିଛି । ବାଳକଟି ପଚାରିଲା ତୁଳସୀ ଦାସଙ୍କୁ, ପଣ୍ଡିତେ ! ଆପଣ ପରା କୁଆଡେ ରାମାୟଣ ଲେଖିଛନ୍ତି ? ତୁଳସୀ ଦାସ କହିଲେ ହଁ ଲେଖିଛି । ଆଚ୍ଛା କହିଲ ! ତୁମେ ବାଳକାଣ୍ଡ (ଆଦ୍ୟ କାଣ୍ଡ)ରେ କ'ଣ ଲେଖିଛ ? ତୁଳସୀ କହିଲେ, ବାଳକ ! ମୋର ମନେ ପଡୁନି ।" ବାଳକ କହିଲେ " ଯଦି ମନେ ନ ପଡୁଛି, ତେବେ ମୋ ଠାରୁ ଶୁଣ ତୁମେ ଲେଖିଛ-''ବିନୁ ପଦ ଚଲଇ ଶୁନଇ ବିନୁ କାନା, ବିନୁ କର କରମ କରଇ ବିଧି ନାନା ।" ଏହି ଛନ୍ଦ ତୁମେ ଲେଖିନ ତୁଳସୀ ? "ହଁ ମୁଁ ଲେଖିଛି ଏହାକୁ ଆଦ୍ୟ କାଣ୍ଡରେ" ତୁଳସୀ ଦାସ କହିଲେ । ତତ୍‌ପରେ ବାଳକ ତୁଳସୀ ଦାସଙ୍କୁ କହିଲେ, ପଣ୍ଡିତେ ଏହି ଛନ୍ଦଟିକୁ ତୁମେ ରାମାୟଣର ଆଦ୍ୟ ପର୍ବରେ ଲେଖିବି ଜଗନ୍ନାଥଙ୍କୁ ଦର୍ଶନ କରି ତୁମେ ଏତେ ଚିନ୍ତିତ ଓ ବିଚଳିତ ହୋଇଗଲ କାହିଁକି ? ସେହି ଜଗନ୍ନାଥ ହେଉଛନ୍ତି ତୁମ ଶ୍ରୀରାମ । ଆସନ୍ତାକାଲି ତୁମେ ପ୍ରତ୍ୟୁଷରୁ ସ୍ନାନ ତର୍ପଣ ସାରି ଶ୍ରୀମନ୍ଦିରରେ ଯାଇ ପହଞ୍ଚିବ । ସେହି ରତ୍ନସିଂହାସନ ଉପରେ ତୁମେ ଦେଖିବାକୁ ପାଇବ ତୁମର ସେହି ଅନନ୍ତ କୋଟି ବ୍ରହ୍ମାଣ୍ଡର ନାୟକ ଶ୍ରୀରାମଙ୍କୁ ।" ବଡ ଆଶ୍ଚର୍ଯ୍ୟ ଭାବେ ବାଳକଟିର ମୁଖମଣ୍ଡଳକୁ ତୁଳସୀ ଦାସ ନିରୀକ୍ଷଣ କରି ପଚାରିଲେ, " ଆଚ୍ଛା ବାଳକ ! ତୁମେ କେମିତି ଜାଣିଲ ଯେ ମୁଁ ରାମାୟଣ ଲେଖିଛି, ଆଉ ସେହି ରାମାୟଣର ବାଳକାଣ୍ଡରେ ଏହି ମଧୁମୟ ଛନ୍ଦକୁ ଲିପିବଦ୍ଧ କରିଛି ? କୁହ ବାଳକ ?" ବାଳକଟି ହସି ହସି କହିଲେ " ହେ ତୁଳସୀ ! ମୁଁ ସବୁ ଜାଣେ ?" ସେହି ସ୍ୱପ୍ନ ଭିତରେ ବାଳକଟି ଏତକ କହିଦେଇ କୁଆଡେ ଶୂନ୍ୟ ହେଇଗଲେ । ତୁଳସୀଙ୍କର ସ୍ୱପ୍ନ ହଠାତ୍ ଭାଙ୍ଗିଗଲା । ସେ ନିଦରୁ ଉଠି ବଡ ପାଟିରେ ଡାକ ପକାଇଲେ ବାଳକଟିକୁ । ତୁଳସୀ ଦାସ ପ୍ରକୃତିସ୍ଥ ହୋଇପାରୁ ନାହାନ୍ତି କମ୍ବା ଜାଣିପାରୁ ନାହାନ୍ତି ଯେ ସ୍ୱପ୍ନ ଦେଖୁଥିଲେ ବୋଲି ।
(କ୍ରମଶଃ)

# ବକ୍ତା ଅଧିକ, ଶ୍ରୋତା କମ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ଆମ ଦେଶରେ ଗୋଟେ ବିଚିତ୍ର ପରିସ୍ଥିତି ହେଲାଣି: ବକ୍ତା ବହୁତ ହୋଇଗଲେଣି, ଶ୍ରୋତା କମ୍ । ଯାହାକୁ ଦେଖ ସିଏ କହୁଛନ୍ତି; କହି ଚାଲିଛନ୍ତି । ହାଟବଜାରରେ କହୁଛନ୍ତି । ସଭାରେ କହୁଛନ୍ତି । ସଂସଦ, ବିଧାନସଭାରେ କହୁଛନ୍ତି । ସାମାଜିକ ଗଣମାଧ୍ୟମରେ ତ କହି କହି ବେଦମ ହୋଇଗଲେଣି । ବିଡ଼ମ୍ବନା ହେଲା ଶୁଣିବାଲୋକ କ୍ରମଶଃ କମି କମି ଏବକୁ ଏ ଦେଶରେ ପ୍ରାୟ ଆଉ ନାହାନ୍ତି ।

ଦେଶରେ ଯେତେ ବେଳେ କହିବାଲୋକ ଅଧିକ ଆଉ ଶୁଣିବାଲୋକ କମ୍ ହୋଇଯିବେ, ସେତେବେଳେ କହିବାଲୋକଙ୍କ ଭିତରେ କିଏ କେତେ ବଡ ପାଟିରେ କହିବ ତାକୁ ନେଇ ଲଢ଼େଇ ଆରମ୍ଭ ହୋଇଯିବ । ଆଉ ସମସ୍ତେ ଯଦି ଏକାସାଙ୍ଗରେ ବଡ ପାଟିରେ କହିବେ, ତାହାହେଲେ ଯେଉଁ କେତୋଟି ଶୁଣିବାଲୋକ ଥିଲେ ଦେଶରେ, ସିଏ ବି ଆଉ କିଛି କଥା ଶୁଣିପାରିବେ ନାହିଁ । ଗୋଟେ ସମୟରେ ବିରକ୍ତ ହୋଇ ସେମାନେ ଶୁଣିବା ବନ୍ଦ କରିଦେବେ ।

ଏଇ ଅବସ୍ଥା ହେଉଛି ଆମ ଦେଶରେ । ଆମ ଘରେ । ଆମ ଚାରିପାଖରେ । ଟେଲିଭିଜନ ବିତର୍କରେ ଦେଖିବେ ସମସ୍ତେ ଏକାସାଙ୍ଗରେ କହୁଛନ୍ତି । ପକ୍ଷ, ବିପକ୍ଷ ଏବଂ ଆଙ୍କର (ସୂତ୍ରଧର; ଏ କ୍ଷେତ୍ରରେ ବିତର୍କ ପରିଚାଳକ) - ସମସ୍ତେ ଏକା ସାଙ୍ଗରେ ବଡପାଟିରେ କହୁଥିବେ । ଯିଏ ବିତର୍କଟି ଶୁଣିବାପାଇଁ ଟେଲିଭିଜନ ଆଗରେ ବସିଛି, ସେ କାର୍ଯ୍ୟକ୍ରମଟିକୁ ବନ୍ଦ କରି ଶାଶୁବୋହୂ ସିରିଏଲ ଦେଖିଲାଣି । ସେଠିକା ବିତର୍କଠାରୁ ଏଠିକା ଘରୋଇ ଗଣ୍ଡଗୋଳଟା ଭଲ ଲାଗୁଛି । ସାମାଜିକ ଗଣମାଧ୍ୟମରେ ଦେଖିବେ ଜଣେ କିଛି କହିବା ଆରମ୍ଭ କଲା ମାତ୍ରେ ଆଉ ପାଞ୍ଚ ଜଣ ସେ କଣ କହିଲେ ତାକୁ ନ ଶୁଣି, ନ ପଢି ମନ୍ତବ୍ୟ ଦେବାକୁ ଲାଗିପଡ଼ିବେ । ସେ ମନ୍ତବ୍ୟ ସହିତ ମୂଳ ବକ୍ତବ୍ୟ ବା ବିଷୟର କୌଣସି ସମ୍ପର୍କ ନାହିଁ ।

ଜର୍ମାନ ଦାର୍ଶନିକ ହେବରମାସ (ଜନ୍ମ: ୧୯୨୯) ତାଙ୍କର ଯୁଗାନ୍ତକାରୀ ପୁସ୍ତକ 'ଷ୍ଟ୍ରକଚରାଲ ଟ୍ରାନ୍ସଫରମେସନ ଅଫ ପବ୍ଲିକ ସ୍ଫିଅର' (ଜର୍ମାନ ଭାଷାରେ ପ୍ରଥମ ପ୍ରକାଶ: ୧୯୬୨) ପୁସ୍ତକରେ ପବ୍ଲିକ ସ୍ଫିଅର ବା ସାଧାରଣ ଜନକ୍ଷେତ୍ର କଥା କହିଥିଲେ । ତାଙ୍କ ବକ୍ତବ୍ୟ ଥିଲା ସାଧାରଣ ଜନକ୍ଷେତ୍ରରେ ଯାହା ଆଲୋଚନା ହୁଏ, ତାହା ଦେଶର ନେତା ଓ ପ୍ରଶାସକଙ୍କ ଉପରେ ପ୍ରଭାବ ପକାଏ । ଫଳରେ ଏହା ଶାସନକୁ ପ୍ରଭାବିତ କରେ । ତାଙ୍କ ବକ୍ତବ୍ୟର ଭିତ୍ତି ଥିଲା ମଣିଷର ତଥ୍ୟ, ସତ୍ୟ ଓ ଯୁକ୍ତିନିଷ୍ଠତା ଉପରେ ବିଶ୍ୱାସ ।

ଆମ ଦେଶରେ ସମସ୍ୟା ହେଲା - ଲୋକେ ଆଉ ଯୁକ୍ତିକୁ ଶୁଣୁନାହାନ୍ତି । ଅନ୍ୟର କଥାକୁ ଶୁଣିବାର ଆଗ୍ରହ କିମ୍ବା ଧୈର୍ଯ୍ୟ ଆମର ନାହିଁ । ସଠିକ ତଥ୍ୟ ସଂଗ୍ରହ ପାଇଁ ଶ୍ରମ କରିବାକୁ ଆମେ ପ୍ରସ୍ତୁତ ନୋହୁଁ । ସତ୍ୟନିଷ୍ଠ ହେବ ପାଇଁ ଯେଉଁ ମାନସିକ ଦୃଢ଼ତା ଦରକାର, ତାହା ଆମର ନାହିଁ । ଆମେ ଯାହା ବୁଝିଛୁ ତାହା ହିଁ ଧ୍ରୁବ ବୋଲି ଆମର ବିଶ୍ୱାସ । ଏଭଳି ନରମ ନିଅଁରେ ଗଢି ଉଠିଥିବା ବିଶ୍ୱାସ ଭିତ୍ତିରେ ଆଲୋଚନା - ବିତଣ୍ଡାରେ ପରିଣତ ହେବା ଥୟ । ଆଉ ତାହା ହିଁ ହେଉଛି । ତ୍ରୟୋଦଶ ଶତାବ୍ଦୀ ପାରସ୍ୟର କବି ଓ ଦାର୍ଶନିକ ଜଲାଲୁଦ୍ଦିନ ରୁମୀ କହିଥିଲେ, ଗୋଟିଏ ତଥ୍ୟ ଦ୍ୱାରା ଆପଣ ୪୦ ଜଣ ବିଦ୍ୱାନଙ୍କୁ ହରାଇ ପାରିବେ, ହେଲେ ୪୦ ତଥ୍ୟ ସାହାଯ୍ୟରେ ବି ଗୋଟିଏ ମୁର୍ଖକୁ ହରାଇ ପାରିବେ ନାହିଁ । ବର୍ତ୍ତମାନ ସମୟରେ ଆଉ ଗୋଟେ ସମସ୍ୟା ହୋଇଛି ।

ଆଗରୁ ମୁର୍ଖମାନେ ଜ୍ଞାନୀଗୁଣୀଜଣଙ୍କ କଥା ନ ମାନିଲେ ବି ସମାଜରେ ତାହା କହୁ ନ ଥିଲେ । କହିଲେ ବି ସାଧାରଣ ଜନକ୍ଷେତ୍ରରେ ତାହା ବେଶୀ ଗୁରୁତ୍ୱ ପାଉ ନ ଥିଲା । ଏବେ ଗଣମାଧ୍ୟମର ଗଣତାନ୍ତ୍ରିକରଣ ଫଳରେ ସମସ୍ତେ ସାଧାରଣ ଜନକ୍ଷେତ୍ରରେ କହିବାର ସୁଯୋଗ ପାଇଛନ୍ତି । ଏବଂ ଖୁବ କହୁଛନ୍ତି ।

ସମସ୍ତେ କହୁଛନ୍ତି । କେହି ଶୁଣିବା ଅବସ୍ଥାରେ ନାହାନ୍ତି । ସାରା ସମାଜ ଏକ ବିଶାଳ ଶୁଖୁଆ ହାଟରେ ପରିଣତ ହେଉଛି ।

# ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

## ଅନନ୍ତ ଚିନ୍ତନ



ଶ୍ରୀ ଅଭିରାମ ସରସ୍ୱତୀ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର
(୩୭)

ନ ଭାବ ନଚିନି ତୁରେ
ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)
(କ୍ରମଶଃ)

# ବାଂଲାଦେଶୀଙ୍କ କବଜାରେ ନିର୍ମାଣ ରୋଜଗାର



ଇଂ ସତ୍ୟନାରାୟଣ ମାଝୀ
ଏକତାଳୀ, ଯଶିପୁର,
ମୟୂରଭଞ୍ଜ
ମୋ-୯୪୩୮୫୩୭୦୧୩

ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆମ ରାଜ୍ୟ ବହୁ ଆଗକୁ ବଢିବାରେ ଲାଗିଛି । ଗାଁରୁ ସହର ପର୍ଯ୍ୟନ୍ତ ସବୁ ଜାଗାରେ କଂକ୍ରିଟର ଆସ୍ତରଣରେ ଭୂପୃଷ୍ଠକୁ ଆଚ୍ଛାଦିତ କରିଚାଲିଛି ଏବେ । ସରକାରଙ୍କର ନିଷ୍ପତ୍ତିକୁ ଦୃଷ୍ଟିକୋଣରୁ ଆବାସ ଯୋଜନା ଆଧାରରେ ସମସ୍ତଙ୍କୁ ପକ୍କାଘର ମିଳିବା ନିଶ୍ଚିତ । କେହି ବି କଚ୍ଚାଘରେ ରହିବେନାହିଁ, ସମସ୍ତଙ୍କୁ ମିଳିବ ପକ୍କାଘର । ସେଥିପାଇଁ ଏବେ ଜୋରସୋରରେ ଚାଲିଛି ପ୍ରତିଯୋଗିତାମୂଳକ ଭାବରେ ପକ୍କାଘର ନିର୍ମାଣ । ପକ୍କାଘର ଓ କୋଠା ଆଦି ନିର୍ମାଣ ତ ହେବ ନିହାତି । ଆମ ନିକଟରେ ସେତିକି ନିର୍ମାଣ ଶ୍ରମିକ ଅଛନ୍ତି ତ ? ଏହି କଥାକୁ ଯଦି ବିଚାରକୁ ନିଆଯିବ, ଆମ ଗାଁ ଅବା ସହରର କୋଠାବାଡି ନିର୍ମାଣରେ ଆମ ଅଂଚଳ ତଥା ରାଜ୍ୟର କେତେ ଶ୍ରମ ଲାଗିଛି । ଆମ ଅଂଚଳ ତଥା ରାଜ୍ୟର କେତେ ଶ୍ରମିକ ସରକାରୀ ବା ବେସରକାରୀ କୋଠା ନିର୍ମାଣ କାର୍ଯ୍ୟରେ ନିୟୋଜିତ । ଗାଁରୁ ସହର ପର୍ଯ୍ୟନ୍ତ ଯେତେସବୁ କୋଠା ନିର୍ମାଣ ହେଉଛି ସେଥିରେ ପ୍ରାୟତଃ ଆମ ଅଂଚଳର କୁଶଳୀ ଶ୍ରମିକଙ୍କର ଅବଦାନ ଶୂନ କହିଲେ ଅତ୍ୟୁକ୍ତି ହେବନାହିଁ । ସାଂପ୍ରତିକ ସ୍ଥିତିରେ ରାଜ୍ୟର ଅଧିକାଂଶ ସହର ବଜାର କିମ୍ବା ଗାଁମାନଙ୍କରେ ନିର୍ମାଣ ହେଉଥିବା କୋଠାଘର ଗୁଡିକ ଆମଦାନୀ ଶ୍ରମିକମାନଙ୍କ ଦ୍ୱାରା ହେଉଛି । ଲକ୍ଷ୍ୟ କରାଯାଇଛି ବିଗତ ଦଶବର୍ଷ ମଧ୍ୟରେ ଯେତିକି କୋଠାଘରର ନିର୍ମାଣ ହୋଇଛି ତାର ସିଂହଭାଗ ନିର୍ମାଣ ଆମଦାନୀ ଶ୍ରମିକମାନେ କରିଛନ୍ତି । କଥା ଉଠୁଛି ଯେ ଆମଦାନୀ ଶ୍ରମିକ କିଏ, କୁଆଡୁ ଆସୁଛନ୍ତି ଏବଂ କେଉଁଥିଲାଗି ତାଙ୍କ ଚାହିଦା ବଢିଛି ।

ଏହା ବ୍ୟତୀତ ବହୁ ବିଭିନ୍ନ ଏଜେନ୍ସିରେ ରହି ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ କାମ କରୁଛନ୍ତି । ରାଜ୍ୟର ବିଭିନ୍ନ ନିର୍ମାଣାଧୀନ ସାଇଟରେ ଠିକା ଭାବେ କିଏ ସିମେଣ୍ଟ ମିସ୍ତ୍ରୀ ତ କିଏ ଟାଇଲ ମିସ୍ତ୍ରୀ ବା ଶ୍ରମିକ କାମ କରି ବିଭିନ୍ନ ସଂସ୍ଥାର ଅଣ ଆଢୁଆଳରେ ରହିଛନ୍ତି । କେବଳ ସେହି କାମ ନୁହେଁ ବିଭିନ୍ନ ବଡ଼ବଡ଼ ଅଫିସ ବା ବହୁ ତାଲାବିଶିଷ୍ଟ କୋଠା ମାନଙ୍କରେ ଇଣ୍ଟେରିୟର ଡିଜାଇନ୍ କାମରେ ମଧ୍ୟ କମ୍ ମୂଲ୍ୟରେ ମିସ୍ତ୍ରୀ ଓ ବଢେଇ ଭାବେ ନିୟୋଜିତ ହୋଇଛନ୍ତି । ପ୍ଲାଏ ଓ ଇଣ୍ଟେରିୟର ଡିଜାଇନ, ପୁଟି ରଙ୍ଗ କାମ ଭଳି କଣ୍ଟ୍ରାକ୍ଟରଙ୍କ ପାଖରେ କାମ କରୁଛନ୍ତି ।

ବାଂଲାଦେଶୀ ଅନୁପ୍ରବେଶକାରୀ ଯୁବକଯୁବତୀମାନେ ବିଭିନ୍ନ ସ୍ପା, ହୋଟେଲ, ଡ୍ୟାନ୍ସ ବାରରେ ମଧ୍ୟ ଲୁଚିଛପି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ଏମିତିକି ଏମାନେ ଭୋଟର ପରିଚୟ ପତ୍ର ରାସନ କାର୍ଡ ଓ ଆଧାର କାର୍ଡ ଆଦି ହାତେଇ ସାରିଲେଣି । ଏହା ସହିତ ବିଭିନ୍ନ କବାଡିଆ ଦୋକାନ ଓ ଗାଡି ଗାରେଜ୍, ମେକାନିକ ସପ୍ ମାନଙ୍କରେ ମଧ୍ୟ ସେମାନେ କାମ କରୁଛନ୍ତି । ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟରେ ଅନୁପ୍ରବେଶକାରୀ ବାଂଲାଦେଶୀମାନଙ୍କର ପ୍ରାଦୁର୍ଭାବ ବହୁମାତ୍ରାରେ ବଢିଯାଇଛି । ପଶ୍ଚିମବଙ୍ଗ, ଓଡିଶା, ଝାଡଖଣ୍ଡ, ବିହାର, ଆସାମ ସମେତ ଅନ୍ୟସମସ୍ତ ଉତ୍ତର ପୂର୍ବ ରାଜ୍ୟରେ ମଧ୍ୟ ପତିଆରା ଜାହିର କଲେଣି । ଏମାନେ କେବଳ ଲୋକଙ୍କ ରୋଜଗାରକୁ କବଜା କରିନାହାନ୍ତି, ରୋଜଗାର କରିବା ଆଳରେ ଭିନ୍ନ ଭିନ୍ନ ଅସମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହୁଛନ୍ତି । ଅନୁପ୍ରବେଶକାରୀମାନେ ସ୍ଥାନୀୟ ଲୋକଙ୍କ ରୋଜଗାର ଠପ୍ କରୁଥିବା ବେଳେ ସାଧାରଣରେ ଅସାମାଜିକ କାର୍ଯ୍ୟରେ ବି ଲିପ୍ତ ରହୁଛନ୍ତି । ଚୋରିଠୁ ଆରମ୍ଭ କରି ମହିଳାମାନଙ୍କ ଉପରେ ଖରାପ ଦୃଷ୍ଟି ରଖି ଅସଦାଚରଣ ମଧ୍ୟ କରୁଛନ୍ତି । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକତାର ଭାବ ହଜିଯାଉଥିବାରୁ ଏମାନେ ସକ୍ରିୟ ହୋଇଯାଉଛନ୍ତି । ବାହାରୁ ଲୋକେ ଆସି କାର୍ଯ୍ୟ କଲେ ନିଶ୍ଚିତ ଭାବରେ ସ୍ଥାନୀୟ ଅଂଚଳରେ ବେକାରୀ ସମସ୍ୟା ସୃଷ୍ଟି ହେବ । ଆମ ରାଜ୍ୟର ପ୍ରାୟ ସବୁ ଜିଲ୍ଲାରେ କୁଶଳୀ ଅଣକୁଶଳୀ ଶ୍ରମିକ ଭାବରେ ବେଶ୍ ଆଡ୍ଡା ଜମାଇଛନ୍ତି ଅନୁପ୍ରବେଶକାରୀ । ଏମାନେ ବେଆଇନ ଅନୁପ୍ରବେଶ କରୁଥିବାରୁ ସରକାରୀସ୍ତରରେ ରୋକ ଲଗାଯିବା ଆବଶ୍ୟକ । ସରକାର ନୀତିଗତ ନିଷ୍ପତ୍ତି ନେବାରେ ଅହେତୁକ ବିଳମ୍ବ କରୁଥିବା କାରଣରୁ ବୋଧେ ଆମ ରାଜ୍ୟରେ କୁଶଳୀ ଶ୍ରମିକର ଅଭାବ ଦେଖାଦେଇଛି । ବିଗତ ସରକାର ତ ଅନୁପ୍ରବେଶକାରୀମାନଙ୍କ ଉପରେ କୌଣସି ଆଖିଦୃଶିଆ ପଦକ୍ଷେପ ନ ନେବା ଯୋଗୁଁ ଅନେକ ବ୍ୟାପକ ବୃଦ୍ଧି ପାଇଛି ଏମାନଙ୍କର କାର୍ଯ୍ୟକଳାପ । ଯେପର୍ଯ୍ୟନ୍ତ ଅନୁପ୍ରବେଶକାରୀଙ୍କ ଉପରେ ରୋକ୍ ଲଗା ନଯିବ ସେତେ ପର୍ଯ୍ୟନ୍ତ ରାଜ୍ୟରେ ସ୍ଥାନୀୟ ବାସିନ୍ଦା କୁଶଳୀ ହେବାକୁ କୁଣ୍ଠାବୋଧ କରିବେ । ତତ୍‌ସହିତ ସ୍ଥାନୀୟ ଅଂଚଳରେ ଦାରିଦ୍ର୍ୟତା ବଢିବାରେ ଲାଗିବ, କାରଣ ରୋଜଗାର ତ ସବୁ ଅନୁପ୍ରବେଶକାରୀ ନିକଟକୁ ଯାଉଛି । ଏହା ଆଗାମୀ ଦିନରେ ରାଜ୍ୟ ପ୍ରତି ଘୋର ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି । ଅନୁପ୍ରବେଶକାରୀମାନଙ୍କର ସୁଅ ଏଭଳି ଛୁଟି ଚାଲିଲେ ଆମର ରାଜ୍ୟବାସୀ ହାତଗୋଡ ବାନ୍ଧି ଅଳସୁଆ ହୋଇଯିବେ । ନିଜେ ସ୍ୱାବଲମ୍ବୀ ହେବା ତ ଦୂରର କଥା କାର୍ଯ୍ୟ ଦକ୍ଷତା ସ୍ଥାଣୁ ହୋଇଯିବ ।

# ଶିକ୍ଷକ ଓ ଶିକ୍ଷାନୁଷ୍ଠାନ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର,
ମୋ-୭୨୦୫୧୦୦୮୩୯

ଭାରତରେ 'ଜ୍ଞାନ ଓ ଗୁରୁ' ଯୁଗେ ଯୁଗେ ସମ୍ମାନିତ ହୋଇଛନ୍ତି କିନ୍ତୁ ଆଜିର ସମାଜରେ ତଥା କଥିତ 'ଜ୍ଞାନ ଓ ଜ୍ଞାନଦାତା ' ଗୁରୁଙ୍କର ସମ୍ମାନ ସେହିପରି ନାହିଁ । ଦିନଥିଲା ଏହି ଦେଶରେ ବିଦ୍ୟାର୍ଥୀଙ୍କ ପାଇଁ ଗୁରୁ ସ୍ୱୟଂ ଭଗବାନଙ୍କ ରୂପ ନେଉଥିଲେ । ଆଜି ସେ ସମୟ ଆଉ ରହିଲା ନାହିଁ । ଗୁରୁ ଓ ଶିଷ୍ୟଙ୍କ ଭିତରେ ସେ ସମ୍ପର୍କ ରହିନି । ଗୁରୁ ବା ଶିକ୍ଷକ ଆଜିକାଲି ଆଦର୍ଶର ଏକ ପ୍ରତିମୂର୍ତ୍ତୀ ହୋଇ ଠିଆହୋଇ ନାହାନ୍ତି ବରଂ ଅନେକ ସ୍ଥାନରେ ଗୁରୁ ବା ଶିକ୍ଷକ ନିଜର ଲାଭ ପାଇଁ କିମ୍ବା ପଇସା ପାଇଁ କାମ କରିଥାଆନ୍ତି ।

ଶିକ୍ଷାନୁଷ୍ଠାନ ଗୁଡିକରେ ନାନା ଅସାମାଜିକ କାର୍ଯ୍ୟ ଦେଖିବାକୁ ମିଳୁଛି । ଶିକ୍ଷକମାନେ ପଇସା ନେଇ ଛାତ୍ରଛାତ୍ରୀଙ୍କୁ ପାସ କରିବା ଛାତ୍ରୀଙ୍କ ସହିତ ଅସଦାଆଚରଣ କରିବା ମଧ୍ୟ ଦୃଷ୍ଟି ଗୋଚର ହୋଇଛି । ସରକାରୀ ସ୍କୁଲରେ ଛାତ୍ର ଛାତ୍ରୀଙ୍କୁ ବିତରଣ କରାଯାଇଥିବା ୟୁନିଫର୍ମ ଗୁଡ଼ିକୁ ନିର୍ଦ୍ଧାରିତ ମୂଲ୍ୟରେ ନ କିଣି କମ ପଇସାରେ କିଣାଯାଇ ସେଥିରୁ ପଇସା ଆତ୍ମସାତ କରିବା ଘଟଣା ମଧ୍ୟ ଦେଖିବାକୁ ମିଳୁଛି । ସରକାରୀ ସ୍କୁଲରେ ବିତରଣ କରାଯାଇଥିବା ଖାଦ୍ୟରେ ସମୟ ସମୟରେ ଅନେକ ପ୍ରକାର ଅନିୟମିତା ଦୃଷ୍ଟିଗୋଚର ହୋଇଛି । ବିଗତଦିନ ପାଇଖାନା ଭିତରେ ପିଲାଙ୍କୁ ପାଠ ପଢାଉଥିବା ଦୃଶ୍ୟ ଦୃଷ୍ଟି ଗୋଚର ହୋଇଥିଲା । ଆମର ଶିକ୍ଷାନୁଷ୍ଠାନ ଓ ଶିକ୍ଷକ ମାନେ ଯଦି ଦେଶର ଭବିଷ୍ୟତ ହେବାକୁ ଯାଉଥିବା ଶିଶୁ ମାନଙ୍କୁ ସତ୍ ଶିକ୍ଷାରୁ ବଞ୍ଚିତ କରିବେ ତାହେଲେ ଦେଶ କେଉଁ ଦିଗ କୁ ଗତି କରିବ ?

ବର୍ତ୍ତମାନ ସମଗ୍ର ବିଶ୍ୱ ବିନାଶ ଦିଗକୁ ଗତି କରୁଛି । ମାନବ ସମାଜ ସ୍ୱାର୍ଥର ମୁହାଣ ପାଖରେ ଠିଆ ହୋଇଛି । ଯୁଦ୍ଧ ଓ ନରସଂହାର ଅହରହ ଚାଲିଛି । ଯେଉଁ ଦେଶ ପାଖରେ ଯେତେ ସଂଖ୍ୟାରେ ମାରଣାସ୍ତ୍ର ରହିଛି ସିଏ ସେତେ ଶକ୍ତିଶାଳୀ ବୋଲି ଗଣତି ହୋଇଛି । ଆମର ପରିବେଶ ନଷ୍ଟ ହୋଇ ଚାଲିଛି । ପ୍ରଦ୍ୟୁଷଣ ଆକାଶ ଛୁଇଁଲାଣି । ଏହି ସମୟରେ ଦେଶର ଶିକ୍ଷା ବ୍ୟବସ୍ଥା ଯଦି କଳଙ୍କିତ ହେବ ତାହେଲେ ଭାରତ ପରି ଏକ ମହାନ ଦେଶର ଭବିଷ୍ୟତ କଣ ହେବ । ଭାରତର ଶିକ୍ଷା ପଦ୍ଧତି ବ୍ୟୟ ସାପେକ୍ଷ ହୋଇଗଲାଣି । ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକ ନିଜ ମାନଦଣ୍ଡକୁ ବଢାଇ ପାରୁନାହାନ୍ତି । ଛତୁ ଫୁଟିଲା ପରି ବଢ଼ି ଯାଇଥିବା ଘରୋଇ ବା ପ୍ରାଇଭେଟ ସ୍କୁଲ ଗୁଡିକରେ ସ୍କୁଲଫିସ ସାଧାରଣ ଲୋକଙ୍କ ପହଞ୍ଚ ଠାରୁ ଦୂରରେ । ମୋଟା ଟଙ୍କା ଦେଇ ଅଯୋଗ୍ୟ ବିଦ୍ୟାର୍ଥୀ ମାନେ ଡାକ୍ତର ଓ ଇଂଜିନିୟର ହୋଇ ଯାଉଛନ୍ତି । ଯୋଗ୍ୟତା ପଇସା ଏବଂ 'କୋଟା' ରାଜନୀତି ଆଗରେ ହାରିଯାଉଛି ।

ଭାରତୀୟ ସମ୍ବିଧାନ ର ୮୬ ତମ ସଂଶୋଧନ ରେ ଧାରା ୨୧A କୁ ଅନ୍ତର୍ଭୁକ୍ତ କରାଗଲା । ଏଥିପାଇଁ କି ଭାରତର ସମସ୍ତ ଶିଶୁ ଶିକ୍ଷା ପାଇପାରିବେ । କୌଣସି ବି ଶିଶୁ ଶିକ୍ଷାରୁ ବଞ୍ଚିତ ହେବନାହିଁ । ଏହି ଧାରା ଅନୁସାରେ ୬ ବର୍ଷ ଠାରୁ ୧୪ ବର୍ଷର ଶିଶୁ ମାନଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କ ବା ବିନା ଖର୍ଚ୍ଚରେ ଶିକ୍ଷା ଦିଆଯିବା ଏବଂ ଶିକ୍ଷା ସେମାନଙ୍କ ଫଣ୍ଡାମେଣ୍ଟାଲ ରାଇଟ ବା ମୌଳିକ ଅଧିକାରରେ ଅନ୍ତର୍ଭୁକ୍ତ କରାଗଲା । ଏହି ମୌଳିକ ଅଧିକାରକୁ ଏପ୍ରେଲ ୧-୨୦୧୦ ରେ ଲାଗୁ କରାଗଲା । ଏହା ସହିତ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷାରତ ଶିକ୍ଷକଙ୍କୁ ଟ୍ୟୁସନ ନ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଗଲା । କିନ୍ତୁ ଆଜିକାଲି ସରକାରୀ ଅନୁଷ୍ଠାନରେ ଶିକ୍ଷାରତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଘରୋଇ ଟ୍ୟୁସନ କରୁଛନ୍ତି ଏବଂ ଶିକ୍ଷାନୁଷ୍ଠାନକୁ ସମୟ ଦେଇପାରୁନାହାନ୍ତି । ସରକାରୀ ଶିକ୍ଷକଙ୍କୁ ଘରୋଇ ଟ୍ୟୁସନ ନ କରିବା ପାଇଁ ନିର୍ଦ୍ଦେଶ ଦେବା ପଛରେ ସରକାରଙ୍କ ଏହି ଉଦ୍ଦେଶ୍ୟ ରହିଥିଲା ଯେ ସରକାରୀ ଶିକ୍ଷକ ମାନେ ନିଜର ସମସ୍ତ ସମୟ ନିଜେ କାମ କରୁଥିବା ଶିକ୍ଷାନୁଷ୍ଠାନ ପାଇଁ ଉତ୍ସର୍ଗ କରିବେ । ଯଦି ଅର୍ଥର ପ୍ରଲୋଭନରେ ପଡ଼ି ଟ୍ୟୁସନ କରିବେ ତାହେଲେ ସେମାନେ ଛାତ୍ର ଛାତ୍ରୀଙ୍କ ପାଇଁ ନିରପେକ୍ଷ ହୋଇ ପାରିବେ ନାହିଁ ।

ଯେତେବେଳେ ଯାଏଁ ଦେଶର ଶିକ୍ଷା ଅନୁଷ୍ଠାନ ଗୁଡ଼ିକ ନୈତିକତାର ମାନଦଣ୍ଡକୁ ସମ୍ମାନ ଦେବେନାହିଁ ସେତେବେଳେ ଯାଏଁ ଆମେ ଆମର ଭବିଷ୍ୟତ ଆମର ଶିଶୁ ମାନଙ୍କୁ ସଠିକ୍ ଶିକ୍ଷା ଦେଇ ପାରିବା ନାହିଁ । ଆମ ଦେଶର ଆଦର୍ଶ ଧରାଶାୟୀ ହେବ ଏବଂ ଆମର ଭବିଷ୍ୟତ ମଧ୍ୟ ଅନିଶ୍ଚିତତା ଭିତରେ ଗତି କରିବ । ଶିକ୍ଷକ ବା ଅଧାପକଙ୍କୁ ତାଲିମ ଦେଲାବେଳେ ଏ ସମସ୍ତ ସମସ୍ୟାକୁ ଆଖି ଆଗରେ ରଖି ତାଲିମ ଦିଆଯିବା ଦରକାର । ଅସାମାଜିକ କାର୍ଯ୍ୟ ରେ ଲିପ୍ତ ହେଉଥିବା ଶିକ୍ଷକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ଶିକ୍ଷାନୁଷ୍ଠାନ ସୁଚାରୁରୂପେ ଚାଲିପାରିବ । ନିକଟରେ ବ୍ରହ୍ମପୁରର ଏମକେଜି ମେଡିକାଲ କଲେଜର ଡିନ ବା ପ୍ରିନ୍ସିପାଲଙ୍କ ତରଫରୁ ବାରମ୍ବାର ଚେତାବନୀ ଦେବାପରେ ବି ସିନିୟର ଛାତ୍ରଙ୍କ ଦ୍ୱାରା ଜୁନିୟର ଛାତ୍ରଙ୍କୁ ରାଗିଂ କରିବା ଘଟଣା ଲୋକଲୋଚନକୁ ଆସିଥିଲା ଏବଂ ସିନିୟର୍ ଛାତ୍ରଙ୍କୁ ଗିରଫ ମଧ୍ୟ କରାଗଲା । ଭାରତୀୟ ଏଜୁକେସନ ଇନଷ୍ଟିଟ୍ୟୁସନ୍‌ରେ କୌଣସି ଛାତ୍ର ଛାତ୍ରୀଙ୍କୁ ରାଗିଂ କରିବା ଏକ ଦଣ୍ଡନୀୟ ଆପରାଧ । ସମସ୍ତେ ଶିକ୍ଷାନୁଷ୍ଠାନରେ ରାଗିଂକୁ ବନ୍ଦ କରାଯାଇଅଛି କିନ୍ତୁ ଅନେକ ସ୍ଥାନରେ ରାଗିଂ ଏବେ ମଧ୍ୟ ଚାଲିଛି । ଶିକ୍ଷାନୁଷ୍ଠାନରେ ଯଦି ରାଗିଂ ବନ୍ଦ କରାଯାଏ ତାହେଲେ ନୁଆ ଆସୁଥିବା ଛାତ୍ରଛାତ୍ରୀମାନେ ଭୟଭୀତ ହେବେନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସେହି ମୋ ଜଗନ୍ନାଥ

ପ୍ରମୋଦ କୁମାର ମହାପାତ୍ର

ଅଦୃଶ୍ୟ ଯାହାର ପାଦ ଅଦୃଶ୍ୟ ହାତ
ଅନାଦି, ଅନନ୍ତ ବୋଲି ଜଗତେ ଖ୍ୟାତ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।
ପରମ ବ୍ରହ୍ମ ସେ ପରମ ସତ୍ୟ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।

ବ୍ରହ୍ମାଣ୍ଡ ସୃଷ୍ଟି କରତା ସକଳ କାରଣ
ସକଳ ଘଟେ ପୁଣି ରହେ ବିଦ୍ୟମାନ
ଦେବ,ଦାନବ ଯାହାର ଚରଣେ ନତ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।

ଆଲୋକ ଅନ୍ଧାର ଆଣେ ଉଷୁମ ଶୀତଳ
ସୁଖ ଦୁଃଖ କରେ ପୁଣି ଜୀବନ ଚଞ୍ଚଳ
ସବୁରି ନିୟତି ସିଏ ମୁକତି ପଥ,
ସେହି ମୋ ଜଗନ୍ନାଥ,
ସେହି ମୋ ଜଗନ୍ନାଥ ।




କଳାପାଣି, ବରଗଡ଼,
ମେଲ - କ୍ତ୍ରଳଙ୍କକ୍ଟଷବ୬୩ଅଛବଷକ୍ଟକ୍ଟ.ମକ୍ଟ.ସଭ
ମୋ - ୯୪୩୭୫୭୮୩୧୧


## ପ୍ରଭାତ ସ୍ତୁତି


ଆଦ୍ୟାଶା ମହାପାତ୍ର

ବ୍ରାହ୍ମ ମୁହୁର୍ତ୍ତରେ ହେ ଜଗତ ନାଥ
ନିଦ୍ରା ଭାଙ୍ଗି ଯେବେ ଚାହେଁ
ଚକା ଚକା ଡୋଳା ଦର୍ଶନ ମାତ୍ରକେ
ପଡ଼ିଯାଏ ତୁମ ମୋହେ ।।

ପ୍ରତି ପ୍ରଭାତରେ ତୁମକୁ ସ୍ମରଣେ
ଲାଗେ କଟିଗଲା ରିଷ୍ଟ
ଯାହା ଭଲମନ୍ଦ ସବୁ ତୁମ ଦାନ
ହୋଇଯାଏ ଭାବି ତୁଷ୍ଟ ।।

ମନ୍ଦିର ବେଢ଼ାରୁ ଭାସିଆସେ ଯେବେ
ଘଣ୍ଟ ଘଣ୍ଟା ଶଂଖ ଧ୍ୱନି
ପବିତ୍ର ମୋ କର୍ଣ୍ଣ ପବିତ୍ର ମୋ ମନ
ହୋଇଯାଏ ସେଇକ୍ଷଣି ।।

ବଗିଚାର ଫୁଲ ହସି କହିଥାନ୍ତି
ତୋଳି ନିଅ ଆଗ ମୋତେ
ପ୍ରଭୁଙ୍କ ସେବାରେ ଲାଗିଲେ ଜାଣିବି
ଜୀବନ ମୋ ଧନ୍ୟ ସତେ ।।



ପ୍ରଜାପତି ଛୁଏଁ ଫୁଲକୁ ସରାଗେ
କହେ ତୁହି ମୋର ମିତ
ତୋତେ ଛୁଇଁଲେ ତ ଶ୍ରୀଅଙ୍ଗ ପରଶ
ମୋତେ ହୋଇଯିବ ପ୍ରାପ୍ତ ।।

ଦୀପ ଧୂପ ଝୁଣା ମଣନ୍ତି ସୌଭାଗ୍ୟ
ଯେଣୁ ସେବା ଧର୍ମ ଯୋଗ
ଯାହା ବାଢ଼ିଦେଲେ ନୈବେଦ୍ୟ ଆକାରେ
ପୀୟୂଷ ପରାଏ ଭୋଗ ।।

ହେ ବିଶ୍ୱ ନିଅନ୍ତା ଏ ଜଗତେ ସର୍ବେ
ତୁମରି ଶରଣାଗତ
ଭକତିର ଅର୍ଘ୍ୟ ବାଢେ ତୁମ ପାଦେ
ଘେନାକର ଜଗନ୍ନାଥ ।।

ନୂଆପଡା, କଟକ

## ବଡ଼ଦାଣ୍ଡ ଦୁଲୁକେଇ

ଜଗଦୀଶ ସାହୁ

ନନ୍ଦିଘୋଷ ଚଢ଼ି ଆସୁଛି କାଳିଆ
ବଡ଼ ଦାଣ୍ଡ ଦୁଲୁକେଇ
ଶୀରିମନ୍ଦିରକୁ ଫେରୁଛି ସାଥିରେ
ଭାଇ ଭଉଣୀକୁ ନେଇ ।
ପଡେ ହରିବୋଲ ଶୁଭେ ହୁଳହୁଳି
କମ୍ପି ଉଠେ ତିନିପୁର
ବାମନ ବେଶକୁ ଦେଖିବାକୁ ନର
ବେଶ ଧରିଛନ୍ତି ସୁର ।
ମଣିମା ମଣିମା ହୁରି ପଡୁଅଛି
ଭକତି ହୁଅଇ ଜାତ
ଦରଶନ କରେ ଭକତ ଭକ୍ତିରେ
ଟେକି ଦେଇ ଦୁଇ ହାତ ।
ବରଷକେ ଥରେ ଜନମ ବେଦୀକୁ
ଯିବାକୁ କାଳିଆ ମନ
ମାଉସୀ ମାଆର ପୋଡ଼ ପିଠା ଖାଇ
ବାହୁଡେ ଶ୍ରୀକ୍ଷେତ୍ର ଧନ ।




ସଂଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬


## କିଛି ବଦଳିନି

କବିତା ମହାନ୍ତି

ଚାହିଁ ରହିଥିଲି ପୁଅର ଫେରିବା ରାସ୍ତାକୁ
ସନ୍ଧ୍ୟା ସାତଟା ଟପିଲାଣି
କେତେ କାମ କରୁଛି ସେ
ଅଫିସ୍‌ରେ କଣ ଏତେ ଦାୟିତ୍ୱ ବଢ଼ି ଯାଇଛି

ତା ମୁହଁକୁ ଦେଖିଦେଲେ
ଛାତି ଭିତର ବିଦାରି ହୋଇ ଯାଏ
ଆହା, ମୁହଁ ଶୁଖି ଯାଇଛି
କେତେ କ୍ଳାନ୍ତ ଦିଶୁଛି ମୋ ପିଲାଟା
ପାଣି ଗ୍ଲାସଟା ହାତକୁ ଦେଇ
ବିଶ୍ରାମ ନେବାକୁ କୁହେ

ସକାଳୁ ସେ ଅଫିସ ଗଲା ବେଳେ
ବାଲକୋନୀରେ ଚାହିଁଥାଏ ତାର ଯିବା ରାସ୍ତାକୁ
ଯେତେ ବାଟ ଯାଏ ଆଖି ମୋର ପହଞ୍ଚି ପାରିବ

ତେବେ ବଦଳିଛି କଣ
କିଛି ବି ବଦଳିନି
ଗୋଟେ ଯୁଗ ସରି ଯାଇଛି

ସବୁ ସେମିତି ଅଛି
ଯେମିତି ମୋ ବୋଉ
ମୋ ଯିବା ବାଟକୁ ଓ
ଅଫିସ୍‌ରୁ ଫେରିବା ବାଟକୁ
ଚାହିଁ ରହିଥିଲା
ଘରୁ ବାହାର
ବାହାରୁ ଘର ହେଉଥିଲା
ଝିଅ କେତେବେଳେ ଫେରିବ !
ଅନେକ ବର୍ଷ ତଳେ
କାହିଁକି ଏତେ କାମ କରୁଛୁ କହି
ବ୍ୟସ୍ତ ହେଉଥିଲା
ଚା କପ୍‌ଟେ ହାତକୁ ଦେଇ କହୁଥିଲା
ଟିକେ ବିଶ୍ରାମ କର

ସତରେ ଯୁଗ ବଦଳିଛି
ବୋଉ ଡାକ ମାମାକୁ ବଦଳିଛି
ହେଲେ ମା ଓ ପିଲାର ବନ୍ଧନ



ଯେମିତି ଥିଲା
ଠିକ୍ ସେମିତି ଅଛି
କିଛି ବି ବଦଳିନି ।


ନିଗମାନନ୍ଦ ନଗର
ବମିଖାଲ, ଭୁବନେଶ୍ୱର
ମୋ-୯୯୩୭୩୪୮୨୫୦


## ହାତମୁଠା

ଭାଗୀରଥି ବେହେରା



ହାତମୁଠାକୁ ଖୋଲିବାକୁ ଚେଷ୍ଟା କରନି
ମୁକ୍ତ ହେଇଯିବ
ବାନ୍ଧି ରଖିଥିବା ସମସ୍ତ ଜୀବନର ବଞ୍ଚିବାପଣ,
ହାରିଯିବ ଯେତେ ବଞ୍ଚିବାର ସମୟ
ଆଉ ସେ ସମୟରେ ସାଉଁଟିଥିବା
ଭଲମନ୍ଦ, ହସକାନ୍ଦ ଓ ପାପପୂଣ୍ୟ ।୧।

ଥରେ ହାତମୁଠା କରିଥିଲି ବୋଲି
ଅପହଞ୍ଚ ଦୂରତାରେ ଏବେ ପ୍ରିୟତମ,
କେବେବି ଫେରିଲାନି
ଆପଣା ଲୋକର ପ୍ରେମପ୍ରାଣ,
କିଏ ଯଦି ହାତଟା ହରି ନେଇଯାଏ
ଅକର୍ମଣ୍ୟ ହୋଇଯିବେ ଗୁଜୁରୁଥିବା ବଣ,
ଆହୁରି ଶକ୍ତ କର ହାତମୁଠା
ମୁଠି ଥରେ ଖୋଲିଗଲେ
ହାରିଯିବ ଜୀବନର ପାରିବାର ପଣ । ୨ ।

ଏବେ ମୋ ହାତ ମୁଠାରେ ସାଇତା
ଆପଣାମାନଙ୍କ ଗଣ୍ଠିଧନ,
ଫେରି ନପାରିବାର ବାଟ
ଅଜଡା ହେଇ ପାରୁଥିବା ମୂହୁର୍ତ୍ତ
ମୁଁ ହେଲି ଦୀର୍ଘାୟୁଷ
ମୁଁ ହେଲି ଆଶ୍ୱସ୍ତ
ଅଧିକରୁ ଅଧିକ ସେ ହାତ ମୁଠାରେ
ସାଇତିବାକୁ ଚାହୁଁଛି ପ୍ରତ୍ୟେକ କ୍ଷଣ,
ଅକ୍ଷୟ ହୋଇ ଯେମିତି ରହିଯିବ
ସମ୍ପର୍କର ଅନେକ ସବୁଜକଣ । ୩ ।


ଗଞ୍ଜାମର କବିତାଘର
ବାରିବନ୍ଧ, ଆଙ୍କୁଲି, ବ୍ରହ୍ମପୁର
ଗଞ୍ଜାମ -୭୬୦୦୧୦
ଫୋନ -୮୭୬୩୨୦୨୬୨୨


## ସମୟର ଚକ୍ର

ଚିତ୍ତରଞ୍ଜନ ମେହେର

ସେ ଦିନ ମୁଁ ସକାଳୁ ସକାଳୁ ଉଠି
ପ୍ରତିଦିନ ପରି ବସଷ୍ଟାଣ୍ଡକୁ ଚାଲି ଆସିଲି
ସେ ଭଙ୍ଗା କୁଡ଼ିଆର ଚା ଟିକେ ପିଇବା ପାଇଁ !

ଚା ପିଉଥିବା ସମୟରେ ,
ଜଣେ ବୃଦ୍ଧ ସ୍ତ୍ରୀ ଲୋକ ସହ ଦେଖାହୋଇ ଥିଲା
ସେ ଦେଖିବାକୁ ସୁନ୍ଦର୍ ଥିଲେ କିନ୍ତୁ
ତାଙ୍କ ଦେହରେ ଏତେ ଆଘାତ ଥିଲା କୁହ ନାହିଁ
ତାଙ୍କ ଆଖି ଦୁଇ ପଲକରୁ ଲୁହ ଝରି ଯାଉଥିଲା
ସେ କାନ୍ଦି କାନ୍ଦି କହୁଥିଲେ
ଏ ପୁଅ ଚା କପେ କିଣି ଦେଇ ପାରିବୁ ?

ମୁଁ ହଠାତ୍ ଚମକି ପଡିଲି
ଓ ତାଙ୍କୁ ଚାହିଁ ଦେଖିଲି କିଛି ସମୟ ପାଇଁ
ପୁଣି ଥରେ ସେ ମୋତେ ଆବାଜ୍ ଦେଇ କହିଲେ
ମୋତେ ଟିକେ ଚା କିଣି ଦେଇ ପାରିବୁ କିରେ ପୁଅ ?

ମୁଁ ପୁଣି ଥରେ ଚାହିଁଲି ତାଙ୍କୁ
ଆଉ ହଁ କହିଦେଲି !
ପରେ ସେ ଦୋକାନୀ ଦାଦାଙ୍କୁ କହି
ତାଙ୍କ ପାଇଁ ଗୋଟେ କପ୍ ଚା' ଆଣିଦେଲି ।



ସେ ଖୁବ୍ ଶାନ୍ତ ଭାବରେ ଚା' କପକୁ ଧରି
ଟିକେ ଦୂରକୁ ଚାଲି ଯାଇଥିଲେ,
ଏବଂ ଧୀରେ ପିଇଥିଲେ।

ସେ ଚା ଦୋକାନ ପାଖରେ ସେମିତି ଛିଡ଼ା ହୋଇ
ସେ ବୃଦ୍ଧ ସ୍ତ୍ରୀଲୋକଙ୍କୁ ସେମିତି ଚାହିଁ ରହିଥିଲି !
ସେ ମଧ୍ୟ ମତେ ସେମିତି ଦେଖି ଦେଖି ଆଗକୁ ଚାଲିଗଲେ ।

ସେ ସେମିତି ଚାଲିଗଲେ ସିନା
ହେଲେ ତାଙ୍କ ପାଖରେ ଦିନେ ପଇସାର ଅଭାବ ନଥିଲା ।
ସମୟର ଚକ୍ର କେତେବେଳେ କାହାକୁ କେମିତି କରିଦେବ
ତାହା ସେ ସମୟକୁ ହିଁ ଜଣା ଥାଏ ।


ଭବାନୀପାଟଣା , କଳାହାଣ୍ଡି
୭୮୯୪୨୬୭୧୫୪


## ଅଶାନ୍ତିରେ ମନ

ଅନସୂୟା ପଣ୍ଡା

ମନର ଅର୍ଗଳି ଦେଇ
ବୋହି ଆସେ ମୁଠା ମୁଠା ଇଚ୍ଛା
ହିଂସା କ୍ରୋଧ ପରଶ୍ରୀକାତରତାର
ଅସ୍ଥି ମଜ୍ଜାର ଅବଧାରିତ ପଥଦେଇ।

ଉପଦେଶ ନୀତିବାଣୀ
ରୋକି ପାରେନି ପାପ ପୁଣ୍ୟର ଦ୍ୱାହି ଦେଇ
କିଛି ଶତୃନାଶକ ଘଟଣା
କାହାଣୀର ଜୀବନ୍ୟାସ ନିଏ
ଉଜାଡି ସ୍ୱସ୍ତିବାଚକ ନୀଳ ସମ୍ଭାବନା
ଆଙ୍କି ହୁଏନି ସବୁଜ ସମ୍ମୋହନର
ସମ୍ପର୍କ ସାରଣୀ ।

ବିବର୍ତ୍ତନର ପ୍ରତ୍ୟୁଷରେ ବି ଲେସି ହେଇଥାଏ
ବୃହତ୍ତର ବିଦ୍ରୋହ ବିଦ୍ୱେଷର ଧ୍ୱନି
ଲମ୍ବିଥାଏ ଅୟୁତ ଯୋଜନ ଷଡଯନ୍ତ୍ର
ଅଜଗରର ଦେହପରି ଅନୁଭବ
ଆଗକୁ ଯିଏ ଗଲା ନିର୍ଲକ୍ଷ
ଲାଗିଥାଏ ଗୋଡ ଟଣା ଟାଣି।

ମଣିଷ ପ୍ରତି ରାତି ସରିବା ସାଙ୍ଗରେ
ମୃତ୍ୟୁ ଆଡକୁ ପାଦେ ପାଦେ ଆଗଉଥାଏ
ତଥାପି ବଦଳେନି ବିଳାସର ପ୍ରଳାପ
ଶୋଷଣରେ ଅଶାନ୍ତିରେ ପଥ ହୁଡି
ସେ ଘୁଷୁରୁ ଥାଏ ମୋହର ବୈଭବରେ
ଅନାବଶ୍ୟକ ଆର୍ଥିକ ରାସ୍ତା ଦେଇ।

ମଝି ନଈରେ ପେଟେ ପାଣି ପିଇ
ଉବୁଟୁବୁ ହେବା ଯାଏ
ସେ ବନ୍ଧାଥାଏ ମୋହମାନଙ୍କୁ ନେଇ
ସାପ ପରି ଗଳାରେ ସଜେଇ।




ବୁର୍ଲା, ସମ୍ବଲପୁର
୮୩୨୮୯୪୫୮୮୫


## ଯୌବନ

ସ୍ନିଗ୍ଧା ପଣ୍ଡା

ବିଳମ୍ବିତ ବସନ୍ତ ପ୍ରଲମ୍ବିତ ଶ୍ରାବଣ
ମଝିରେ ସନ୍ଧି ନିଃସ୍ପୃହ ଅଶାନ୍ତ ଯୌବନ
ଦିଗନ୍ତରେ ଲୁକ୍କାୟିତ ସମୟର ସ୍ରୋତ
ପୁନଃ ଆଗମନ ଆଉ ହୁଏ କି ନିଶ୍ଚିତ
ସତ୍ୟ ସହ ମୁହାଁମୁହିଁ ଅନେକ ପ୍ରକାରେ
ସ୍ୱର୍ଗକୁ ଓହ୍ଲାଇ ଦିଏ ପୃଥିବୀ କୋଳରେ
କ୍ଷଣିକର ଉନ୍ମାଦନା ରଚେ ନବ ସୃଷ୍ଟି
ଆଶାଲୋକ ବୁଣେ ଲଙ୍ଘି ଅନେକ ଅରିଷ୍ଟି
ଯେଉଁଠାରେ ତୁଟି ଭାଙ୍ଗି ଲୋଟୁଥାଏ ତଳେ
ସେଇ ଠାରୁ ଉଠି ପୁଣି ନିଜକୁ ସମ୍ଭାଳେ
ପାଉଁଶ ତଳର ସୁପ୍ତ ସ୍ଫୁଲିଙ୍ଗ ସୂର୍ଯ୍ୟର

ତିଥି ଲଗ୍ନ ବାର ଟପି ଶୁଭେ ତାର ସ୍ୱର
କଳ୍ପାନ୍ତର ଅର୍ଦ୍ଧ ସ୍ୱପ୍ନ ପୂର୍ଣ୍ଣତମ କରେ
ବିଶ୍ୱ ପ୍ରଣମୁ ଥାଏ ସେ ତେଜସ୍ୱୀ ପୟରେ ।



# ୪ ଲକ୍ଷ ଟଙ୍କା ଭରଣପୋଷଣକୁ ନେଇ ଖୁସି ନାହାନ୍ତି ଶାମିଙ୍କ ପତ୍ନୀ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ବୋଲର ମହମ୍ମଦ ଶାମି । ଏବେ ଶାମି ଓ ତାଙ୍କ ପତ୍ନୀ ହସିନ ଜାହାଁ ପୁଣିଥରେ ଚର୍ଚ୍ଚାରେ ଅଛନ୍ତି । କୋଲକତା ହାଇକୋର୍ଟ ହସିନଙ୍କ ଆବେଦନର ଶୁଣାଣି କରି କହିଛନ୍ତି ମହମ୍ମଦ ଶାମି ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କୁ ମାସିକ ୪ ଲକ୍ଷ ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ କୋର୍ଟର ଏହି ନିଷ୍ପତ୍ତି ଉପରେ ଶାମିଙ୍କ ପତ୍ନୀ ହସିନଙ୍କ ବୟାନ ଆସିଛି ।

କୋଲକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ, ଭାରତୀୟ କ୍ରିକେଟର ମହମ୍ମଦ ଶାମିଙ୍କ ଠାରୁ ଅଲଗା ରହୁଥିବା ପତ୍ନୀ ହସିନ କହିଛନ୍ତି ଯେ 'ଭରଣପୋଷଣର ପରିମାଣ ସ୍ୱାମୀଙ୍କ ଆୟ ଏବଂ ତାଙ୍କର ସାମାଜିକ ସ୍ଥିତି ଆଧାରରେ ସ୍ଥିର କରାଯାଏ । ସୁପ୍ରିମକୋର୍ଟର କଠୋର ନିର୍ଦ୍ଦେଶ ଅନୁଯାୟୀ, ଜଣେ ସ୍ୱାମୀଙ୍କୁ ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କୁ ବିଳାସପୂର୍ଣ୍ଣ ଜୀବନଶୈଳୀ ଦେବାକୁ ପଡିବ ଯାହା ସେ ଉପଭୋଗ କରନ୍ତି । ତେଣୁ ଶାମିଙ୍କ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ବିଚାର କରି, ମୁଁ ବିଶ୍ୱାସ କରେ ଯେ ୪ ଲକ୍ଷ ଟଙ୍କା ବହୁତ କମ୍ । ଆମେ ପ୍ରଥମେ ୧୦ ଲକ୍ଷ ଟଙ୍କା ଦାବି କରିଥିଲୁ ଏବଂ ତାହା ମଧ୍ୟ ସାତ ବର୍ଷ ଚାରି ମାସ ପୂର୍ବେ । କହିବାକୁ ଗଲେ ମାର୍ଚ୍ଚ ୨୦୧୮ରେ ହସିନ ମହମ୍ମଦ ଶାମିଙ୍କ ଉପରେ ଘରୋଇ ହିଂସା, ମ୍ୟାଚ୍ ଫିକ୍ସିଂ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିବାର ଅଭିଯୋଗ ଲଗାଇଥିଲେ । କିନ୍ତୁ, ଏପର୍ଯ୍ୟନ୍ତ ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ କିଛି ବି ପ୍ରମାଣିତ ହୋଇନାହିଁ । ଶାମି ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ପୂର୍ବରୁ ଏକ ସେସନ୍ସ କୋର୍ଟ ହସିନଙ୍କୁ ୫୦,୦୦୦ ଟଙ୍କା ଏବଂ ତାଙ୍କ ଝିଅକୁ ପ୍ରତି ମାସରେ ୮୦,୦୦୦ ଟଙ୍କା ଦେବାକୁ ଶାମିଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଗିଲ୍‌ଙ୍କ ଦ୍ୱିଶତକ, ଭାରତ ପ୍ରଥମ ଇନିଂସରେ ୫୮୭ ରନରେ ଅଲଆଉଟ୍

**ଏଜବାଷ୍ଟନ**



ଅଧିନାୟକ ଶୁଭମନ ଗିଲ୍‌ଙ୍କ ଦ୍ୱିଶତକୀୟ ଇନିଂସ ବଳରେ ଭାରତ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ୫୮୭ ରନର ବିଶାଳ ସ୍କୋର କରିଛି । ଗିଲ୍ ୨୬୯ ରନର ଦମ୍‌ଦାର ଇନିଂସ ଖେଳିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୮୯ ରନ ଓ ଜୟସ୍ୱାଲ ୮୭ ରନର ଇନିଂସ ଖେଳିଛନ୍ତି । ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତର ବ୍ୟାଟରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା । ବୋଲିଂରେ ଇଂଲଣ୍ଡ ପକ୍ଷରୁ ଶୋଏବ ବସିର ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି ।

ପ୍ରଥମ ଦିନର ଅସମାପ୍ତ ଖେଳ ୩୧୦/୫ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା । ଅଧିନାୟକ ଗିଲ୍ ୧୧୪ ରନ ଓ ରବୀନ୍ଦ୍ର ଜାଡ଼େଜା ୪୧ ରନ ଖେଳି ଅପରାଜିତ ଥିଲେ । ଏହି ଦୁଇ ବ୍ୟାଟର ପ୍ରଥମ ସେସନରେ ଦମ୍‌ଦାର ବ୍ୟାଟିଂ କରି ଦଳର ସ୍କୋରକୁ ୪୦୦ ପାର କରାଇଥିଲେ । ଜାଡ଼େଜା ଅର୍ଦ୍ଧଶତକ ହାସଲ କରି ଶତକ ଆଡ଼କୁ ଅଗ୍ରସର ହେଉଥିଲେ ହେଁ ଜୋଶ ଟଙ୍ଗଙ୍କ ବାଉନ୍ସ ବଲରେ କ୍ୟାଚ୍ ଆଉଟ୍ ହୋଇଥିଲେ । ସେ ୧୦ ଚୌକା ଓ ୧ ଛକା ସହ ୮୯ ରନ କରି ପାଭିଲିୟନ ଫେରିଥିଲେ । ଏହା ପୂର୍ବରୁ ଗିଲ୍ ଓ ଜାଡ଼େଜା ଷଷ୍ଠ ୱିକେଟ୍ ପାଇଁ ୨୦୩ ରନର ଭାଗିଦାରୀ ଯୋଡ଼ିଥିଲେ ।

ଏହା ମଧ୍ୟରେ ଗିଲ୍ ଦ୍ୱିଶତକ ପୂରଣ କରିଥିଲେ । ଗିଲ୍ ଓ ୱାଶିଂଟନ ସୁନ୍ଦର ୧୪୪ ରନ ଯୋଡ଼ି ଦଳର ସ୍କୋର ମଜବୁତ କରିଥିଲେ । ସୁନ୍ଦର ୪୨ ରନ କରି ଆଉଟ୍ ହୋଇଥିଲେ । ଦଳୀୟ ସ୍କୋର ୫୫୮ ରନରେ ଆଉଟ୍ ହୋଇଥିଲେ । ଏହା ପରେ ଗିଲ୍‌ଙ୍କ ମାରାଥନ ଦ୍ୱିଶତକ ଇନିଂସର ଅନ୍ତ ଘଟିଥିଲା । ସେ ୩୮୭ ବଲରୁ ୩୦ ଚୌକା ଓ ୩ ଛକା ସହ ୨୬୯ ରନ କରିଥିଲେ । ଏହା ପରେ ଭାରତ ୫୮୭ ରନରେ ଅଲଆଉଟ୍ ହୋଇଯାଇଥିଲା । ଏହା ପୂର୍ବରୁ ପ୍ରଥମ ଦିନର ଖେଳରେ ଜୟସ୍ୱାଲ ୮୭ ରନ କରିଥିବା ବେଳେ କରୁଣ ନାୟର ୩୧ ରନ କରିଥିଲେ । ତେବେ ଗିଲ୍ ଦ୍ୱିଶତକୀୟ ଇନିଂସ ଖେଳି ଅନେକ ରେକର୍ଡ ନିଜ ନାଁରେ କରିବା ସହ ଦ୍ୱିତୀୟ ଟେଷ୍ଟରେ ଭାରତର ସ୍ଥିତି ମଜବୁତ କରିଛନ୍ତି ।

# ବିବାହର ୧୦ଦିନ ପରେ ଦୁର୍ଘଟଣା ନେଲା ଲୋକପ୍ରିୟ ଫୁଟବଲ୍ ଖେଳାଳିଙ୍କ ଜୀବନ



**ନୂଆଦିଲ୍ଲୀ**

କାର୍ ଦୁର୍ଘଟଣାରେ ଲିଭରପୁଲ ଫରୱାର୍ଡ ଡିଓଗୋ ଜୋଟାଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୨୮ ବର୍ଷ ବୟସ ହୋଇଥିଲା । ଏହି ଦୁର୍ଘଟଣାରେ ତାଙ୍କ ଭାଇ ଆନ୍ଦ୍ରେ ସିଲଭାଙ୍କ ମଧ୍ୟ ମୃତ୍ୟୁ ହୋଇଛି । ଡିଓଗୋଙ୍କ ବିବାହ ୧୦ ଦିନ ପୂର୍ବେ ହୋଇଥିଲା । ଦିନକ ପୂର୍ବରୁ ସେ ଫଟୋ ଏବଂ ଭିଡିଓ ସେୟାର କରିଥିଲେ । ବିବିସି ସ୍ପୋର୍ଟ ଅନୁସାରେ ଜୋଟା ଏବଂ ତାଙ୍କ ଭାଇଙ୍କ ମୃତ୍ୟୁ ବିଳମ୍ବିତ ରାତିରେ ହୋଇଥିଲା । ତାଙ୍କ ଲାମ୍ବୋରଗିନି କାର ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବା ସମୟରେ ଟାୟାର ଫାଟିଯିବାରୁ ରାସ୍ତାରୁ ଖସି ଯାଇଥିଲା । ଯାହା ଫଳରେ କାର୍‌ରେ ନିଆଁ ଲାଗିଯାଇଥିଲା । ନିଆଁ ଏତେ ଭୟଙ୍କର ଥିଲା ଯେ ପାଖରେ ଥିବା ଗଛ ଇତ୍ୟାଦି ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଥିଲା । ଡିଏଗୋ ଜୋଟା ଗତ ସିଜନରେ ଲିଭରପୁଲକୁ ପ୍ରିମିୟର ଲିଗ୍ ଟାଇଟଲ୍ ଜିତିବାରେ ପ୍ରମୁଖ ଭୂମିକା ନେଇଥିଲେ । ଜୁନରେ ନେସନ୍ସ ଲିଗ୍ ଫାଇନାଲରେ ପର୍ତ୍ତୁଗାଲର ସ୍ପେନ ବିପକ୍ଷରେ ବିଜୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ପର୍ତ୍ତୁଗୀଜ୍ ଫୁଟବଲ୍ ଫେଡେରେସନ୍ ମୁଖ୍ୟ ପେଡ୍ରୋ ପ୍ରୋଏଙ୍କା ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି – ପର୍ତ୍ତୁଗୀଜ୍ ଫୁଟବଲ୍ ଫେଡେରେସନ୍ ଏବଂ ସମଗ୍ର ପର୍ତ୍ତୁଗୀଜ୍ ଫୁଟବଲ୍ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡ଼ିଛି । ପ୍ରାୟ ୫୦ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଜଣେ ଚମତ୍କାର ଖେଳାଳି, ଡିଏଗୋ ଜୋଟା ଜଣେ ଅସାଧାରଣ ବ୍ୟକ୍ତି ଥିଲେ ।

# ହସ୍ପିଟାଲରେ ପୂର୍ବତନ ହକି ଖେଳାଳି ବିମଲ ଲାକ୍ରା

**ରାଞ୍ଚି**

ଭାରତର ପୂର୍ବତନ ହକି ଖେଳାଳି ବିମଲ ଲାକ୍ରା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଗୁରୁବାର ବିମଲଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ଏଥିସହିତ ସେ ବିମଲଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରଙ୍କ ସହ କଥା ହେବା ସହିତ ତାଙ୍କ ଆଶୁଆରୋଗ୍ୟ କାମନା କରିଛନ୍ତି ।

ଲାକ୍ରା ହକି ଫିଲ୍ଡରେ ଦେଶ ତଥା ରାଜ୍ୟ ପାଇଁ ଅନେକ ଗୌରବ ଆଣିଛନ୍ତି । ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ପୂରା ରାଜ୍ୟ ଚିନ୍ତିତ ଏବଂ ତାଙ୍କ ଆଶୁ ଆରୋଗ୍ୟ ଲାଗି ମୁଁ ପ୍ରାର୍ଥନା କରୁଛି ବୋଲି ଗଙ୍ଗୱାର କହିଛନ୍ତି । ଗତ ୩୦ ତାରିଖରେ ସିମଡ଼େଗା ଜିଲ୍ଲାରେ ଥିବା ପୈତୃକ ଘର ନିକଟସ୍ଥ ଫାର୍ମରେ ଅଚେତ ଅବସ୍ଥାରେ ୪୫ ବର୍ଷୀୟ ଲାକ୍ରାଙ୍କୁ ଠାବ କରାଯାଇଥିଲା । ତାଙ୍କୁ ସିମଡ଼େଗା ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସିଟି ସ୍କାନରୁ ତାଙ୍କ ମୁଣ୍ଡରେ ରକ୍ତ ଜମାଟ ବାନ୍ଧି ଥିବା ଜଣାପଡ଼ିଥିଲା । ଏଥିଯୋଗୁ ତାଙ୍କୁ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।

# ଭାରତ ଆସିବ ପାକିସ୍ତାନ ଟିମ୍ : ମିଳିଲା ମଞ୍ଜୁରୀ

**ନୂଆଦିଲ୍ଲୀ**



ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ତା'ପରେ ଅପରେସନ ସିନ୍ଦୂର ପରେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଥରେ କ୍ରୀଡ଼ା ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ, ପାକିସ୍ତାନ ଦଳକୁ ଏକ ବଡ଼ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତ ଆସିବାକୁ ଅନୁମତି ମିଳୁଥିବା ଜଣାପଡ଼ିଛି । ଆସନ୍ତା ମାସରେ ଭାରତରେ ହକି ଏସିଆ କପ୍ ଆୟୋଜନ ହେବାକୁ ଯାଉଛି ଏବଂ ଏଥିପାଇଁ ପାକିସ୍ତାନୀ ଦଳକୁ ଭାରତ ଆସିବାରୁ ବାରଣ କରାଯିବ ନାହିଁ । ଏ ସମ୍ପର୍କରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି ।

ଅଗଷ୍ଟ-ସେପ୍ଟେମ୍ବରରେ ବିହାରରେ ଅନୁଷ୍ଠିତ ହେବାକୁ ଥିବା ହକି ଏସିଆ କପ୍ ପାଇଁ ପାକିସ୍ତାନୀ ଦଳକୁ ଭାରତ ଆସିବାରୁ ବାରଣ କରାଯିବ ନାହିଁ । ଅନ୍ତର୍ଜାତୀୟ କ୍ରୀଡ଼ାର ଆବଶ୍ୟକତାକୁ ବିଚାରକୁ ନେଇ କ୍ରୀଡ଼ାରେ ଅଂଶଗ୍ରହଣକୁ ଅସ୍ୱୀକାର କରାଯାଇପାରିବ ନାହିଁ ।

ସରକାର ଭାରତରେ ଅନୁଷ୍ଠିତ ହେବାକୁ ଥିବା ବହୁ-ରାଷ୍ଟ୍ରୀୟ ଇଭେଣ୍ଟରେ କୌଣସି ଦଳ ଅଂଶଗ୍ରହଣ କରିବା ବିରୋଧରେ ନୁହେଁ । ଏହା ମଧ୍ୟ କୁହାଯାଇଛି ଯେ, ଦ୍ୱିପାକ୍ଷିକ ଏହାଠାରୁ ଭିନ୍ନ । ରୁଷିଆ ଏବଂ ୟୁକ୍ରେନର ଉଦାହରଣ ଦେଇ, କ୍ରୀଡ଼ା ମନ୍ତ୍ରଣାଳୟର ଏକ ସୂତ୍ର କହିଛି, ରୁଷିଆ ଏବଂ ୟୁକ୍ରେନ ପରସ୍ପର ସହିତ ଲଢ଼ୁଛନ୍ତି କିନ୍ତୁ ସେମାନେ ବହୁ-ରାଷ୍ଟ୍ରୀୟ ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି ।

# ବିଶ୍ୱ କ୍ରୀଡ଼ା ମଞ୍ଚରେ ଇତିହାସ ରଚିଲା ଓଡ଼ିଶା ପୁଲିସ : ସ୍ୱର୍ଣ୍ଣ ପଦକ ଜିତିଲେ ୪ କନଷ୍ଟେବଲ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯୁକ୍ତରାଷ୍ଟ୍ର ଆମେରିକାର ବିର୍ମିଂହାମରେ ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠିତ ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ୨୦୨୫ରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ନିରନ୍ତର ଭାବେ ସଫଳତା ହାସଲ କରି ଚାଲିଛନ୍ତି । ଏହି କ୍ରମରେ ୪ ଜଣ ଯୁବ କ୍ରୀଡ଼ାବିତ୍ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଓଡ଼ିଶା ପୁଲିସକୁ ଗୌରବାନ୍ୱିତ କରିଛନ୍ତି । କନଷ୍ଟେବଲ ଅଶୋକ ଦଣ୍ଡସେନା ୧୫୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୧୫୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି । ପୂର୍ବରୁ କନଷ୍ଟେବଲ ଅଶୋକ ଦଣ୍ଡସେନା ୮୦୦ ମିଟର (ପୁରୁଷ ବର୍ଗ) ଦୌଡ଼ରେ ସ୍ୱର୍ଣ୍ଣ ପଦକ ଏବଂ କନଷ୍ଟେବଲ ସୁସ୍ମିତା ଟିଗା ୮୦୦ ମିଟର (ମହିଳା ବର୍ଗ) ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ ।

ସେହିପରି କନଷ୍ଟେବଲ ଭଗବାନ ରେଡ୍ଡୀ, କରାଟେ (୬୪ କି.ଗ୍ରାରୁ କମ୍) ବର୍ଗରେ ଏବଂ କନଷ୍ଟେବଲ ସୁମନ ଶେଖର ଦାସ କରାଟେ (୮୪ କି.ଗ୍ରାରୁ କମ୍) ବର୍ଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ଏହି କୃତି କ୍ରୀଡ଼ାବିତ୍‌ମାନଙ୍କ ବିରଳ ସଫଳତାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ାବିତ୍‌ଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଏହି କୃତି କ୍ରୀଡ଼ାବିତ୍‌ମାନେ ଅସାଧାରଣ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବା ସହ ଓଡ଼ିଶା ପୁଲିସର ସୁନାମ ବଢ଼ାଇଛନ୍ତି । ଏହି କୃତି କ୍ରୀଡ଼ାବିତ୍‌ମାନଙ୍କ ବିଜୟ ଓଡ଼ିଶା ପୁଲିସର କ୍ରୀଡ଼ା ଉତ୍କର୍ଷତା, ଦୃଢ଼ତା ଏବଂ ଶୃଙ୍ଖଳାର ପ୍ରମାଣ । ସେମାନଙ୍କ ପଦକ ବିଜୟ ଓଡିଶା ପୁଲିସ ବାହିନୀକୁ ଗୌରବାନ୍ୱିତ କରିବା ସହ କର୍ତ୍ତବ୍ୟ ଏବଂ କ୍ରୀଡ଼ା ଉଭୟରେ ଉତ୍କର୍ଷତା ହାସଲ କରିବାକୁ ଅନ୍ୟ କ୍ରୀଡ଼ାବିତ ଓ ଅଧିକାରୀମାନଙ୍କୁ ପ୍ରେରଣା ଯୋଗାଉଛି ।

ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ପ୍ରତି ଦୁଇ ବର୍ଷରେ ଅନୁଷ୍ଠିତ ହୋଇଥାଏ । ଯେଉଁଥିରେ ପୁଲିସ, ଅଗ୍ନିଶମ ଏବଂ ବିଶ୍ୱର ଅନ୍ୟାନ୍ୟ ସାର୍ବଜନୀନ ସୁରକ୍ଷା ସଂସ୍ଥାର ହଜାର ହଜାର ଖେଳାଳି ଅଂଶଗ୍ରହଣ କରିଥାନ୍ତି ।

# ଆରସିବି ଉପରେ ବିସିସିଆଇ ନେଲା ବଡ଼ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଅନ୍ୟତମ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି) ପାଇଁ ଅଡୁଆ ବଢ଼ିଛି । ୨୦୨୫ ଜୁନ ୪ରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିଜୟର ଉତ୍ସବ ସମୟରେ ହୋଇଥିବା ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଘୋର ଅବହେଳା ଅଭିଯୋଗରେ ଚାରି ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ଆରସିବି ଏବଂ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ସଂଘ (କେଏସସିଏ)କୁ ନିର୍ଦ୍ଦେଶ ଦେଇଛି ।

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି) ଦଳାଚକଟା ପାଇଁ ଆରସିବିକୁ ଦାୟୀ କରିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଟ୍ରିବ୍ୟୁନାଲ କହିଥିଲେ ଯେ ଫ୍ରାଞ୍ଚାଇଜ ଏବଂ ସ୍ଥାନୀୟ ସଂଘ ପର୍ଯ୍ୟାପ୍ତ ସମୟ ମଧ୍ୟରେ ପୋଲିସକୁ ଜଣାଇବାରେ ଏବଂ ଇଭେଣ୍ଟ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲେ ।

ବିସିସିଆଇ କହିଛି, "ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି, କର୍ଣ୍ଣାଟକ କ୍ରିକେଟ ସଂଘ (କେଏସସିଏ) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଉଭୟ ଏହି ଅଭିଯୋଗର ଲିଖିତ ଉତ୍ତର ଦେବା ଆବଶ୍ୟକ ।" ଆରସିବି ବିରୋଧରେ ଅଭିଯୋଗ ଆଣି ବିକାଶ କୁମାର ନାମକ ଜଣେ ବ୍ୟକ୍ତି ଜୁନ ୧୨ ତାରିଖରେ ଏହି ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗକାରୀ ବିସିସିଆଇକୁ ଆରସିବିକୁ ନିଲମ୍ବନ କରିବାକୁ ଏବଂ ଦଳର ବର୍ତ୍ତମାନର ମାଲିକଙ୍କୁ ଫ୍ରାଞ୍ଚାଇଜ ବିକ୍ରୟ ବନ୍ଦ କରିବାକୁ ଦାବି କରିଛନ୍ତି ।

ବିସିସିଆଇ ଏହା ମଧ୍ୟ କହିଛି ଯେ ଯେତେବେଳେ କେଏସସିଏ ଏବଂ ଆରସିବି ସେମାନଙ୍କର ଉତ୍ତର ଦାଖଲ କରିବେ, ସେମାନଙ୍କର କପି ଅଭିଯୋଗକାରୀଙ୍କ ସହ ଶେୟାର କରାଯିବ ଯାହା ଦ୍ୱାରା ସେ ୧୦ ଦିନ ମଧ୍ୟରେ ତାଙ୍କର ଉତ୍ତର ଦାଖଲ କରିପାରିବେ । ବିସିସିଆଇ ଦ୍ୱାରା ସମଗ୍ର ମାମଲା ସକ୍ରିୟ ଭାବରେ ତଦନ୍ତ କରାଯାଉଛି । ବୋର୍ଡ ସୂଚିତ କରିଛି ଯେ ଯଦି ଆରସିବି ଏବଂ କେଏସସିଏର ଅବହେଳା ପ୍ରମାଣିତ ହୁଏ, ତେବେ ସେମାନଙ୍କ ବିରୁଦ୍ଧରେ କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ମହିଳା ଓ ଶିଶୁ ବିକାଶ କ୍ଷେତ୍ରରେ ଏକ ଦଶନ୍ଧିର ପ୍ରଯୁକ୍ତିଗତ ପରିବର୍ତ୍ତନ



**ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବୀ**
ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ,
ଭାରତ ସରକାର

ସଶକ୍ତୀକରଣ ସଦାବେଳେ ଉପଲବ୍ଧତାରୁ ହିଁ ଆରମ୍ଭ ହୋଇଥାଏ – ଅଧିକାରର ଉପଲବ୍ଧତା, ସେବାର ଉପଲବ୍ଧତା, ସୁରକ୍ଷାର ଉପଲବ୍ଧତା ଏବଂ ସୁଯୋଗର ଉପଲବ୍ଧତା ଏହାର ଗୋଟିଏ ଗୋଟିଏ ଉଦାହରଣ । ଗତ ଏକ ଦଶନ୍ଧି ମଧ୍ୟରେ ଏଭଳି ଉପଲବ୍ଧତାର ସଂଜ୍ଞା ନିରୂପିତ ହୋଇଛି ଏବଂ ଏକ ସମାବେଶୀ ତଥା ଡିଜିଟାଲ ସମୃଦ୍ଧି ସଶକ୍ତ ଭାରତ ଗଠନ ନିମନ୍ତେ ମୋଦୀ ସରକାରଙ୍କ ପ୍ରତିବଦ୍ଧତାକୁ ଗଣତାନ୍ତ୍ରିକରଣ ମାଧ୍ୟମରେ ପ୍ରମାଣିତ କରିଛି । ଏଭଳି ପରିବର୍ତ୍ତନର ସମ୍ମୁଖ ଭାଗରେ ରହିଛି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ । ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ@୨୦୪୭ର ପରିକଳ୍ପନାରେ ପରିଚାଳିତ ହୋଇ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଶୃଙ୍ଖଳିତ ତଥା ସମନ୍ୱିତ ପ୍ରଯୁକ୍ତି ସାଧନର ଉପଯୋଗ କରି ତା'ର ବିଭିନ୍ନ କାର୍ଯ୍ୟକ୍ରମକୁ ନିଷ୍ପାଦନ କରିଆସୁଛି – ଯାହା ଫଳରେ ସମାଜର ଶେଷତମ ସ୍ଥାନରେ ଥିବା ହିତଧାରକଙ୍କ ସୁଦ୍ଧା ତ୍ୱରିତ, ସ୍ୱଚ୍ଛ ଓ ସକ୍ରିୟତାର ସହିତ ସୁଫଳ ପ୍ରାପ୍ତି ସୁନିଶ୍ଚିତ ହୋଇପାରିଛି ।

ଆମେ ସଦାବେଳେ କହିଥାଉ, 'ମହିଳାମାନେ ପ୍ରଗତି କଲେ ଭାରତ ପ୍ରଗତି କରିବ ।' ସେଥିପାଇଁ ସଶକ୍ତୀକରଣର ପ୍ରଥମ ପଦକ୍ଷେପ ପହଞ୍ଚ ଠାରୁ ହିଁ ଆରମ୍ଭ ହୋଇଥାଏ – ଅଧିକାର, ସେବା, ସୁରକ୍ଷା ଏବଂ ସୁଯୋଗ ପର୍ଯ୍ୟନ୍ତ ସାଧାରଣ ନାଗରିକଙ୍କ ପହଞ୍ଚ । ଆଜି ସେହିଭଳି ପହଞ୍ଚର ଡିଜିଟାଇଜେସନ୍ ହୋଇଛି ।

ଏକଦା ଯାହା କେବଳ ଆମର ଆଶା ଓ ଆକାଂକ୍ଷା ବୋଲି ବିବେଚନା କରାଯାଉଥିଲା ଏବେ ତାହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିଛି । ଏଥିପାଇଁ ଡିଜିଟାଲ ସାଧାରଣ ସଂସାଧନ ରିଅଲ ଟାଇମ୍ ଡାଟା ବ୍ୟବସ୍ଥା ଏବଂ ସମ୍ବେଦନୀ ପ୍ରଶାସନିକ ବ୍ୟବସ୍ଥା ଉପରେ ସରକାରଙ୍କ ଗୁରୁତ୍ୱାରୋପ ଯୋଗୁ ସମ୍ଭବପର ହୋଇପାରିଛି ।

ସେବା, ସୁରକ୍ଷା ଏବଂ ସଶକ୍ତୀକରଣ ଉପରେ ନିରନ୍ତର ଗୁରୁତ୍ୱ ପ୍ରଦାନ ଫଳରେ ମନ୍ତ୍ରଣାଳୟ ପୌଷ୍ଟିକତା, ଶିକ୍ଷା, ଆଇନଗତ ନିରାପତ୍ତା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ କେବଳ ସୁଦୃଢ଼ ନୁହେଁ, ସୁନିଶ୍ଚିତ କରିପାରିଛି ଏବଂ ସେସବୁ ମହିଳା ଓ ଶିଶୁମାନଙ୍କୁ ସୁସ୍ଥ ରଖିବା ସହିତ ସେମାନଙ୍କ ଜୀବନକୁ ସୁରକ୍ଷିତ କରିଛି । ପରିଣାମତଃ, ସ୍ୱାଧୀନତାର ଅମୃତ କାଳରେ ସେମାନେ ଦୃଢ଼ ଆତ୍ମବିଶ୍ୱାସର ସହିତ ଅଧୁନା ସାମାଜିକ ପରିବର୍ତ୍ତନର ବାହକ ସାଜିଛନ୍ତି ।

ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯାହା ଯଥାର୍ଥରେ କହିଛନ୍ତି, 'ମୁଁ ପ୍ରଯୁକ୍ତିକୁ ସଶକ୍ତୀକରଣର ଏକ ସାଧନ ରୂପେ ଦେଖୁଛି ଏବଂ ଏହା ଏପରି ଏକ ସାଧନ ଯାହା ଆଶା ଓ ପ୍ରାପ୍ତି (ସୁଯୋଗ) ମଧ୍ୟରେ ଥିବା ବୈଷମ୍ୟକୁ ଦୂର କରିବାକୁ ସକ୍ଷମ ।' ଏହି ଭାବନା ହିଁ ଆମର ଏହି ପର୍ଯ୍ୟାନ୍ତରଣରେ ସହାୟକ ହୋଇଛି ଏବଂ ଆମକୁ ମାନବୀୟ ପ୍ରକ୍ରିୟାଠାରୁ ନେଇ ରିଅଲ ଟାଇମ୍ ଡ୍ୟାସବୋର୍ଡ ନିକଟରେ ପହଞ୍ଚାଇଛି । ବିକ୍ଷିପ୍ତ ଯୋଜନାମାନଙ୍କୁ ସମନ୍ୱିତ ମଞ୍ଚରେ ଉପସ୍ଥାପନ କରିଛି ।

ଏଭଳି ରୂପାନ୍ତରଣର ମୁଖ୍ୟ ଆଧାର ହେଉଛି ସକ୍ଷମ ଅଙ୍ଗନୱାଡ଼ି ଉପକ୍ରମ । ଏହା ଅଧୀନରେ ସାରା ଭାରତରେ ୨ ଲକ୍ଷରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ରର ଆଧୁନିକୀକରଣ ଓ ସଶକ୍ତ କରାଯିବାର ଡିଜାଇନ୍ ପ୍ରସ୍ତୁତ କରାଯାଇଛି । ଏହା ପରବର୍ତ୍ତୀ ପିଢ଼ିର ପ୍ରାକ୍ ଶୈଶବାବସ୍ଥାରେ ଯତ୍ନ ଓ ବିକାଶକୁ ପ୍ରତିନିଧିତ୍ୱ କରେ । ଏହିସବୁ କେନ୍ଦ୍ରଗୁଡ଼ିକୁ ସ୍ମାର୍ଟ ସଂସାଧନ, ଡିଜିଟାଲ ଡିଭାଇସ୍ (ଉପକରଣ) ଏବଂ ନବାଚାର ଶୈକ୍ଷିକ ସାଧନ (ଉପକରଣ) – ଯାହା ଫଳରେ ଅତି ସକ୍ରିୟତାର ସହିତ ପୌଷ୍ଟିକତା, ସ୍ୱାସ୍ଥ୍ୟସେବା ଓ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ସେବା ଆଦି ଯୋଗାଇ ଦିଆଯାଇପାରିବ ।

ସାରା ଦେଶରେ ଏଭଳି ସମନ୍ୱିତ ସେବାକୁ ୧୪ ଲକ୍ଷ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କ ମାଧ୍ୟମରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି । ସେଥିରେ ଥିବା ପୋଷଣ ଟ୍ରାକର ମାଧ୍ୟମରେ ରିଅଲ୍ ଟାଇମ୍ ଆଧାରରେ ଡାଟା ଏଣ୍ଟ୍ରି, କାର୍ଯ୍ୟକ୍ରମ ମନିଟରିଂ ଏବଂ ପ୍ରମାଣ ଆଧାରିତ ନୀତିଗତ ହସ୍ତକ୍ଷେପ ସମ୍ଭବପର ହୋଇପାରିଛି । ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସ୍ମାର୍ଟ ଫୋନ୍ ଯୋଗାଇ ଦିଆଯାଇ ସେମାନଙ୍କୁ ଏଥିରେ ବ୍ୟାପକ ମାତ୍ରାରେ ତାଲିମ ପ୍ରଦାନ କରାଯାଇଛି । ଏହା ଫଳରେ ଏଭଳି ଉପକ୍ରମ ସମାଜର ଶେଷତମ ଧାଡ଼ିରେ ଥିବା ଲୋକମାନଙ୍କୁ ଗୁଣାତ୍ମକ ସେବା ଯୋଗାଣକୁ ସୁନିଶ୍ଚିତ କରିଛି । ପୂର୍ବରୁ କାଗଜ କଲମ ଧରି କରାଯାଉଥିବା ଲିଖନରେ ଏହା ଆମୂଳଚୂଳ ପରିବର୍ତ୍ତନ ଘଟାଇଛି । ଏହା ଫଳରେ ୨୦୧୪ ମସିହା ପୂର୍ବରୁ ଡାଟା ବ୍ଲାଇଣ୍ଡ୍ ସ୍ପଟ୍ ସମ୍ପୂର୍ଣ୍ଣ ରୂପେ ଦୂର ହୋଇପାରିଛି ।

ମାତ୍ର ଏକ ଦଶନ୍ଧି ପୂର୍ବରୁ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ (ଆଇ.ସି.ଡି.ଏସ.) ବ୍ୟବସ୍ଥା ବିକ୍ଷିପ୍ତ ଡାଟା, ପ୍ରଦର୍ଶିତ ପ୍ରତିକ୍ରିୟା ଏବଂ ରିଅଲ ଟାଇମ୍ ଟ୍ରାକିଂ ସୁବିଧା ଅଭାବରୁ ଏକ ପ୍ରକାର ଦୁର୍ବଳ ଅବସ୍ଥା ମଧ୍ୟରେ ଥିଲା । ପୋଷଣ ଟ୍ରାକର ଏହି ଦୃଶ୍ୟପଟ୍ଟରେ ବ୍ୟାପକ ପରିବର୍ତ୍ତନ ଘଟାଇଛି ଯାହା ଫଳରେ ଏକ ସଂକ୍ଷିପ୍ତ, ସକ୍ରିୟ ଓ ଉତ୍ତରଦାୟୀ ପୌଷ୍ଟିକ ଆହାର ବଣ୍ଟନ ସେବା ସୁନିଶ୍ଚିତ ହୋଇପାରିଛି ।

ଏହି କାର୍ଯ୍ୟକ୍ରମ ୧୦.୧୪ କୋଟିରୁ ଅଧିକ ହିତାଧିକାରୀ ଯେଉଁମାନଙ୍କ ମଧ୍ୟରେ ଗର୍ଭବତୀ ମହିଳା, ସ୍ତନ୍ୟପାନକାରୀ ମାତା, ଛଅ ବର୍ଷ ଆୟୁସୀମା ବର୍ଗର ଶିଶୁ ଏବଂ କିଶୋରୀମାନେ ସାମିଲ, ସେମାନେ ବର୍ତ୍ତମାନ ଏହି ପ୍ଲାଟଫର୍ମରେ ନିଜ ନାମ ଦରଜ କରିଛନ୍ତି । ବିକାଶ ପ୍ରକ୍ରିୟା ମନିଟରିଂ ଏବଂ ଅତିରିକ୍ତ ପୌଷ୍ଟିକ ଆହାର ଯୋଗାଣର ରିଅଲ୍ ଟାଇମ୍ ଡାଟା ପ୍ରାପ୍ତି ଯୋଗୁ ସମୟୋଚିତ ଭାବରେ ଏଥିରେ ହସ୍ତକ୍ଷେପ କରିବା ସମ୍ଭବପର ହୋଇପାରୁଛି ଏବଂ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣରେ ମଧ୍ୟ ଏହା ସହାୟକ ହେଉଛି । ଏହାର ମୂଳରେ ରହିଛି ପୋଷଣ ଟ୍ରାକର ଯାହା 'ସୁସ୍ଥ ଭାରତ, ସୁପୋଷିତ ଭାରତ'ର ରାଷ୍ଟ୍ରୀୟ ପରିକଳ୍ପନାକୁ ଆଗକୁ ଆଗେଇ ନେଇଛି । ଏଥି ସହିତ ଏହା ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ସଂଜ୍ଞା ମଧ୍ୟ ପୁନଃ ନିର୍ଦ୍ଧାରଣ କରିଛି ଏବଂ ସେଗୁଡ଼ିକୁ ଡିଜିଟାଲ ସଶକ୍ତ ଗୋଷ୍ଠୀ ପେଣ୍ଠସ୍ଥଳୀରେ ରୂପାନ୍ତରୀତ କରିଛି । ଏହା ସହରାଞ୍ଚଳ-ଗ୍ରାମାଞ୍ଚଳ ବିଭାଜନକୁ ମଧ୍ୟ ହ୍ରାସ କରିଛି ।

ପ୍ରଧାନମନ୍ତ୍ରୀଙ୍କ ଜନ ପ୍ରଶାସନ ଉତ୍କର୍ଷ ପୁରସ୍କାର (୨୦୨୫) ଭାବରେ ସ୍ୱୀକୃତ ହୋଇ ଏହି ପ୍ଲାଟଫର୍ମ ମଧ୍ୟ 'ପୋଷଣ ବି, ପାଠପଢ଼ା ବି'କୁ ସମର୍ଥନ ଜଣାଉଛି । ଏହା ବ୍ୟତୀତ ଏହା ପ୍ରାକ୍ ଶୈଶବ ଶିକ୍ଷା-ବିକଶିତ ଭାରତର ଅମୃତ କାଳରେ ସାମଗ୍ରିକ ଯତ୍ନର ବ୍ୟବସ୍ଥା ନିମନ୍ତେ ଏହା ଅଙ୍ଗନୱାଡ଼ି କର୍ମୀମାନଙ୍କ ପାଇଁ ଡିଜିଟାଲ ତାଲିମ ମଡ୍ୟୁଲ ଯୋଗାଉଛି ।

ଏହି ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ମଜଭୁତ କରିବା ଏବଂ ଅତିରିକ୍ତ ପୌଷ୍ଟିକ କାର୍ଯ୍ୟକ୍ରମ (ଏସ.ଏନ.ପି.)ରେ ହେଉଥିବା ବାଟମାରଣାକୁ ରୋକିବା ନିମନ୍ତେ ଏକ ମୁହଁ ଚିହ୍ନଟ ବ୍ୟବସ୍ଥା (ଫେସିଆଲ ରେକଗନିସନ୍ ସିଷ୍ଟମ) ପ୍ରବର୍ତ୍ତନ କରାଯାଇଛି । ଏହା ସୁନିଶ୍ଚିତ କରେ ଯେ କେବଳ ଯୋଗ୍ୟ ହିତଧାରକମାନେ ହିଁ ପୌଷ୍ଟିକ ସହାୟତା ପାଇବା ଉଚିତ ଏବଂ ସେଥି ନିମନ୍ତେ ଯୋଗାଣ ବ୍ୟବସ୍ଥାକୁ ଏକ ସୁରକ୍ଷିତ, ଶୁଦ୍ଧ ଏବଂ ମର୍ଯ୍ୟାଦାବନ୍ତ ପ୍ରକ୍ରିୟାରେ ପରିଣତ କରାଯାଇ ପାରିବ ।

ପୌଷ୍ଟିକତା ବ୍ୟତୀତ ଏକ ପ୍ରଯୁକ୍ତି ନେତୃତ୍ୱାଧୀନ ପ୍ଲାଟଫର୍ମ ଜରିଆରେ ମହିଳାମାନଙ୍କୁ ମନ୍ତ୍ରଣାଳୟ ନିରାପତ୍ତା ଓ ସମର୍ଥନ ସୁନିଶ୍ଚିତ କରେ । SHe-Box ପୋର୍ଟାଲ ପ୍ରତ୍ୟେକ ମହିଳାଙ୍କୁ ତା'ର ନିଯୁକ୍ତି ସ୍ଥିତି ନିର୍ବିଶେଷରେ ସେ ସଂଗଠିତ ଅବା ଅସଂଗଠିତ, ଘରୋଇ କିମ୍ବା ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥାଆନ୍ତୁ ନା କାହିଁକି – ସେମାନଙ୍କୁ "ପୋଷ ଆକ୍ଟ" ଜରିଆରେ ଅଭିଯୋଗ ଦରଜ କରିବାର ସୁଯୋଗ ପ୍ରଦାନ କରିଥାଏ । ଫଳରେ ଅନଲାଇନ୍ ମାଧ୍ୟମରେ ଏହାର ସମାଧାନ ଓ ଟ୍ରାକିଂ କରାଯାଇ ପାରିଥାଏ । ଇତି ମଧ୍ୟରେ ମିଶନ ଶକ୍ତି ଡ୍ୟାସବୋର୍ଡ ଓ ମୋବାଇଲ୍ ଆପ୍ ଦୁର୍ଗତ ମହିଳମାନଙ୍କୁ ସମନ୍ୱିତ ଭାବରେ ସହାୟତା ଯୋଗାଇ ଦେଉଛି – ସେମାନଙ୍କୁ ନିକଟବର୍ତ୍ତୀ ୱାନ୍ ଷ୍ଟପ୍ କେନ୍ଦ୍ର ସହିତ ସଂଯୁକ୍ତ କରିପାରୁଛି । ଏଭଳି ୱାନ୍ ଷ୍ଟପ୍ କେନ୍ଦ୍ର ବର୍ତ୍ତମାନ ଦେଶର ପ୍ରାୟ ପ୍ରତି ଜିଲ୍ଲାରେ କାର୍ଯ୍ୟ କରୁଛି । ଏଭଳି ହସ୍ତକ୍ଷେପ ସୂଚୀତ କରେ – କେବଳ ସକ୍ରିୟତା ପାଇଁ ନୁହେଁ, ବରଂ ନ୍ୟାୟ, ଗରିମା ରକ୍ଷା ଏବଂ ସଶକ୍ତୀକରଣ ନିମନ୍ତେ ପ୍ରଯୁକ୍ତି କିପରି ଭାବରେ କାର୍ଯ୍ୟ କରୁଛି, ସେସବୁର ଗୋଟିଏ ଗୋଟିଏ ବାସ୍ତବ ଉଦାହରଣ ।

ମାତ୍ର ଏକ ଦଶନ୍ଧି ପୂର୍ବରୁ ପ୍ରସବକାଳୀନ ସୁବିଧା ସୁଯୋଗ ମନିଟର କରିବା ବେଶ୍ କଷ୍ଟସାଧ୍ୟ ଥିଲା । ଏଥିରେ ଢେର୍ ବିଳମ୍ବ ମଧ୍ୟ ଘଟୁଥିଲା । ବର୍ତ୍ତମାନ ମୋଦୀ ସରକାର "ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପି.ଏମ.ଏମ.ଭି.ୱାଇ.)କୁ କାର୍ଯ୍ୟକ୍ଷମ କରିଛନ୍ତି ଯାହାକି ମହିଳାମାନଙ୍କୁ ପ୍ରସବକାଳୀନ ସୁବିଧା ସୁଯୋଗ ପ୍ରଦାନ କ୍ଷେତ୍ରରେ ଏକ ପଟ୍ଟ ପରିବର୍ତ୍ତନକାରୀ ବ୍ୟବସ୍ଥାରେ ପରିଣତ ହୋଇଛି । ପି.ଏମ.ଏମ.ଭି.ୱାଇ. ନିୟମାବଳୀ ୨୦୨୨ ଅନୁସାରେ ଗର୍ଭବତୀ ମହିଳାମାନେ ସେମାନଙ୍କର ପ୍ରଥମ ଶିଶୁ ପାଇଁ ୫,୦୦୦ ଟଙ୍କା ପାଇବେ । 'ମିଶନ ଶକ୍ତି' ଅଧୀନରେ ଯଦି ସେହି ମହିଳାଙ୍କୁ ଦ୍ୱିତୀୟ ସନ୍ତାନଟି କନ୍ୟା ହୁଏ ତେବେ ଏହି ରାଶିକୁ ୬,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି– ଯାହାକି କନ୍ୟା ସନ୍ତାନମାନଙ୍କ ପାଇଁ ଏକ ସକାରାତ୍ମକ ଭାବନାକୁ ପ୍ରୋତ୍ସାହିତ କରୁଛି । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତରଣ ବ୍ୟବସ୍ଥା (ଡି.ବି.ଟି.) ମାଧ୍ୟମରେ ଏହି ସୁବିଧା ଯୋଗାଇ ଦିଆଯାଉଛି ଏବଂ ରୂପାୟନ ହେବା ଦିନଠାରୁ ଅଦ୍ୟାବଧି ଏହା ମାଧ୍ୟମରେ ୪ କୋଟିରୁ ଅଧିକ ମହିଳା ହିତଧାରକଙ୍କୁ ୧,୯୦୦୦ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇ ସାରିଛି ।

ପି.ଏମ, ଏମ.ଭି.ୱାଇ. ସମ୍ପୂର୍ଣ୍ଣ ରୂପେ ଏକ ଡିଜିଟାଲ କାର୍ଯ୍ୟକ୍ରମ – ଯାହା ଆଧାର ଭିତ୍ତିକ ପ୍ରମାଣନ, ମୋବାଇଲ୍ ଭିତ୍ତିକ ପଞ୍ଜୀକରଣ, ଅଙ୍ଗନୱାଡ଼ି/ଆଶାକର୍ମୀମାନଙ୍କ ଠାରୁ ନିଜ ଦ୍ୱାରଦେଶରେ ସହାୟତା ପ୍ରାପ୍ତି ଏବଂ ରିଅଲ ଟାଇମ୍ ଡ୍ୟାସ୍‌ବୋର୍ଡକୁ ସହାୟକ ହୋଇଛି । ଅପର ପକ୍ଷରେ ଅଭିଯୋଗ ନିରାକରଣ ନିମନ୍ତେ ଏହା ଏକ ସମର୍ପିତ ମଡ୍ୟୁଲ ଏବଂ ନାଗରିକ ଅଭିମୁଖୀ ପୋର୍ଟାଲ ଯାହା ସ୍ୱଚ୍ଛତା, ଆସ୍ଥା ଏବଂ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରେ – ଏହା 'ବେଟୀ ବଚାଓ, ବେଟୀ ପଢ଼ାଓ' କାର୍ଯ୍ୟକ୍ରମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ମଧ୍ୟ ସାମର୍ଥ୍ୟ ଯୋଗାଏ ।

ଏହିସବୁ ଲକ୍ଷ୍ୟ ନିର୍ଦ୍ଧାରିତ ପ୍ରୟାସରୁ ପର୍ଯ୍ୟାପ୍ତ ଲକ୍ଷ୍ୟଣୀୟ ସୁଫଳ ପ୍ରାପ୍ତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ସଦ୍ୟତମ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ବ୍ୟବସ୍ଥା (ଏସ.ଏମ.ଆଇ.ଏସ.)ର ରିପୋର୍ଟରେ ଦର୍ଶାଯାଇଛି ଯେ ଜନ୍ମ ସମୟରେ ଲିଙ୍ଗଗତ ଅନୁବାଦ ଯାହା ୨୦୧୪-୧୫ ମସିହାରେ ପ୍ରତି ୧୦୦୦ରେ ୯୧୮ ଥିଲା; ତାହା ୨୦୨୩-୨୪ରେ ୯୩୦କୁ ବୃଦ୍ଧି ପାଇଛି ଯେଉଁଥିରେ ମୋଟ ସକାରାତ୍ମକ ୧୨ ପଏଣ୍ଟର ପରିବର୍ତ୍ତନ ଘଟିଛି । ୨୦୧୪-୧୬ ମସିହାରେ ପ୍ରତି ୧୦୦୦ ପ୍ରସବ ଘଟଣାରେ ୧୩୦ ଜଣଙ୍କ ମହିଳାଙ୍କ ମୃତ୍ୟୁ ଘଟୁଥିବା ବେଳେ ୨୦୧୮-୨୦ ମସିହାରେ ସେଥିରେ ଉନ୍ନତି ଘଟି ବର୍ତ୍ତମାନ ତାହା ୯୭ ହୋଇଛି ଯାହାକି ବିଗତ ଏକ ଦଶନ୍ଧି ମଧ୍ୟରେ ସରକାରଙ୍କ କ୍ରମାଗତ ପ୍ରୟାସ ଫଳରେ ଏଭଳି ସଫଳତା ହାସଲ କରାଯାଇ ପାରିଛି ।

ପ୍ରତ୍ୟେକ ଶିଶୁ ନିରାପଦ ପରିବେଶରେ ବଢ଼ିବା, ଲାଳନପାଳନ ହେବା, ନିରାପଦ ଭାବରେ ଜୀବନ ବଞ୍ଚିବା ଦରକାର । ନିକଟ ଅତୀତରେ, ଡିଜିଟାଲ ପରିବର୍ତ୍ତନ ଶିଶୁ ସୁରକ୍ଷା ଏବଂ କଲ୍ୟାଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବାଳ ଅପରାଧ ଆଇନ ଅଧୀନରେ, ମନ୍ତ୍ରଣାଳୟ ପକ୍ଷରୁ ପୋଷ୍ୟ ସନ୍ତାନ ଅଧିଗ୍ରହଣ ବ୍ୟବସ୍ଥାକୁ 'କେୟାରିଂ' ପୋର୍ଟାଲ ମାଧ୍ୟମରେ ସୁଦୃଢ଼ କରାଯାଇଛି । ଏହି ଡିଜିଟାଲ ଇଣ୍ଟରଫେସ୍ ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ପହଞ୍ଚଯୋଗ୍ୟ ଏବଂ ସକ୍ରିୟ କରିପାରିଛି ।

ଡିଜିଟାଇଜେସନ୍ ମଧ୍ୟ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟ ମନିଟରକୁ ଉନ୍ନତ କରିଛି ଯାହା ଫଳରେ ଯତ୍ନ ନେବା ଏବଂ ବାଧ୍ୟତାମୂଳକ ସହାୟତା ବିଧିକୁ ଜେଜେ ଆଇନ ଅଧିନରେ ସୁସଙ୍ଗତ କରିଛି । ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ.ସି.ପି.ସି.ଆର.) ଦ୍ୱାରା ବିକାଶ ଘଟାଯାଇଥିବା ପ୍ଲାଟଫର୍ମ ସକ୍ରିୟ ଭାବରେ ଶିଶୁମାନଙ୍କ ଅଧିକାର ଉଲ୍ଲଙ୍ଘନକୁ ଟ୍ରାକିଂ କରିପାରୁଛି । ଇତି ମଧ୍ୟରେ ମିଶନ୍ ବାତ୍ସଲ୍ୟ ଡ୍ୟାସବୋର୍ଡ ବିଭିନ୍ ଶିଶୁ କଲ୍ୟାଣ ହିତଧାରକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି ।

ଏହା ନୂତନ ଭାରତ – ଯେଉଁଠାରେ ସୁଶାସନ ପ୍ରଯୁକ୍ତି ସହିତ ମିଶି କାର୍ଯ୍ୟ କରୁଛି ଏବଂ ଯେଉଁଠାରେ ନୀତି ସହିତ ଲକ୍ଷ୍ୟର ମିଶ୍ରଣ ଘଟିଛି । ଗତ ଏକ ଦଶନ୍ଧି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବଳିଷ୍ଠ ନେତୃତ୍ୱରେ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣଳୟ କେବଳ ଡିଜିଟାଲ ପରିବର୍ତ୍ତନ ଆଣିନାହିଁ ଏହାକୁ ଆଗକୁ ଆଗେଇ ନେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି ।

ଆମେ ଆଜି ଯେତେବେଳେ ଅମୃତ କାଳରେ ଆଗକୁ ଅଗ୍ରସର ହେଉଛୁ, ସେତେବେଳେ ମନ୍ତ୍ରଣାଳୟ ତା'ର ଅଗ୍ରଣୀ ଭୂମିକାକୁ ଜାରି ରଖିବ ଏବଂ ଦେଶର ପ୍ରତ୍ୟେକ ମହିଳା ଏବଂ ପ୍ରତି ଶିଶୁ ଯେଭଳି ରାଷ୍ଟ୍ର ନିର୍ମାଣ ପାଇଁ ସକ୍ଷମ ହୋଇପାରିବ ତାହା ସୁନିଶ୍ଚିତ କରାଯିବ । ପ୍ରଯୁକ୍ତି ମାଧ୍ୟମରେ ଏକ ସ୍ୱଚ୍ଛ ଏବଂ ଲକ୍ଷ୍ୟ ବିନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ମଧ୍ୟ ଗ୍ରହଣ କରାଯିବ । ଆମେ ଏଭଳି ଏକ ଭବିଷ୍ୟତ ଗଠନରେ ବ୍ରତୀ ଯେଉଁଠାରେ ସଶକ୍ତୀକରଣ କେବଳ ଏକ ସ୍ଲୋଗାନ ନୁହେଁ – ବରଂ ଏହା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ପାଇଁ ଏକ ଜୀବନ୍ତ ବାସ୍ତବତା ।



# ବଳକା ଧାନ କିଣିବା ଓ କ୍ରୟ ସୀମା ବୃଦ୍ଧି କରିବାକୁ ନବୀନଙ୍କ ଦାବି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଚାଷୀ ସମସ୍ୟା ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର କୃଷି ମନ୍ତ୍ରୀ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ ପଦକ୍ଷେପ ନେବାକୁ ନବୀନ ଏକ୍ସ ଯୋଗେ ଦାବି କରିଛନ୍ତି । ପଞ୍ଜିକୃତ ସମସ୍ତ ଚାଷୀମାନଙ୍କ ବଳକା ଧାନ କିଣିବା , ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି ସହ ଧାନ କ୍ରୟ ସୀମା ମଧ ବୃଦ୍ଧି କରିବାକୁ ଦାବି କରିଛନ୍ତି ନବୀନ । ଏକ୍ସରେ ନବୀନ ଲେଖିଛନ୍ତି ଚଳିତ ବର୍ଷ ପଞ୍ଜିକରଣ କରିଥିବା ସମସ୍ତ ଚାଷୀଙ୍କଠାରୁ ରାଜ୍ୟ ସରକାର ରବି ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୁର୍ଭାଗ୍ୟର କଥା ଚାଷୀଙ୍କର ଲକ୍ଷାଧିକ କ୍ୱିଂଟାଲ ଧାନ ଏପର୍ଯ୍ୟନ୍ତ ବିକ୍ରି ନହୋଇ ପଡ଼ିରହିଛି। ସରକାର କହିଥିଲେ, ଯେଉଁ ଚାଷୀଙ୍କର ବଳକା ଧାନ ମଣ୍ଡିରେ ବିକ୍ରି କରିବାକୁ ପଞ୍ଜିକରଣ ହୋଇଛି, ଏଥିପାଇଁ ଜାରି ହୋଇଥିବା ଟୋକନ ଲାପ୍ସ କରିବ ନାହିଁ। ଆବଶ୍ୟକ ସ୍ଥଳେ ଟୋକନର ଅବଧି ମଧ ବୃଦ୍ଧି କରାଯିବ। କିନ୍ତୁ ଦୁର୍ଭାଗ୍ୟର କଥା, ଅଚାନକ ଭାବେ ରାଜ୍ୟ ସରକାର ଜୁନ ୩୦ ତାରିଖ ଧାନ ବିକ୍ରି ଲାଗି ପଞ୍ଜିକରଣର ଶେଷ ଦିନରେ ଆଇଲେଷନ କରି ଧାନ କିଣିବା ପାଇଁ ଘୋଷଣା କରୁଛନ୍ତି। ରାଜ୍ୟ ସରକାରଙ୍କର ଏପରି ଚାଷୀମାରଣ ନୀତି ପାଇଁ ଓଡ଼ିଶାର ହଜାର ହଜାର ଚାଷୀ ଏବେ ହନ୍ତସନ୍ତ ହେଉଛନ୍ତି । ଏଭଳି ନିଷ୍ପତ୍ତି ଚାଷୀମାନଙ୍କ ପ୍ରତି ଅତ୍ୟନ୍ତ ବେପରୁଆ ମନୋଭାବ ପୋଷଣ ସାଙ୍ଗକୁ ଘୋର ପ୍ରତାରଣା କହିଲେ ଭୁଲ ହେବନାହିଁ। ଚାଷୀଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏଥିପ୍ରତି ତୁରନ୍ତ ପଦକ୍ଷେପ ନିଅନ୍ତୁ। ରବି ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ସମସ୍ତ ଚାଷୀମାନଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ । ଲାପ୍ସ ହୋଇଥିବା ଟୋକନର ଅବଧି ବୃଦ୍ଧି କରାଯିବା ସାଙ୍ଗକୁ ଧାନ କ୍ରୟ ସୀମା ମଧ ବୃଦ୍ଧି କରାଯାଉ। ଯାହା ଫଳରେ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ଆଶ୍ୱସ୍ତ ହେବା ସହ ବହୁତ ଉପକୃତ ହେବେ।

# ନୀଳାଦ୍ରୀଶ ଜଗନ୍ନାଥଙ୍କ ଲୀଳା ଜଗତକଲ୍ୟାଣର ଆଧାର

## ରାଉରକେଲା କୋଏଲନଗରରର ଶ୍ରୀଜଗନ୍ନାଥ ମନ୍ଦିର ନ୍ୟାସ ପାଇଲା 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୫'




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭକ୍ତଙ୍କ ଆଶ୍ଚର୍ଯ୍ୟମୟ-ଲୀଳାର ଆନନ୍ଦ ବିତରଣ ସହ ଜଗତର କଲ୍ୟାଣ ସମ୍ପାଦନ କରିବାରେ ନୀଳାଦ୍ରିନାଥ ଶ୍ରୀଜଗନ୍ନାଥ ସତତ ଧୁରନ୍ଧର । ତାଙ୍କ ନାମ ଓ ମହିମା ଶ୍ରବଣ ଦ୍ୱାରା ଭକ୍ତଙ୍କୁ ଭୁକ୍ତି, ଭକ୍ତି ଓ ମୁକ୍ତି ସୁଲଭ ହୋଇଥାଏ ବୋଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀପକ୍ଷରୁ ଗୁରୁବାର ସଂଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହୋଇଥିବା ଶ୍ରୀଜଗନ୍ନାଥଚେତନା ଆଧାରିତ ସ୍ୱତନ୍ତ୍ର ଭାକ୍ତିମୟ ସତ୍ର 'ଲୀଳାମୟ ନୀଳାଦ୍ରୀଶ' ଅବସରରେ ବିଶିଷ୍ଟବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଏହି ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ନ୍ୟାୟମୂର୍ତ୍ତି ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଶ୍ରୀଜଗନ୍ନାଥସଂସ୍କୃତିର ଉଚ୍ଚାଙ୍ଗ ଆଦର୍ଶଗତ ମହନୀୟତା ସଂପର୍କରେ ଆଲୋକପାତ କରିବା ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିର ଉଦାର-ସାମାଜିକ-ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ଅତିଥି ତଥା ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଜଗନ୍ନାଥଚେତନାରେ ନିହିତ ବିଶ୍ୱଜାଗତିକ ମଧୁମୟ ବାର୍ତ୍ତା ପ୍ରଦାନ କରେ, ସେ ସଂପର୍କରେ କହିଥିଲେ । ବରେଣ୍ୟବକ୍ତାଭାବରେ ଯୋଗଦେଇ ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡକ୍ଟର ଭାରତଭୂଷଣ ରଥ ଶ୍ରୀଜଗନ୍ନାଥ-ସଂସ୍କୃତିରେ ନୀଳମାଧବତତ୍ତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଭଞ୍ଜଭାରତୀର ସଭାପତି ତଥା ବିଶିଷ୍ଟ ଜଗନ୍ନାଥଚେତନା-ପ୍ରବକ୍ତା ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ କଳାମୟ-ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମ-ରୂପ-ଲୀଳା-ଧାମର ଯଥାର୍ଥ ତାତ୍ପର୍ଯ୍ୟ ଓ ଲୋକଶିକ୍ଷା ସଂପର୍କରେ ବିସ୍ତୃତଭାବେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ସାମାଜିକ ତଥା ଆଧ୍ୟାତ୍ମିକ ସେବା ମାଧ୍ୟମରେ ଶ୍ରୀଜଗନ୍ନାଥଚେତନାର ପ୍ରଚାର-ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲାର କୋଏଲନଗରସ୍ଥିତ 'ଶ୍ରୀଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ନ୍ୟାସ'କୁ ମର୍ଯ୍ୟାଦାଜନକ 'ଭଞ୍ଜଭାରତୀ ସାଂସ୍କୃତିକ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ 'ନାଦବ୍ରହ୍ମ' ଅନୁଷ୍ଠାନପକ୍ଷରୁ ମହାପାତ୍ର ମିନତୀ ଭଞ୍ଜ ଓ ପ୍ରଫେସର ଜଗନ୍ନାଥ କୁଅଁର ଶ୍ରୀଗୀତଗୋବିନ୍ଦ ଏବଂ ଶ୍ରୀଜଗନ୍ନାଥ ଜଣାଣ ପରିବେଷଣ କରିଥିଲେ । ସଭା ସଂଯୋଜନା କରିଥିଲେ ଭଞ୍ଜଭାରତୀର କୋଷାଧ୍ୟକ୍ଷ ଶୈଳବାଳା ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସଦସ୍ୟ ଗିରିଜା ପ୍ରସାଦ ମିଶ୍ର । ସେହିପରି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଭଞ୍ଜଭାରତୀର ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ସଂପାଦିକା ଶୁଭଶ୍ରୀ ମିଶ୍ର, ବରିଷ୍ଠସଦସ୍ୟ ବିନାୟକ ରଥ, ଗତିକୃଷ୍ଣ ଦାଶ, ଅସୀମା ତ୍ରିପାଠୀ, ଦିଲ୍ଲୀପ ଦାସ, ଡକ୍ଟର ନୀଳମାଧବ ପ୍ରଧାନ, ସନ୍ତୋଷ ବେହେରା, ନରେନ୍ଦ୍ର ସାହୁ, ଅଶ୍ୱତୋଷ ମହାସୁଆର ପ୍ରମୁଖ। ଏଥିରେ ବହୁସଂଖ୍ୟାରେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଶବରୀ ଭବନ...

ଆସିବେ, ନିଜ ଘର ପରି ଅନୁଭବ କରିବେ। ଶିକ୍ଷା, ଚିକିତ୍ସା, ନିଯୁକ୍ତି ଓ ଉନ୍ନତିର ମାର୍ଗ ଏହିଠାରୁ ଆରମ୍ଭ ହେବ । ଆଦିବାସୀ ସଂସ୍କୃତି କେବଳ ନାଚ, ଗୀତରେ ସୀମାବଦ୍ଧ ନୁହେଁ, ଏହା ହେଉଛି ଏକ ଜୀବନ ଶୈଳୀ, ଏକ ଆତ୍ମା। ଏହାକୁ ସୁରକ୍ଷା କରିବା ଏବଂ ପ୍ରଚାର କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଏହାକୁ ଜୀବିତ ରଖି ପରିସ୍ଫୁଟ କରିବା ଦିଗରେ ଶବରୀ ଭବନ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଭୁବନେଶ୍ୱରରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ପ୍ରତିଷ୍ଠା କରାଯାଉଛି। ରାଜ୍ୟର ୪୦ ପ୍ରତିଶତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ କଲ୍ୟାଣ ପାଇଁ ରେକର୍ଡ ୬୮ ହଜାର ୮୮୧ କୋଟି ତାଙ୍କର ବିଶେଷ ପ୍ରାବଧାନ କରାଯାଇଛି। ନିୟମିତ କଲ୍ୟାଣକାରୀ ଯୋଜନା ବ୍ୟତୀତ ଏହି ଟଙ୍କା କେବଳ ତାଙ୍କ ପାଇଁ ଖର୍ଚ୍ଚ ହେବ । ଏହା ହେଉଛି ଆମ ସରକାରଙ୍କ ଜନଜାତିଙ୍କ ପାଇଁ ପ୍ରତିବଦ୍ଧତା। ମୁଁ ବିଶ୍ୱାସ କରେ ଯେଉଁ ସମାଜ ତାଙ୍କର ମୂଳ ଚିହ୍ନକୁ ସମ୍ମାନ କରେ, ସେଇ ସମାଜ ତୀବ୍ର ଗତିରେ ଅଗ୍ରସର ହୁଏ। ଆମ ଆଦିବାସୀ ସମାଜ ଓଡ଼ିଶାର ଗର୍ବ, ଆମ ସଂସ୍କୃତିର ମୂଳ ଆଧାର। ଏହି ସମାଜକୁ ଆଗକୁ ଆଣିବା ପାଇଁ ମୁଁ ଏକ ଆଦିବାସୀ ସନ୍ତାନ ଭାବରେ ମୋ ସର୍ବଶକ୍ତି ଲଗାଇବି। ସେ ପୁଣି କହିଥିଲେ ଯେ, ୨୦୩୬ ସୁଦ୍ଧା ଆମେ ଲକ୍ଷ୍ୟ ରଖିଛୁ ରାଜ୍ୟର ସର୍ବାଙ୍ଗୀନ ବିକାଶ, ସାମଗ୍ରିକ ଅଭିବୃଦ୍ଧି ଏବଂ ଜନଜାତି ସଶକ୍ତିକରଣ ଜରିଆରେ ଏକ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ। ସମୃଦ୍ଧ ଓଡିଶା ଗଠନ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ରାଜ୍ୟର ୨୪ ପ୍ରତିଶତ ଜନଜାତି ।୨୦୩୬ ସୁଦ୍ଧା ଏହି ସବୁ ଲକ୍ଷ୍ୟ ହାସଲ କରିବା ପାଇଁ ଆମେ ୩୬ଟି ସ୍ୱଷ୍ଟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛୁ। ଏହାକୁ କୁହାଯାଉଛି ୩୬ ପାଇଁ ୩୬। ରାଜ୍ୟର ଡବଲ ଇଞ୍ଜିନ ସରକାର ଏକ ବର୍ଷର ସଫଳ ଯାତ୍ରା ପୂରଣ କରି ସେହି କାର୍ଯ୍ୟକୁ ନୂତନ ବିଶ୍ୱାସ ନୂତନ ଶକ୍ତି ସହିତ ଜାରି ରଖିଛନ୍ତି। ଆଗାମୀ ଦିନରେ ବିକାଶର ଜୟଯାତ୍ରା ଆହୁରି ତ୍ୱରାନ୍ୱିତ ହେବ । ଏହି ବିକାଶ ଯାତ୍ରା ସମ୍ଭବ ହେବ ଯେତେବେଳେ ସରକାର, ଅଧିକାରୀ ଏବଂ ସାଧାରଣ ଜନତାଙ୍କ ଗୋଟିଏ ଲକ୍ଷ୍ୟ ହେବ କେବଳ ରାଜ୍ୟର ବିକାଶ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର କେବଳ ଅବିଭକ୍ତ ନୁହେଁ, ସାରା ରାଜ୍ୟକୁ ସମତୁଲ ଭାବେ ବିକାଶ କରିବା ପାଇଁ ବଦ୍ଧପରିକର। ଏହି ଶବରୀ ଭବନ ଓଡ଼ିଶାବାସୀଙ୍କ ସ୍ୱାଭିମାନର ପରିଚୟ ହେବ ଓ ନୂଆ ପିଢ଼ି ପାଇଁ ଏକ ଅନୁପ୍ରେରଣା ରୂପେ ଦୀପ୍ତିମାନ ରହିବ। କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ଗଣଶିକ୍ଷାମନ୍ତ୍ରୀ ତଥା ଶବରୀ ସାଂସ୍କୃତିକ ପରିଷଦର ସଭାପତି ନିତ୍ୟାନନ୍ଦ ଗଣ୍ଡ କହିଥିଲେଯେ, ଓଡ଼ିଆ ଅସ୍ମିତା ଏବଂ ସ୍ୱାଭିମାନକୁ ଆଦିବାସୀ ସଂସ୍କୃତି ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଆମ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ପାଇଁ ଟାସ୍କ ଫୋର୍ସ ଗଠନ କରି ୨୦୦ କୋଟି ଲେଖାଏଁ ଅନୁଦାନ ପ୍ରଦାନ କରିଛନ୍ତି । ଏଥିରୁ ଦକ୍ଷିଣ ଓଡିଶା ବିଶେଷ ଭାବେ ଅବିଭକ୍ତ କୋରାପୁଟ ଜିଲ୍ଲାର ବିକାଶର ଗତି ଦ୍ରୁତତର ହେବ ଏବଂ ଏହି ବିକାଶର ଜୟଯାତ୍ରାରେ ଶବରୀ ଭବନର ଗୁରୁ ଦାୟିତ୍ୱ ରହିବ । ଉକ୍ତ କାର୍ଯ୍ୟକ୍ରମରେ ସାଂସଦ ମୁନା ଖାଁ, ସାଂସଦ ବଳଭଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ଶବରୀ ସାଂସ୍କୃତିକ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଶବରୀ ସାଂସ୍କୃତିକ ସଂସଦର ଉପଦେଷ୍ଟା ତଥା ବିଧାୟକ ତାରା ପ୍ରସାଦ ବାହିନୀପତି, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭାତ୍ରା, କୋଟପାଡ଼ ବିଧାୟକ ରୂପା ଭାତ୍ରା, କୋରାପୁଟ ବିଧାୟକ ରଘୁରାମ ମାଛ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ରାୟଗଡ଼ା ବିଧାୟକ କଦ୍ରକ ଅପଲସ୍ୱାମୀ, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା ପ୍ରମୁଖ ମଞ୍ଚାସୀନ ଥିଲେ। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଶବରୀ ସାଂସ୍କୃତିକ ପରିଷଦର ଉପ ସଭାପତି ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ୬ରେ ହୀରାକୁଦରୁ ...

ନଦୀବନ୍ଧର ଉପରମୁଣ୍ଡରେ ୩୩.୧୧ ମିଲିମିଟର ଏବଂ ତଳ ମୁଣ୍ଡରେ ୩୭.୫୧ ମିମି ବର୍ଷା ହୋଇଛି। ଡ୍ୟାମର ଉପର ଓ ତଳ ମୁଣ୍ଡରେ ବର୍ଷା, ଜଳପ୍ରବାହ ଏବଂ ଜଳସ୍ତର ନିରୀକ୍ଷଣ ପାଇଁ ଥିବା ୧୨ଟି ଯାକ ଓ୍ୱାରଲେସ ଷ୍ଟେସନକୁ ସକ୍ରିୟ କରାଯାଇଛି। ସାଧାରଣତଃ ହୀରାକୁଦ ଜଳଭଣ୍ଡାରରୁ ଜୁଲାଇ ସମେତ ଅଗଷ୍ଟ ମାସରେ ଉଦବୃତ୍ତ ଜଳ ନିଷ୍କାସନ କରାଯାଇଥାଏ। ହୀରାକୁଦ ନଦୀବନ୍ଧରେ ୩୪ଟି କ୍ରେଷ୍ଟ ଫାଟକ ରହିଥିବା ବେଳେ ୬୪ଟି ସ୍ଲୁଇସ ଫାଟକ ରହିଛି। ଏହା ମାଧ୍ୟମରେ ହୀରାକୁଦ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାନ କରାଯାଇଥାଏ।

## ଆଜି ସନ୍ଧ୍ୟା...

ପୂର୍ବ ପ୍ରସ୍ତୁତି ତଥା ନୀତିକୁ ନଜରରେ ରଖି ଶୁକ୍ରବାର ସନ୍ଧ୍ୟା ଦର୍ଶନ ସନ୍ଧ୍ୟା ୬ ଘଟିକା ଠାରୁ ବନ୍ଦ ରହିବ। ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ଅନୁଷ୍ଠିତ ହେବାପରେ ଶ୍ରୀଜୀଉଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସମ୍ପାଦନ କରାଯିବ। ଭକ୍ତ ଓ ଶ୍ରଦ୍ଧାଳୁମାନେ ବାହୁଡ଼ା ଯାତ୍ରା ଦିନ ରଥାରୂଢ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିପାରିବେ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଏନେଇ ସୂଚନା ଦେଇଛନ୍ତି।

## ରତ୍ନଭଣ୍ଡାର...

ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା କହିଛନ୍ତି । ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ସୁଦ୍ଧା ମରାମତି ସମ୍ପୂର୍ଣ୍ଣ ହୋଇଯିବ ବୋଲି ଗଜପତି କହିଛନ୍ତି। ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସହ ମରାମତି ପରେ ଅତି ସୁନ୍ଦର ଦିଶୁଛି। ମନ୍ଦିର ନିର୍ମାଣ ଶୈଳୀରେ ସମସ୍ତ ମରାମତି କାମ ହୋଇଛି। ପ୍ରାୟ ୬ ଶହ ପଥର କଢ଼ା ଯାଇ ନୂଆ ପଥର ଲାଗିଛି। ମହାପଭୁ ରତ୍ନ ସିଂହାସନକୁ ଆସିଲା ପରେ ଅଳଙ୍କାର ଗଣତି ମଣତି ହେବ ବୋଲି ଗଜପତି କହିଛନ୍ତି।

## ପ୍ରକୃତ ଗଣତନ୍ତ୍ର ...

ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସୃଷ୍ଟି ହୋଇଥିବା ବିଶ୍ୱ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି । ପ୍ରଯୁକ୍ତିବିଦ୍ୟାରେ ବିପ୍ଲବ, ଗ୍ଲୋବାଲ ସାଉଥର ଉତ୍‌ଥାନ ଏବଂ ପରିବର୍ତ୍ତିତ ଜନସଂଖ୍ୟା ଏହାର ଗତି ଏବଂ ପରିମାଣରେ ଅବଦାନ ରଖୁଛି। ସେ କହିଛନ୍ତି, ବିଶ୍ୱ ଏବେ ଜଳବାୟୁ ପରିବର୍ତ୍ତନ, ମହାମାରୀ, ଆତଙ୍କବାଦ ଏବଂ ସାଇବର ସୁରକ୍ଷା ଭଳି ନୂତନ ଓ ଜଟିଳ ସଙ୍କଟର ସମ୍ମୁଖୀନ ହେଉଛି।

ସେ କହିଛନ୍ତି, ଆଜି ଭାରତ ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଉଦୀୟମାନ ଅର୍ଥନୀତି ସ୍ଥିର ରାଜନୀତି ଏବଂ ସୁଶାସନର ମୂଳଦୁଆ ଉପରେ ଭାରତ ଖୁବ ଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବ। ଭାରତ ଏକ ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର, ଯେଉଁଠାରେ ବିଶ୍ୱ କମ୍ପାନୀଗୁଡ଼ିକ ଏକତ୍ରିତ ହେବାକୁ ଚାହାଁନ୍ତି । ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଭାବରେ ଭାରତ ବିଶ୍ୱ ପାଇଁ ଏକ ଶକ୍ତି ସ୍ତମ୍ଭ ପାଲଟୁଛି। ଶ୍ରୀ ମୋଦୀ କହିଛନ୍ତି, ଏକ ଶକ୍ତିଶାଳୀ ଭାରତ ଏକ ଅଧିକ ସ୍ଥିର ଏବଂ ସମୃଦ୍ଧ ବିଶ୍ୱର ବିକାଶରେ ଅବଦାନ ରଖିବ।

## କୃଷି ଓ କୃଷକ ସଶକ୍ତିକରଣ...

ପାଇଁ ଉଦ୍ଦିଷ୍ଟ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି । ସମୟୋଚିତ ଏବଂ ସଠିକ ପାଣିପାଗ ତଥ୍ୟ ସୁନିଶ୍ଚିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଏବଂ ଅଟୋମେଟିକ ରେନ ଗଜ ସ୍ଥାପନ କରାଯିବ। ଗ୍ରାମ ପଞ୍ଚାୟତ ଓ ବ୍ଲକ ସ୍ତରରେ ସ୍ୱୟଂଚାଳିତ ରେନ ଗଜ ସ୍ଥାପନ କରାଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ବଜେଟ ବ୍ୟବସ୍ଥାରୁ ରାଜ୍ୟକୁ ପାଣ୍ଠି ଯୋଗାଇ ଦିଆଯିବ। ଏହି ସ୍ଥାପନ ସମଗ୍ର ଓଡ଼ିଶାରେ ଏକ ବ୍ୟାପକ ପାଣିପାଗ ମନିଟରିଂ ସିଷ୍ଟମ ସୁନିଶ୍ଚିତ କରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମିଳିତ ଭାବରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏଥିପାଇଁ ପାଣ୍ଠି ସମବାୟ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବଜେଟରୁ ଯୋଗାଇ ଦିଆଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଉତ୍ତମ ଫସଲ ଯୋଜନା, ବିପଦ ମୂଲ୍ୟାୟନ ଏବଂ ଅମଳ ପୂର୍ବାନୁମାନ ପାଇଁ ସଠିକ ପାଣିପାଗ ତଥ୍ୟ ପ୍ରଦାନ କରିବା ଦ୍ୱାରା ଚାଷୀମାନଙ୍କର କୃଷିଦକ୍ଷତା ବୃଦ୍ଧି ପାଇବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଦକ୍ଷ ଦାବି ମୂଲ୍ୟାଙ୍କନ ଏବଂ ବିପଦ ହ୍ରାସ ରଣନୀତିକୁ ସହଜ କରିବା ଦ୍ୱାରା ଚାଷୀମାନେ ବହୁବିଧ ଫସଲ ଗ୍ରହଣ କରିବାକୁ ଉତ୍ସାହିତ ହେବେ। କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ସ୍କାଇମେଟ ପାଣିପାଗ ସେବା ପ୍ରାଇଭେଟ ଲିମିଟେଡ ସିଇଓ ଯୋଗେଶ ପାଟିଲ ବୁଝାମଣାପତ୍ରରେ ସ୍ୱାକ୍ଷର ଏବଂ ଆଦାନପ୍ରଦାନ କରିଥିଲେ। ଅତିରିକ୍ତ ସଚିବ ଡକ୍ଟର ଗଣେଶ୍ୱର ଜେନା, ଡକ୍ଟର ରାଜେଶ ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ପୁରୀ ରଥଯାତ୍ରାରେ ଗୌତମ ଆଦାନୀଙ୍କ ନୀରବ ସେବା

**ପୁରୀ, ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଆଦାନୀ ଗ୍ରୁପ ଅଧ୍ୟକ୍ଷ ଗୌତମ ଆଦାନୀଙ୍କ 'ପ୍ରସାଦ ସେବା' ଶ୍ରଦ୍ଧାଳୁଙ୍କ ମନରେ ଧାର୍ମିକ ଚେତନା ଜାଗ୍ରତ କରିଛି । 'ଜୟ ଜଗନ୍ନାଥ' ଧ୍ୱନି ସହିତ ଶ୍ରୀ ଆଦାନୀ ଇସ୍କନ ରୋଷଶାଳାରେ ସ୍ୱେଚ୍ଛାକୃତ ଭାବେ ପ୍ରସାଦ ପ୍ରସ୍ତୁତ କରାଯାଉଛି। ରୋଷଶାଳାରେ ସମଗ୍ର ଦେଶରୁ ସ୍ୱେଚ୍ଛାସେବୀମାନେ ଆସି ଭୋଜନ ପ୍ରସ୍ତୁତ କରୁଥିବା ବେଳେ ଶ୍ରୀ ଆଦାନୀ ସ୍ୱଇଚ୍ଛାରେ ରୋଷଇ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ । ଆଦାନୀ ଓ ତାଙ୍କ ପରିବାର ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ରଥଯାତ୍ରାରୁ ଆରମ୍ଭ ହୋଇଥିବା ଏହି ସେବା କାର୍ଯ୍ୟରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ଇସ୍କନ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରସାଦ ବଣ୍ଟନ ସମୟରେ ଶ୍ରୀ ଆଦାନୀ ସେଠାରେ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ହସ ହସ ବଦନରେ କଥାବାର୍ତ୍ତା କରିଥିଲେ। ତାଙ୍କ ସେବା ଭାବନାକୁ ଦେଖିଲେ ଜଣାପଡୁଥିଲା ଯେପରି ସେ କୌଣସି କମ୍ପାନୀର ଅଧ୍ୟକ୍ଷ ନୁହେଁ ବରଂ ଜଣେ ନମ୍ର 'ସେବକ' ଭଳି ଲାଗୁଥିଲେ । 'ସେବା ହିଁ ସାଧନା' ନୀତିରେ ବିଶ୍ୱାସ କରୁଥିବା ଶ୍ରୀ ଆଦାନୀ ରୋଷଶାଳା ସ୍ୱଚ୍ଛ କରିବା ସହ ଖାଦ୍ୟ ପରିବେଷଣ, ଜାର୍ ଗୁଡ଼ିକରେ ପାଣି ଭରିଥିଲେ । ଶ୍ରଦ୍ଧାଳୁମାନଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ ସହକର୍ମୀମାନଙ୍କୁ ସମର୍ଥନ କରିଥିଲେ। ଏହି ସେବା କାର୍ଯ୍ୟରେ ଅନେକ ସ୍ୱେଚ୍ଛାସେବୀ ଭାଗ ନେଇଥିବା ବେଳେ ଅନେକ ବ୍ୟକ୍ତି ଆଦାନୀ ଫାଉଣ୍ଡେସନ ଦ୍ୱାରା ତାଲିମ ପ୍ରାପ୍ତ ହୋଇ ଏଥିରେ ଯୋଗଦେଇଥିଲେ। ଶ୍ରୀ ଆଦାନୀ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ସମାନ ଭାବେ ସମ୍ମାନ ଜଣାଇ କାର୍ଯ୍ୟ ତୁଲାଉଥିବା ଦେଖିବାକୁ ମିଳିଥିଲା । ଶ୍ରଦ୍ଧା ଭାବ ପୂର୍ଣ୍ଣ ଏହା ଏକ ପ୍ରକୃତ ନେତୃତ୍ୱ ଥିଲା। ଏହି ସେବା କୌଣସି ଦାନ ନ ଥିଲା, ଏହା ଏକ ବୃହତ୍ତର ପରମ୍ପରାର ଅଂଶ ଥିଲା ।




ଏହା ପୂର୍ବରୁ ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଶ୍ରୀ ଆଦାନୀ ଏବଂ ତାଙ୍କ ସହକର୍ମୀମାନେ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପ୍ରସ୍ତୁତ କରିଥିଲେ । ପୁରୀରେ ଏହାର ସ୍ତର ଥିଲା ଭିନ୍ନ କିନ୍ତୁ ଉଦ୍ଦେଶ୍ୟ ଥିଲା ସମାନ । ମିଳିତ ପ୍ରୟାସ, ସାଂସ୍କୃତିକ ସମ୍ଭାବନା ଏବଂ ମର୍ଯ୍ୟାଦାର ସହ ଲୋକଙ୍କ ସେବା ଏହାର ମୁଖ୍ୟ ଉଦ୍ଦେଶ୍ୟ । ରଥଯାତ୍ରାର ବହୁ ପୂର୍ବରୁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ରୋଷଶାଳା ପାଇଁ ଆବଶ୍ୟକ ପରିମାଣର ଖାଦ୍ୟ, ପାଣି, ସ୍ୱଚ୍ଛତା, ସ୍ୱେଚ୍ଛାସେବୀଙ୍କ ସିଫ୍ଟ ଆଦିର ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ବୁଝାମଣା ସହିତ ଲଜିଷ୍ଟିକ୍ ଯୋଗାଣକୁ ସୁଲଭ କରାଯାଇଥିଲା ।

# ଭାରତ ଗୌରବ ଟ୍ରେନ ପଠାନକୋଟ କ୍ୟାଣ୍ଟରୁ ଦକ୍ଷିଣ ଭାରତକୁ ଯାତ୍ରା କରିବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଦକ୍ଷିଣ ଭାରତର ପ୍ରସିଦ୍ଧ ଧାର୍ମିକ ସ୍ଥଳଗୁଡ଼ିକୁ ଦର୍ଶନ କରିବାକୁ ଚାହୁଁଥିବା ଭକ୍ତମାନଙ୍କ ପାଇଁ ଭାରତ ଗୌରବ ଟ୍ରେନ ଚଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ ୨୮ ଜୁଲାଇରେ ଦକ୍ଷିଣ ଭାରତର ଦିବ୍ୟ ଯାତ୍ରାରେ ବାହାରୁଛି । ଏହି ୧୩ ଦିନିଆ ମହାନ ଯାତ୍ରା ପଠାନକୋଟ କ୍ୟାଣ୍ଟ ଷ୍ଟେସନରୁ ଆରମ୍ଭ ହେବ ଏବଂ ଯାତ୍ରୀମାନଙ୍କୁ ଦକ୍ଷିଣ ଭାରତର ପ୍ରମୁଖ ତୀର୍ଥସ୍ଥଳ ଯେପରିକି ତିରୁପତି, ରାମେଶ୍ୱରମ, ମଦୁରାଇ, କନ୍ୟାକୁମାରୀ ଏବଂ ମଲ୍ଲିକାର୍ଜୁନ ଭଳି ବିଭିନ୍ନ ତୀର୍ଥସ୍ଥାନ ଗୁଡିକୁ ପରିଭ୍ରମଣ କରାଇବ ଯାହା ଆଧ୍ୟାତ୍ମିକ ଅଭିଜ୍ଞତା, ସୁବିଧା ଏବଂ ସୁଲଭ ମୂଲ୍ୟର ଏକ ଅନନ୍ୟ ସଙ୍ଗମ ହେବ । ଏହି ଟ୍ରେନ ପଠାନକୋଟ କ୍ୟାଣ୍ଟ ଷ୍ଟେସନରୁ ଆରମ୍ଭ ହେବ । ଏହାର ପ୍ରମୁଖ ବୋର୍ଡିଂ ପଏଣ୍ଟଗୁଡ଼ିକ ମଧ୍ୟରେ ଜଳନ୍ଧର ସିଟି, ଲୁଧିଆନା, ଚଣ୍ଡିଗଡ଼, ଅମ୍ବାଲା କ୍ୟାଣ୍ଟ, କୁରୁକ୍ଷେତ୍ର, କର୍ଣ୍ଣାଲ, ପାନିପତ, ସୋନିପତ, ହଜରତ ନିଜାମୁଦ୍ଦିନ, ମଥୁରା, ଆଗ୍ରା କ୍ୟାଣ୍ଟ ଏବଂ ଗ୍ୱାଲିୟର ଅନ୍ତର୍ଭୁକ୍ତ । ମୋଟାମୋଟି ଭାବରେ, ଏହି ଯାତ୍ରା ୧୨ ରାତି ୧୩ ଦିନ ରହିବ ଯାହାର ଫେରିବା ପାଇଁ ୯ ଅଗଷ୍ଟରେ ସ୍ଥିର କରାଯାଇଛି । ଯାତ୍ରା ପାଇଁ ତିନୋଟି ବର୍ଗରେ ସିଟ୍ ଉପଲବ୍ଧ – ସ୍ଲିପର୍ କ୍ଲାସ୍ (୬୪୦ ସିଟ୍), ୩-ଏସି ୭୦ ସିଟ୍ ଏବଂ ୨-ଏସି ୫୦ ସିଟ୍। ଭଡ଼ା ମଧ ବହୁତ ସୁଲଭ ରଖାଯାଇଛି। ସ୍ଲିପର୍ କ୍ଲାସ୍ ୩୦,୧୩୫/- ହୋଇଥିବାବେଳେ ୩-ଏସି ୪୩,୩୭୦/- ଏବଂ ୨-ଏସି ୫୭,୪୭୦ ପ୍ରତି ବ୍ୟକ୍ତି (ସମସ୍ତ ଦର ଜିଏସ୍‌ଟି ସମେତ) ରଖାଯାଇଅଛି । ଏହି ପ୍ୟାକେଜରେ ଟ୍ରେନ ଟିକେଟ ସହିତ ଦୈନନ୍ଦିନ ଖାଦ୍ୟ, ଆରାମଦାୟକ ରହଣି, ଦର୍ଶନ ପାଇଁ ଏସି/ନନ୍-ଏସି ବସ୍, ଟୁର୍ ଏସ୍କର୍ଟ, ସୁରକ୍ଷା ଏବଂ ପ୍ରାଥମିକ ଚିକିତ୍ସା ସୁବିଧା ଇତ୍ୟାଦି ଅନ୍ତର୍ଭୁକ୍ତ । ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରୁଥିବା ଏହି ଯାତ୍ରାରେ ଅଂଶଗ୍ରହଣ କରି ଭକ୍ତମାନେ କେବଳ ଦକ୍ଷିଣ ଭାରତର ପ୍ରମୁଖ ମନ୍ଦିରଗୁଡ଼ିକୁ ପରିଦର୍ଶନ କରିପାରିବେ ନାହିଁ ବରଂ ଯାତ୍ରା ସମୟରେ ଭାରତୀୟ ରେଳବାଇ ଦ୍ୱାରା ନିଶ୍ଚିତ କରାଯାଇଥିବା ସୁବିଧା ଏବଂ ବ୍ୟବସ୍ଥା ସେମାନଙ୍କୁ ଏକ ଆରାମଦାୟକ ଏବଂ ଭାବପ୍ରବଣ ଅଭିଜ୍ଞତା ମଧ ପ୍ରଦାନ କରିବ । ଅଧିକ ସୂଚନା କିମ୍ବା ସଂରକ୍ଷଣ ପାଇଁ, www.irctctourism.com କିମ୍ବା ଆଇଆରସିଟିସି ଚଣ୍ଡିଗଡ଼ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରାଯାଇପାରିବ ।

# ବିଦ୍ୟୁତ ସ୍ପର୍ଶରେ ଯୁବକର ମୃତ୍ୟୁ


**ବରଗଡ, ନ୍ୟୁଜ ବ୍ୟୁରୋ**

ଗାଇସିଲେଟ ବ୍ଲକ ଚାଣ୍ଟିପାଲି ଗ୍ରାମ ପଞ୍ଚାୟତ ଜଡାଗଞ୍ଜା ଗାଁରେ ଏକ ବିସ୍ମୟକର ଅଭାବନୀୟ ଘଟଣା ଘଟିଯାଇଛି। ବିଲଉପରେ ଯାଇଥିବା ବିଦ୍ୟୁତ ତାର ତଳେ ପଡିଯାଇଥିବା ହେତୁ ଅନ୍ତର୍ଯ୍ୟାମୀ ସାହୁ ନାମକ ଜଣେ ଚାଷୀ ବିଲକୁ ଯାଇଥିବା ବେଳେ ଲାଇନ ତାର ତଳେ ପଡିଯାଇଥିବାରୁ ଜାଣି ନ ପାରି ଅନ୍ତର୍ଯ୍ୟାମୀ ବିପଦ ହାବୁଡ଼ରେ ପଡି ଜୀବନ ହରାଇଲେ। ତାଙ୍କର ବୟସ ମାତ୍ର ୪୫, ପାଞ୍ଚଟି ଝିଅ ଓ ମା' ବାପା ମିଶି ପରିବାର ନ ଜଣଙ୍କ ଭରଣ ପୋଷଣ ନିଜେ ଅନନ୍ତ ଥିଲେ ଏବଂ ପରିବାର ଉପରେ ଚିନ୍ତାର ଲହରୀ ଖେଳିଯାଉଛି । ଏହି ଗାଁ ଲୋକ ସହିତ ବିଦ୍ୟୁତ ବିଭାଗ ଓ ପୋଲିସ ଖବର ପାଇଁ ଯଥା ସ୍ଥାନରେ ପହଞ୍ଚି ପୋଲିସ ନିଜ ତଦନ୍ତ କରିବା ସହିତ ବିଦ୍ୟୁତ ବିଭାଗ ମୃତକ ପରିବାରକୁ କ୍ଷତିପୂରଣ ଓ ଉପଯୁକ୍ତ ଚାକିରି ଦେବାପାଇଁ ଅଧିକାରୀ ଲିଖିତ ପ୍ରତିଶୃତି ଦେଇଛନ୍ତି ।

# ନଦୀବନ୍ଧ ମରାମତି କାର୍ଯ୍ୟ ଅନୁଧ୍ୟାନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଧାମନଗର, ନ୍ୟୁଜ ବ୍ୟୁରୋ**

ବୈତରଣୀର ଶାଖା କୋଚିଳାର ଦକ୍ଷିଣ ପାର୍ଶ୍ୱ ନଦୀବନ୍ଧ ଧସିଥିବା ସ୍ଥାନ ପଧାନି ପଞ୍ଚାୟତ ସଇଲୋରେ ପହଞ୍ଚି ମରାମତି କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଖବର ପାଇ ବୁଧବାର ରାତି ୧୦ଟା ବେଳେ ମନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାସହ ଜଳ ସଂପଦ ବିଭାଗର ଅଧିକାରୀଙ୍କୁ ଡାକି ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ସମୟ ହୋଇଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ମରାମତି କରିବାକୁ କହିଥିଲେ। ତା ସହ ବନ୍ୟା ପରେ ଏ ସ୍ଥାନର ସ୍ଥାୟୀ ସମାଧାନ କିପରି କରାଯାଇ ପାରିବ, ତାହାର ବିସ୍ତୃତ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରି ଦେବାକୁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରାଶାସନିକ ଅନୁମୋଦନ କରାଇ ସ୍ଥାୟୀ ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଧାମନଗରବାସୀ ଆଗକୁ ଯେପରି ବନ୍ୟା ଯନ୍ତ୍ରଣା ନ ଭୋଗିବେ, ସେଥିଲାଗି ସମସ୍ତ ପଦକ୍ଷେପ ନିଆଯିବ ବୋଲି ସେ ଜୋର୍ ଦେଇଛନ୍ତି। ମନ୍ତ୍ରୀଙ୍କ ଗସ୍ତ ପରେ ପରେ ଗୁରୁବାର ସକାଳୁ ବିଜେଡିର ଏକ ପ୍ରତିନିଧି ଦଳ ମଧ ସଇଲୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସ, ଧାମନଗର ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଶାରଦା ପ୍ରସନ୍ନ ସାହୁ, ଧାମନଗର ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ ଆଜି ଘଟଣାସ୍ଥଳରେ ପହଞ୍ଚି ବନ୍ଧ ଧସିଥିବା ସ୍ଥାନ ବୁଲି ଦେଖିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ମଧ କରିଛନ୍ତି। ବିଜେଡି ପ୍ରତିନିଧି ଦଳର ଅଭିଯୋଗ ଯେ, କିଛି ମାସ ପୂର୍ବରୁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବନ୍ଧ ମରାମତି ହୋଇଥିଲା। ନିମ୍ନମାନର କାମ ଓ ଅଫିସରଙ୍କ ଆତ୍ମସାତ ମନୋବୃତ୍ତି ଯୋଗୁଁ ବନ୍ଧ ଧସିଲା ବୋଲି ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ କହିଛନ୍ତି। ଏହାସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ମଧ ସେ ଦାବି କରିଛନ୍ତି। ସେପଟେ ସ୍ଥାନୀୟ ଲୋକ ମଧ ବନ୍ଧ ଧସିବାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ନଦୀର ଭୌଗଳିକ ସ୍ଥିତି ଯୋଗୁଁ ପ୍ରତିବର୍ଷ ଏଠାରେ ଅତଡ଼ା ଖସୁଛି। ବନ୍ଧ ଓ ଜନବସତି ବହୁ ଉପରେ ଥିବାବେଳେ ନଦୀର ଗଭୀରତା ଏଠାରେ ଖୁବ୍ ଅଧିକ। ବୈତରଣୀରୁ ଯେଉଁ ବନ୍ୟା ଜଳ କୋଚିଳା ମୁହଁରେ ପ୍ରବେଶ କରୁଛି, ତାହା କୋଚିଳାକୁ ଗଭୀର କରି କରି ଆସୁଛି। ତା ସହିତ ସଇଲୋଠାରେ ନଦୀ ଗାଁ ଆଡ଼କୁ ମୋଡ଼ି ହୋଇ ଆସିଛି। ଯୋହା ଫଳରେ ବନ୍ଧ ପାଖରେ ଆଉ ପଠା ନାହିଁ।



# ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜୟଦେବ ବିହାର ବିକାଶ ପରିଷଦ ପକ୍ଷରୁ ସ୍ଥାନୀୟ ଜୟଦେବ ବିହାର ଲେନ୍-ନଂ-୫ ଠାରେ ପଞ୍ଚମୁଖୀ ହନୁମାନ ମନ୍ଦିରର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଅଖଣ୍ଡ ଦୀପ ସ୍ଥାପନ, ଘଣ୍ଟ ସ୍ଥାପନ, ଗୁରୁପୂଜା, ସୂର୍ଯ୍ୟପୂଜା, ବିଗ୍ରହସ୍ନାନ, ଷୋଡ଼ଶ ଉପଚାର ପୂଜା, ଅଗ୍ନିସ୍ଥାପନ, ମଣ୍ଡଳପୂଜା, ହୋମ, ହନୁମାନ ଚାଳିଶା ପଠନ, ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜୟଦେବ ବିହାର ବିକାଶ ପରିଷଦର ସଭାପତି ମିହିର ରଞ୍ଜନ ରଥ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପଲେଇଙ୍କ ଆବାହକତ୍ୱରେ ଆୟୋଜିତ ଏହି ମନୋଜ୍ଞ ଉତ୍ସବରେ ବୃନ୍ଦାବନରୁ ଆସିଥିବା ଆଜନ୍ମ ବ୍ରହ୍ମଚାରୀ ବାବା ବନମାଳି ଦାସ ଓ ମୁଖ୍ୟ ପୂଜକ ଧୀରେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ପୂଜକ ବିଜୟ ଦାଶ ପୂଜାର୍ଚ୍ଚନା କରିଥିଲେ। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିକାଶ ପରିଷଦର ବରିଷ୍ଠ ଉପଦେଷ୍ଟା ତଥା ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଡଃ ଶକ୍ତିରାଜ ଜାମଲା, ସମାଜସେବୀ ଯୁଧିଷ୍ଠିର ସାହୁ ଓ ମନୋଜ ରଥ, ବିଭୂଦତ୍ତ ରାଉତ, ଯୁଗ୍ମ ସମ୍ପାଦକ ସ୍ମୃତିରଞ୍ଜନ ଦାସ, କୋଷାଧ୍ୟକ୍ଷ ଲୋପାମୁଦ୍ରା ମହାପାତ୍ର ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତୁଳସୀ ଭଜନ ସନ୍ଧ୍ୟା ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଆଶ ମୁକୁଳ ବାରିକଙ୍କ ନେତୃତ୍ୱରେ କଣ୍ଠଶିଳ୍ପୀ ଗୋପାଳକୃଷ୍ଣ, ଇତିଶ୍ରୀ, ସୁଜାତା ଓ ସ୍ନେହାଶ୍ରୀ ପ୍ରମୁଖ ଭଜନ ପରିବେଷଣ କରିଥିଲେ।



# ଆଇଏଏସ ବିଷ୍ଣୁପଦ ସେଠୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

## ଆସନ୍ତା ୮ରେ ପରବର୍ତ୍ତୀ ଶୁଣାଣି



**କଟକ, ନ୍ୟୁଜ ବ୍ୟୁରୋ**

ଆଇଏଏସ ବିଷ୍ଣୁପଦ ସେଠୀଙ୍କୁ ମିଳିଲା ସାମୟିକ ଆଶ୍ୱସ୍ତି । ଆସନ୍ତା ୮ ତାରିଖ ଯାଏଁ ତାଙ୍କ ବିରୁଦ୍ଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେଯାଏଁ ବିଷ୍ଣୁ ପଦଙ୍କୁ ମିଳିଛି ଅନ୍ତରୀଣ ସୁରକ୍ଷା। ସିବିଆଇ ଚଢ଼ାଉ ମାମଲାରେ ଆଗୁଆ ଜାମିନ ଆବେଦନ କରି ବିଷ୍ଣୁପଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆସନ୍ତା ୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେଯାଏଁ ବିଷ୍ଣୁପଦଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଛି । ଓଡିଶା ବ୍ରିଜ ଏଣ୍ଡ ରୁଫ କର୍ପୋରେସନ ଲାଞ୍ଚ ମାମଲାରେ ଛନ୍ଦି ହୋଇପଡିଛନ୍ତି ଆଇଏଏସ ବିଷ୍ଣୁପଦ ସେଠୀ । ସୂଚନା ଥାଉକି, ୧୦ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗରେ ବିଷ୍ଣୁପଦଙ୍କ ଘରେ ଚଢ଼ାଉ କରିଥିଲା ସିବିଆଇ । ଯାହାକୁ ବିରୋଧ କରି ପ୍ରଥମେ ହାଇକୋର୍ଟ ଆସିଥିଲେ ବିଷ୍ଣୁପଦ । କିନ୍ତୁ ଗତ ମାସ ୨୦ ତାରିଖରେ ବିଷ୍ଣୁପଦଙ୍କ ଆବେଦନକୁ ହାଇକୋର୍ଟ ଖାରଜ କରିଥିଲେ । ଯଦ୍ୱାରା ଗିରଫଦାରୀର ସମ୍ଭାବନା ବଢିଥିଲା । ତେବେ ସମ୍ଭାବ୍ୟ ଗିରଫଦାରୀ ଏଡାଇବା ଲାଗି ଆଇଏଏସ ବିଷ୍ଣୁପଦ ସେଠୀ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି।

ଭୁବନେଶ୍ୱର
୦୪ ଜୁଲାଇ,
ଶୁକ୍ରବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଆଡ଼ପ ମଣ୍ଡପରେ ପୁଲିସ କର୍ମଚାରୀଙ୍କ ଗୁଣ୍ଡାଗିରି

**ପୁରୀ, ୦୩/୦୭**
**ନ୍ୟୁଜ ବ୍ୟୁରୋ**



ଶ୍ରୀଗୁଣ୍ଡିଚା ମନ୍ଦିରରେ କିଛି ପୁଲିସ କର୍ମଚାରୀ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବାର ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ଦର୍ଶାଯାଇଛି ଯେ, ପୋଲିସ ସାଧାରଣ ଶ୍ରଦ୍ଧାଳୁଙ୍କୁ ସମ୍ମାନହାନୀ ହେବା ଭଳି ବ୍ୟବହାର କରୁଛନ୍ତି। ସାଧାରଣ ଶ୍ରଦ୍ଧାଳୁଙ୍କୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଥିବା ଦର୍ଶନ ସୁବିଧା ଠେଲାପେଲା ଭିତରେ ହେଉଛି। ହେଲେ ପୁଲିସ କର୍ମଚାରୀମାନେ ସେମାନଙ୍କ ଚିହ୍ନାଜଣା ଲୋକଙ୍କୁ ଘଳିଆ ବାଟରେ ଠାକୁରଙ୍କ ରତ୍ନବେଦୀ ନିକଟକୁ ନେଇ ଦର୍ଶନ ସୁବିଧା ଦେଉଛନ୍ତି । ଏହାକୁ ସାଧାରଣ ଭକ୍ତ ବିରୋଧ କଲେ ବାଡ଼ ଜଗୁଥିବା ପୁଲିସ କର୍ମଚାରୀମାନେ ଗୁଣ୍ଡାଙ୍କ ଭଳି ଅଚରଣ ଦେଖାଉଛନ୍ତି । ଅସମ୍ମାନ ପ୍ରଦର୍ଶନ କରୁଥିବା କର୍ମଚାରୀମାନେ ସେମାନଙ୍କ ଛାତିରେ ଥିବା ନେମ୍‌ପ୍ଲେଟ୍ କାଢ଼ି ଡ୍ୟୁଟି କରୁଛନ୍ତି। ଯିଏ ପିନ୍ଧିଛି ତାଙ୍କ ନାମ ପଢ଼ିଲେ ସେମାନେ ମଧ୍ୟ କାଢ଼ି ପକେଟରେ ପୂରାଇ ଦେଉଛନ୍ତି। ପାରମାଣିକ ଦର୍ଶନ ଟିକଟ କାଉଣ୍ଟର ପାଖରେ ଏହି ଘଳିଆ ବାଟ କରାଯାଇଛି। ସେବାୟତ ଓ ତାଙ୍କ ପରିବାରଙ୍କ ନିମନ୍ତେ ରହିଥିବା ଦର୍ଶନ ସୁବିଧା ବାଟରେ ପୁଲିସ ପ୍ରଶାସନିକ ଅଧିକାରୀମାନେ ଏହି ଘଳିଆ ବାଟର ସୁବିଧା କରୁଛନ୍ତି। ଯାହାକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅନେକ ଭକ୍ତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀଗୁଣ୍ଡିଚା ମଣ୍ଡପ ସିଂହଦ୍ୱାର ଆଗରେ ହୋଇଥିବା ପୁଲିସ କଣ୍ଟ୍ରୋଲ ରୁମ୍‌ରେ ବସିଥିବା ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଏନେଇ ଅଭିଯୋଗ ହୋଇଛି । ଉକ୍ତ ଘଳିଆ ସ୍ଥାନରେ କୌଣସି ମାଜିଷ୍ଟ୍ରେଟ କିମ୍ବା ବଡ଼ ପଦାଧିକାରୀ ରହୁନାହାନ୍ତି । ଘଳିଆ ବାଟରେ ବାହାର ପୁଲିସ ମୁତୟନ ହୋଇଛନ୍ତି । ସେମାନେ ଗୁଣ୍ଡାଙ୍କ ଭଳି ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

# ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଘାନାର ସର୍ବୋଚ୍ଚ ସମ୍ମାନ

**ନୂଆଦିଲ୍ଲୀ,୦୩/୦୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୮ ଦିନିଆ ବିଦେଶ ଗସ୍ତରେ ଅଛନ୍ତି। ସେ ମୋଟ ୫ଟି ଦେଶ ଯାତ୍ରା କରିବେ। ଆଫ୍ରିକୀୟ ଦେଶ ଘାନାରୁ ଗସ୍ତ ଆରମ୍ଭ କରିଛନ୍ତି । ଶ୍ରୀ ମୋଦୀ ଘାନାରେ ପହଞ୍ଚିବା ପରେ ତାଙ୍କୁ ସେଠାକାର ରାଷ୍ଟ୍ରପତି ଜନ୍ ମହାମା ରାଜଧାନୀ ଆକ୍ରାସ୍ଥିତ ବିମାନବନ୍ଦରରେ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କୁ ସେଠାରେ ୨୧ ତୋପ ସଲାମୀ ସହ ଗାର୍ଡ ଅଫ ଅନର ଦିଆଯାଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀଙ୍କୁ ଘାନାର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ଏହାଛଡା ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୪ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। 'ଦ ଅଫିସର ଅଫ୍ ଦ ଅର୍ଡର ଅଫ୍ ଦ ଷ୍ଟାର ଅଫ୍ ଘାନା' ସମ୍ମାନରେ ଶ୍ରୀ ମୋଦୀଙ୍କୁ ସମ୍ମାନିତ କରାଯାଇଛି । ଶ୍ରୀ ମୋଦୀଙ୍କୁ ଘାନା ରାଷ୍ଟ୍ରପତି ଜନ୍ ଡ୍ରାମାନି ମହାମା ସମ୍ମାନିତ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଯେ, ମୋତେ ଏହି ସମ୍ମାନ ପ୍ରଦାନ କରିଥିବାରୁ ଘାନାର ଜନତା ଏବଂ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ଏହି ସମ୍ମାନ ଆମର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ, ସେମାନଙ୍କ ଆକାଂକ୍ଷା, ଆମର ସମୃଦ୍ଧ ସାଂସ୍କୃତିକ ବିବିଧତା ଏବଂ ଭାରତ ଓ ଘାନା ମଧ୍ୟରେ ଐତିହାସିକ ସମ୍ପର୍କ ପାଇଁ ଉତ୍ସର୍ଗୀକୃତ। ଏହି ସମ୍ମାନ ଏକ ଦାୟିତ୍ୱ। ଭାରତ-ଘାନା ବନ୍ଧୁତାକୁ ଆହୁରି ମଜବୁତ କରିବ । ଏହା ମୋ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି ସମ୍ମାନ ପରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଘାନା ନେଇ ଆଇଟିଇସି ଓ ଆଇସିସିଆର ସ୍କଲାରସିପ୍‌କୁ ଦୁଇଗୁଣା ବଢାଇବାକୁ ନିର୍ଣ୍ଣୟ ହୋଇଛି। ଧନ୍ଦାମୂଳକ ଶିକ୍ଷା ନେଇ ଏକ ଦକ୍ଷତା ବିକାଶ ସେଣ୍ଟର ସ୍ଥାପନା ନେଇ କାମ ହେବ। କୃଷି କ୍ଷେତ୍ରରେ ରାଷ୍ଟ୍ରପତି ମହାମା ଜୀଙ୍କ 'ଫିଡ୍ ଘାନା' ପ୍ରୋଗ୍ରାମରେ ସହଯୋଗ କରିବା ନେଇ ଖୁସି ବ୍ୟକ୍ତ କରୁଛି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଘାନାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଆକ୍ରାରେ ଏକ ହୋଟେଲ ବାହାରେ ପିଲାମାନେ ଭାରତୀୟ ବେଶଭୂଷାରେ ପହଞ୍ଚିଥିଲେ । ସେମାନେ ଶ୍ରୀ ମୋଦୀଙ୍କ ଲାଗି ସଂସ୍କୃତରେ ଶ୍ଳୋକ ପଢ଼ିଥିଲେ। ୩୦ ବର୍ଷ ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଘାନା ଗସ୍ତ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଜୁଲାଇ ୨ରୁ ୮ ଦିନ ପାଇଁ ୫ ଦେଶକୁ ଯାତ୍ରାରେ ଅଛନ୍ତି । ଏହା ପୂର୍ବରୁ ୧୯୫୭ରେ ଜବାହରଲାଲ ନେହରୁ ଏବଂ ୧୯୯୫ରେ ନରସିଂହ ରାଓ ପ୍ରଧାନମନ୍ତ୍ରୀ ଭାବେ ଘାନା ଗସ୍ତ କରିଥିଲେ। ଘାନା ଗସ୍ତ ଶେଷ କରିବା ପରେ ତ୍ରିନିଦାଦ ଓ ଟବାଗୋ ସମେତ ଆର୍ଜେଣ୍ଟିନା, ବ୍ରାଜିଲ ଓ ନାମିବ୍ୟା ଯିବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ। ବ୍ରାଜିଲରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀରେ ସାମିଲ ହେବେ ପ୍ରଧାନମନ୍ତ୍ରୀ।




**ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ ଆୟୋଜିତ ବ୍ରଜକିଶୋର ନାୟକଙ୍କ "ଅକବି'ର କବିତା" ପୁସ୍ତକକୁ ଉନ୍ମୋଚନ କରୁଛନ୍ତି ପ୍ରାକ୍ତନ ପ୍ରଶାସକ ଡ. ରବିନାରାୟଣ ସେନାପତି, ସୁସାହିତ୍ୟିକ ଦାଶ ବେନହୁର, ଦେବପ୍ରସାଦ ଦାସ, ଡଃ ଦେବାଶିଷ ମହାପାତ୍ର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)**

# ଲଗାଣ ବର୍ଷାରେ ବଢ଼ିଲା ଜଳସ୍ତର : ଖୋଲିଲା ମାଛକୁଣ୍ଡ ଡ୍ୟାମ୍‌ର ୨ଟି ଗେଟ୍

**ନନ୍ଦପୁର, ୩/୭ ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକରେ ଲଗାଣ ୬ ଦିନ ବର୍ଷାରେ ମାଛକୁଣ୍ଡ ପ୍ରକଳ୍ପ ଡି. ଡ୍ୟାମ ବିପଦ ସଂକେତକୁ ଛୁଇଁବା ପରେ ୬ଓ ୭ ନମ୍ବର ଗେଟ୍ ଦେଇ ପ୍ରଥମ ବନ୍ୟା ଜଳ ନିଷ୍କାସନ ଆରମ୍ଭ ହୋଇଛି । ଡ୍ୟାମ କ୍ଷମତା ୨୫୯୦ ଫୁଟ୍ ରହିଥିବା ବେଳେ ଜଳସ୍ତରବଢ଼ି ୨୫୮୮ ଫୁଟକୁ ଛୁଇଁଛି। ବର୍ତ୍ତମାନ ୬ ଓ ୭ନମ୍ବର ଗେଟ୍ ମାଧ୍ୟମରେ ୧୨ ସହ କ୍ୟୁସେକ ପାଣି ଉଭୟ ଗେଟ୍ ଦେଇ ନିଷ୍କାସନ କରାଯାଇ ଚିତ୍ରକୋଣ୍ଡା ଜଳ ଭଣ୍ଡାରକୁ ଛଡାଯାଇଛି। ସୂଚନାରୁ ପ୍ରକାଶ ଯେ, ଏହି ଭଳି ଯଦି ଲଗାଣ ବର୍ଷା ଲାଗି ରହିଲେ ଅନ୍ୟ ଗେଟ୍ ଗୁଡିକ ଖୋଲିପାରେ ବୋଲି ପ୍ରକଳ୍ପ ଅଧିକାରୀ ସୂଚନା ଦେଇଛନ୍ତି ।

# ଏଣିକି ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ମିଳିବ ପ୍ରସୂତିକାଳୀନ ଛୁଟି: ହାଇକୋର୍ଟ

**କଟକ, ୦୩/୦୭**
**ନ୍ୟୁଜ ବ୍ୟୁରୋ**




ଏଣିକି ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କୁ ମିଳିବ ପ୍ରସୂତିକାଳୀନ ଛୁଟି । ଏ ନେଇ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। 'ସବୁ ମହିଳା ସମାନ । ସବୁ ମହିଳାଙ୍କର ଦାୟିତ୍ୱ ସମାନ । ସନ୍ତାନ ପାଇଁ ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନଙ୍କର ମଧ୍ୟ ସମାନ ପ୍ରକାର ଦାୟିତ୍ୱ ଥାଏ। ତେଣୁ ସେମାନଙ୍କୁ ମଧ୍ୟ ପ୍ରସୂତିକାଳୀନ ଛୁଟି ପ୍ରଦାନ କରାଯିବ' ବୋଲି କହିଛନ୍ତି ହାଇକୋର୍ଟ। ପୂର୍ବରୁ ହାଇକୋର୍ଟଙ୍କ ଜଣିକିଆ ଖଣ୍ଡପୀଠ ଏହି ସମ୍ପର୍କିତ ମାମଲାର ଶୁଣାଣି କରି ମହିଳା କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ପ୍ରଦାନ ପାଇଁ ଗତ ୨୦୨୨ ଅଗଷ୍ଟ ୩୦ରେ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ଏକ ରିଟ୍ ଅପିଲ କରିଥିଲେ । ଏହାର ଶୁଣାଣି କରି ଜଣିକିଆ ଖଣ୍ଡପୀଠଙ୍କ ରାୟକୁ କାଏମ ରଖିଛନ୍ତି ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ । ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣ ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଏଣିକି ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନେ ପ୍ରସୂତିକାଳୀନ ଛୁଟି ନେଇ ପାରିବେ । ଗର୍ଭଧାରଣ ସମୟରୁ ପିଲା ଜନ୍ମ ହେବା ପର୍ଯ୍ୟନ୍ତ ସବୁ ଦିଗରେ ଜଣେ ମହିଳା ସଜାଗ ଓ ଯତ୍ନବାନ ରହିବା ଆବଶ୍ୟକ ବୋଲି କୋର୍ଟ କହିଛନ୍ତି । ହେଲେ ଗର୍ଭଧାରଣ ସମୟରେ ଚାକିରୀ କରିଥିବା ଚୁକ୍ତିଭିତ୍ତିକ କର୍ମଜୀବୀ ମହିଳାମାନେ ଚିନ୍ତାରେ ଥାଆନ୍ତି ଯେ ତାଙ୍କୁ ପ୍ରସୂତାକଳୀନ ଛୁଟି ମିଳିବ କି ନାହିଁ । ଏହି ରାୟ ଆସିବା ପରେ ଚୁକ୍ତି ଭିତ୍ତିକ କର୍ମଜୀବୀ ମହିଳାମାନେ ଏକପ୍ରକାର ଆଶ୍ୱସ୍ତି ପାଇଛନ୍ତି । ହାଇକୋର୍ଟ ଦେଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଏକ ଯୁଗାନ୍ତକାରୀ ରାୟ ବୋଲି ଆଇନଜୀବୀ ଆଲୋକ ମହାପାତ୍ର କହିଛନ୍ତି । ମାମଲାରୁ ଜଣାପଡ଼ିଛି ଯେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀ ଅଗଷ୍ଟ ୨୦୧୬ରୁ ୨୦୧୭ ଫେବୃୟାରୀ ପର୍ଯ୍ୟନ୍ତ ପ୍ରସବକାଳୀନ ଛୁଟି ନେବା ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଦରଖାସ୍ତ କରିଥିଲେ। କିନ୍ତୁ ନିଯୁକ୍ତି ଆଧାରରେ ମହିଳା ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ତାଙ୍କୁ ଏହି ଛୁଟି ମିଳିନଥିଲା ଓ ତାଙ୍କ ଆବଦେନକୁ ଅଗ୍ରାହ୍ୟ କରାଯାଇଥିଲା । ଏହି ଘଟଣାକୁ ନେଇ ମହିଳା ଜଣଙ୍କ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ମାମଲାର ଶୁଣାଣି କରି ୨୦୨୨ ଅଗଷ୍ଟ ୩୦ ତାରିଖରେ ଉକ୍ତ ମହିଳା ପ୍ରସୂତିକାଳୀନ ଛୁଟି ପାଇବା ପାଇଁ ଯୋଗ୍ୟ ବୋଲି ନିର୍ଦ୍ଦେଶ ଦେଇଥିଲେ ଜଣିକିଆ ଖଣ୍ଡପୀଠ। ଅନ୍ୟପଟେ ଏହି ରାୟକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାର ଦୁଇ ଜଣିଆ ଖଣ୍ଡପୀଠରେ ରିଟ ଅପିଲ କରିଥିଲେ । ତେବେ କୋର୍ଟ ଏହି ଆବଦେନକୁ ଖାରଜ କରିବା ସହ ସ୍ପଷ୍ଟ କହିଛନ୍ତି ଯେ, ନାରୀଙ୍କୁ ସମ୍ମାନ ଦେଲେ ଈଶ୍ୱର ଖୁସି ହୁଅନ୍ତି । ଏହାଛଡା ଜଣେ ଶିଶୁକୁ ମାଆ କ୍ଷୀର ଖାଇବାରୁ ବଞ୍ଚିତ କରିବା କେବେ ବି ନ୍ୟାୟ ସଙ୍ଗତ ନୁହେଁ। ଏହା ଶିଶୁର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ଜଣିକିଆ ଖଣ୍ଡପୀଠ ଦେଇଥିବା ରାୟକୁ ୮ ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରି ଏକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ହାଇକୋର୍ଟ। ହାଇକୋର୍ଟ ଆଇନଜୀବୀ ଆଲୋକ ମହାପାତ୍ର କହିଛନ୍ତି, ଚୁକ୍ତିଭିତ୍ତିକ କର୍ମଚାରୀଭାବେ କାମ କରୁଥିବା ସମସ୍ତ ମହିଳା ଧାରା ୧୪ ଅନୁସାରେ ପ୍ରସୂତୀକାଳୀନ ଛୁଟି ପାଇବାକୁ ଯୋଗ୍ୟ ବୋଲି ହାଇକୋର୍ଟ ରାୟ ଶୁଣାଇଛନ୍ତି। ଏହି ମାମଲାରେ ଖଣ୍ଡପୀଠ ୨୦୨୩ର ସୁପ୍ରୀମକୋର୍ଟଙ୍କ ଏକ ରାୟ (ଡ. କବିତା ଗୁରୁ ଭର୍ସେସ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଚିବ), କେଶବାନନ୍ଦ ଭାରତୀ କେସକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି ।

# ବାହୁଡା ଓ ସୁନାବେଶ ପାଇଁ ରେଳ ଷ୍ଟେସନରେ ଭିଡ଼ ନିୟନ୍ତ୍ରଣ ଏବଂ ଯାତ୍ରୀ ସୁରକ୍ଷାକୁ ଗୁରୁତ୍ୱ

**ଭୁବନେଶ୍ୱର, ୩/୭**
**ନ୍ୟୁଜ ବ୍ୟୁରୋ**



ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଏବଂ ସୁନାବେଶରେ ବିପୁଳ ଭକ୍ତ ସମାବେଶ ହେବେ। ଏହାକୁ ଦୃଷ୍ଟିରେ ରଖି ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବତଟ ରେଳପଥର ଭୁବନେଶ୍ୱରର ମହାପ୍ରବନ୍ଧକଙ୍କ ସହିତ ଆଲୋଚନା କରିଛନ୍ତି। ପୁରୀ ରେଳ ଷ୍ଟେସନରେ ଭିଡ଼ ପରିଚାଳନା ଏବଂ ଯାତ୍ରୀ ସୁରକ୍ଷା ପ୍ରୋଟୋକଲର ସେ ସମୀକ୍ଷା କରିଛନ୍ତି । ପୁରୀକୁ ଆସିବାକୁ ଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଏବଂ ସୁଗମ ଅନୁଭୂତି ପାଇଁ ରାଜ୍ୟ ସରକାରଙ୍କ ସର୍ବୋଚ୍ଚ ଚିନ୍ତା ଉପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଜୁଲାଇ ୫ ତାରିଖରେ ପବିତ୍ର ବାହୁଡା ଯାତ୍ରା ଓ ଜୁଲାଇ ୬ ତାରିଖରେ ଶ୍ରୀଜୀଉମାନଙ୍କ ପବିତ୍ର ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ ପୁରୀରେ ଅଭୂତପୂର୍ବ ଭକ୍ତ ସମାବେଶ ହେବ । ଶ୍ରଦ୍ଧାଳୁ ଭକ୍ତମାନଙ୍କ ଭିଡ ନିୟନ୍ତ୍ରଣ ଏକ ବିଶାଳ ଓ ମହାନ ଦାୟିତ୍ୱ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଲକ୍ଷ ଲକ୍ଷ ଭକ୍ତଙ୍କ ମଙ୍ଗଳକୁ ସୁନିଶ୍ଚିତ କରିବା ଓ ମହାନ ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇବା ଉପରେ ସେ ଅଗ୍ରାଧିକାର ଦେଇଛନ୍ତି। ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଗତିବିଧି ଏବଂ ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ସହାୟତା ପାଇଁ ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ ଏବଂ ରାଜ୍ୟ ପୋଲିସ ମଧ୍ୟରେ ସୁଗମ ସମନ୍ୱୟର ଆବଶ୍ୟକତା ଉପରେ ସେ ଆଲୋକପାତ କରିଛନ୍ତି । ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ଦକ୍ଷ ନିୟୋଜନ ଏବଂ ପ୍ରଭାବଶାଳୀ ଯୋଗାଯୋଗ ଚ୍ୟାନେଲ ସମେତ ଏକ ବ୍ୟାପକ ରଣନୀତି ଉପରେ ଆଲୋଚନା ହୋଇଛି । ତୀର୍ଥଯାତ୍ରୀଙ୍କ ପ୍ରତୀକ୍ଷାସ୍ଥଳୀ, ବର୍ଦ୍ଧିତ ଚିକିତ୍ସା ସୁବିଧା, ସ୍ପଷ୍ଟ ସାଇନେଜ ଏବଂ ସୁଦୃଢ଼ ସାର୍ବଜନୀନ ସମ୍ବୋଧନ ବ୍ୟବସ୍ଥା ଭଳି ପଦକ୍ଷେପଗୁଡ଼ିକୁ ପ୍ରାଥମିକତା ଦିଆଯାଉଛି। ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବାସ୍ତବ-ସମୟ ଭିଡ଼ ଆକଳନର ଗୁରୁତ୍ୱ ଉପରେ ଅତିରିକ୍ତ ମୁଖ୍ୟ ସଚିବ ଗୁରୁତ୍ୱାରୋପ କରିଛନ୍ତି । ଏହା ପ୍ରଭାବଶାଳୀ ଭାବରେ ସର୍ବାଧିକ ଭିଡ ସମୟର ପୂର୍ବାନୁମାନ ଏବଂ ପରିଚାଳନା କରିଥାଏ । ଚଳିତ ରଥଯାତ୍ରା ଉତ୍ସବ ସମୟରେ ଭିଡ଼ ପରିଚାଳନା ସମ୍ପର୍କରେ ସାମ୍ପ୍ରତିକ ଚିନ୍ତାଧାରା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ଯାହା ବାହୁଡା ଯାତ୍ରା ଏବଂ ସୁନାବେଶ ପାଇଁ ସମୀକ୍ଷାକୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ କରିଛି । ଅତିରିକ୍ତ ମୁଖ୍ୟ ସଚିବ ସମସ୍ତ ଭକ୍ତଙ୍କ ପାଇଁ ଏକ ନିରାପଦ ଏବଂ ଆଧାତ୍ମିକ ଭାବରେ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ସମସ୍ତ ଅଂଶୀଦାରଙ୍କୁ 'ଭକ୍ତ-କୈନ୍ଦ୍ରିକ' ଆଭିମୁଖ୍ୟ ସହିତ ସମ୍ପୂର୍ଣ୍ଣ ସମନ୍ୱୟରେ କାମ କରିବାକୁ ସେ ଅନୁରୋଧ କରିଛନ୍ତି । ଶ୍ରୀଜଗନ୍ନାଥଙ୍କ ବାହୁଡା ଯାତ୍ରା ଏବଂ ସୁନାବେଶ ଭଳି ଗୁରୁତ୍ୱପୂର୍ଣ୍ଣ ଉତ୍ସବ ଓ ବିପୁଳ ଭକ୍ତ ସମାବେଶ ଅବସରରେ ଭିଡର ସଫଳ ଏବଂ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ରେଳବାଇର ବିଦ୍ୟମାନ ବ୍ୟବସ୍ଥା ଉପରେ ଆବଶ୍ୟକୀୟ ଉନ୍ନତିକୁ କାର୍ଯ୍ୟକାରୀ କରିବା ଗୃହ ବିଭାଗ ଏବଂ ପୂର୍ବତଟ ରେଳପଥ ମଧ୍ୟରେ ସହଯୋଗ ଓ ସମନ୍ୱୟର ଲକ୍ଷ୍ୟ। ଏହି ବୈଠକରେ ପୋଲିସ ଡିଜି, ଅତିରିକ୍ତ ପୋଲିସ ଡିଜି ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତି ଥିଲେ ।

# ଭିଜିଲାନ୍ସ ଜାଲରେ ସହକାରୀ ନିର୍ବାହୀ ଯନ୍ତ୍ରୀ : ଆୟଠୁ ଅଧିକ ସମ୍ପତ୍ତି ଠୁଳ ଅଭିଯୋଗ

**ଭୁବନେଶ୍ୱର, ୦୩/୦୭ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ଟିଟିଲାଗଡ଼ ଆର ଆଣ୍ଡ ବି ସବ-ଡିଭିଜନ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ଦିଲେଶ୍ୱର ମାଝୀ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗୁରୁବାର ଦିଲେଶ୍ୱର ମାଝୀଙ୍କ ଘରେ ଚଢଉ କରିଛି ଭିଜିଲାନ୍ସ ଟିମ୍ । ଏହି ରେଡ୍‌ରେ ୫ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୨ ଜଣ ଏଏସଆଇ ଏବଂ ଅନ୍ୟ ସହାୟକ କର୍ମଚାରୀ ସାମିଲ ହୋଇଛନ୍ତି। ସମ୍ବଲପୁର, ଝାରସୁଗୁଡ଼ା ଏବଂ ବଲାଙ୍ଗୀର ଜିଲ୍ଲାର ମୋଟ ୬ଟି ସ୍ଥାନରେ ଏକକାଳୀନ ଚଢଉ ହେଉଛି। ସମ୍ବଲପୁର ଟାଉନ ସ୍ଥିତ ଏକ ଦ୍ୱିମହଲା ଘର, ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ୟୁନିଟ୍-୨ରେ ଥିବା ଆଉ ଏକ ଦ୍ୱିମହଲା ଘର, ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରର ସ୍ଥିତ ଏକ ମାର୍କେଟ୍ କମ୍ପ୍ଲେକ୍ସ, ଝାରସୁଗୁଡ଼ାରେ ଥିବା ଦୁଇଟି ହାଉସିଂ ବୋର୍ଡ ଘର, ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିର ଆର ଆଣ୍ଡ ବି ସବ-ଡିଭିଜନ କାର୍ଯ୍ୟାଳୟରେ ଥିବା ଅଫିସ ଚାମ୍ବର, ବଲାଙ୍ଗୀର ଟିଟିଲାଗଡ଼ରେ ଥିବା ସରକାରୀ କ୍ୱାର୍ଟର ଘରେ ଏକକାଳୀନ ଚଢଉ କରିଛି ଭିଜିଲାନ୍ସ ଟିମ୍ ।

DSPL-159



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ମୌସୁମୀ ବର୍ଷା ଆରମ୍ଭ ହେବା ପରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର, ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଖଡ଼େଇ, କୁଡୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର
ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପ ଲାଇନ୍: ୧୦୪
OIPR-10003/13/0224/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
http://www.health.odisha.gov.in/
@HFWOdisha

## ବାଲେଶ୍ୱରରେ କମୁଛି ବଢିପାଣି, ହେଲେ ସରୁନି ଯନ୍ତ୍ରଣା

# ୫୦ ହଜାରରୁ ଅଧିକ ପ୍ରଭାବିତ : ବୁଡ଼ିଲା ୧୮୯୪ ହେକ୍ଟର ଚାଷ ଜମି

**ବାଲେଶ୍ୱର, ୦୩/୦୭**
**ନ୍ୟୁଜ ବ୍ୟୁରୋ/ନ୍ୟୁଜ**



ବାଲେଶ୍ୱରରେ ବନ୍ୟା ପରବର୍ତ୍ତୀ ଯନ୍ତ୍ରଣା ଏବେ ଜଟିଳ ହୋଇଛି । ଜିଲ୍ଲାର ତିନିଟି ପ୍ରମୁଖ ନଦୀ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକାରେ ଜଳସ୍ତର ହ୍ରାସ ପାଉଥିଲେ ହେଁ ନଦୀକୂଳିଆ ଲୋକଙ୍କ ଦୁଃଖ କମିନି । ବନ୍ୟାରେ ୬ ବ୍ଲକ୍‌ର ୫୦ ପଞ୍ଚାୟତ ଅନ୍ତର୍ଗତ ୫୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏବେ ବି ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। ୧୮୯୪ ହେକ୍ଟର ଚାଷ ଜମି ନଷ୍ଟ ହୋଇଥିବା ଆକଳନ କରାଯାଇଛି । ୨ ଜଣ ଭାସି ଯାଇ ପ୍ରାଣ ହରାଇଥିବାବେଳେ ସାପ କାମୁଡ଼ାରେ ଜଣକର ଜୀବନ ଯାଇଛି। ଉପରମୁଣ୍ଡରେ ଲଗାଣ ବର୍ଷା ପାଇଁ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକାରେ ବନ୍ୟା ଆସିଥିଲା। ଏଥିରେ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଜଳେଶ୍ୱର, ଜଳେଶ୍ୱର ମ୍ୟୁନିସିପାଲିଟି, ଭୋଗରାଇ, ରେମୁଣା, ବାଲେଶ୍ୱର ସଦର ବ୍ଲକ୍‌ର ୫୩ ପଞ୍ଚାୟତ ଅନ୍ତର୍ଗତ ଶତାଧିକ ଗ୍ରାମର ପାଖାପାଖି ୫୦ ହଜାର ଲୋକ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ୩ ହଜାର ୬୫୬ ଜଣ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ୧୪ ଅସ୍ଥାୟୀ ଆଶ୍ରୟସ୍ଥଳରେ ୧ ହଜାର ୯୭୫ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ୬ ଓଡ୍ରାଫ୍ ଟିମ୍, ୧୨ ଅଗ୍ନିଶମ ଟିମ୍‌କୁ ମୁତୟନ କରାଯାଇଛି। ଏଥର ବନ୍ୟାରେ ସୁବର୍ଣ୍ଣରେଖା ଅଧିକ ଦୁଃଖ ଦେଇଛି । ବନ୍ୟାକୁ ୪ ଦିନ ବିତି ଯାଇଥିଲେ ହେଁ ଏବେ ବି ଭୋଗରାଇ ବ୍ଲକ୍‌ର ନଦୀକୂଳିଆ ଅଞ୍ଚଳ ପାଣି ଘେରରେ ରହିଛି । ଲୋକଙ୍କ ଘରେ ଏକ ଫୁଟ୍‌ରୁ ଅଧିକ ପାଣି ଜମି ରହିଛି। ବ୍ଲକ୍‌ର ୧୩ ପଞ୍ଚାୟତର ୩୦ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହ ସମୀକ୍ଷା ବୈଠକ କରିଛନ୍ତି । ବାଲିଆପାଳ ବ୍ଲକ୍‌ର ପଞ୍ଚୁରୁଖି-ଚୌଧୁରୀକୁଦ ରାସ୍ତାରେ ୩ରୁ ୪ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଛି । ଅସ୍ତି ପଞ୍ଚାୟତର ପାଳଚମ୍ପି ଗାଁ ବିଚ୍ଛିନ୍ନ ହୋଇଥିବାରୁ ଲୋକେ ଦେଶୀ ଡଙ୍ଗାରେ ଯା'ଆସ କରୁଛନ୍ତି । ସେହିପରି ମଧୁପୁରା ପଞ୍ଚାୟତର ପଞ୍ଚରୁଖିଠାରୁ ଚୌଧୁରୀକୁଦ, ଜାମକୁଣ୍ଡାଠାରୁ ତାଳପଦା, କୁହ୍ଲାଚଢ଼, ଇକଡ଼ପାଳ, ନୟାବାଲି ଆଦି ଗାଁକୁ ବୋଟ୍ ଯୋଗେ ଲୋକେ ଯାତାୟାତ କରୁଛନ୍ତି । ବନ୍ୟାରେ ଭାସିଯାଇଥିବା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ରାକେଶ ସିଂ(୩୨)ଙ୍କ ମୃତଦେହ ଉଦ୍ଧାର ହୋଇଛି। ସେହିପରି ସୁବର୍ଣ୍ଣରେଖାରେ ଆସିଥିବା ପ୍ରଥମ ବନ୍ୟାରେ ଗତ ୨୩ ତାରିଖ ଭାସି ଯାଇ କୁହ୍ଲା ଗ୍ରାମର ମହେଶ୍ୱର ପିଳା (୨୪)ଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ଅଘଟଣ ବ୍ୟତୀତ ଭୋଗରାଇ ବ୍ଲକ୍ ଆରୁହାବୃତ୍ତି-୧ ପଞ୍ଚାୟତ ବାରବାଟିଆ ଗ୍ରାମର ସ୍ୱର୍ଗତ ଗୌରାଙ୍ଗ ଜେନାଙ୍କ ପତ୍ନୀ ଗୌରୀବାଳା (୯୨)ଙ୍କ ସର୍ପାଘାତରେ ମୃତ୍ୟୁ ହୋଇଛି । ବନ୍ୟାରେ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ବାଲେଶ୍ୱର ସଦର, ରେମୁଣା ବ୍ଲକରେ ୭୮ ପଞ୍ଚାୟତ ଅନ୍ତର୍ଗତ ୩୯୩ ଗ୍ରାମର ମୋଟ ୧ ହଜାର ୮୯୪ ହେକ୍ଟର ଚାଷ ଜମି ପ୍ରଭାବିତ ହୋଇଥିବା ଆକଳନ କରାଯାଇଛି । ଯେଉଁଥିରେ ୧ ହଜାର ୮୬ ହେକ୍ଟର ଧାନ ତଳି, ୩୧୫ ହେକ୍ଟର ଝୋଟ, ୪୯୩ ହେକ୍ଟର ପରିବା ଚାଷ ରହିଛି । ଅବଶ୍ୟ ଏହା ଚୂଡ଼ାନ୍ତ ରିପୋର୍ଟ ନୁହେଁ। କ୍ଷୟକ୍ଷତି ଆହୁରି ବଢ଼ିବା ନେଇ କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।